# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, March 12/2026 | Page 16 | ₹ 7.00

୫୨ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 106 | ମୂଲ୍ୟ ₹୭/-




**ପ୍ରଥମରେ ରହିଲେ ଅଭିଷେକ**

ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ବ୍ୟାଟର ର୍‍ୟାଙ୍କିଙ୍ଗ୍ ତାଲିକାରେ ଅଭିଷେକ ଶର୍ମା ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି।

୧୬

୦୨

**ସ୍ୱାମୀଙ୍କଠାରୁ ଅଲଗା ହେଲେ ହଂସିକା**

୪ ବର୍ଷର ବୈବାହିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅଭିନେତ୍ରୀ ହଂସିକା ମୋଟୱାନୀ ଓ ତାଙ୍କ ବ୍ୟବସାୟୀ ସ୍ୱାମୀ ସୋହେଲ କାଥୁରିଆ।





ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବୁଧବାର ଆକ୍ରମଣ ପରେ ଥାଇଲାଣ୍ଡ ଜାହାଜ 'ମୟୂରୀ ନାରୀ' ଜଳିଯାଉଥିବା ବେଳର ଦୃଶ୍ୟ।

# ୨ୟ ଶ୍ରେଣୀ ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

**ଜଙ୍ଗଲରେ ଫିଙ୍ଗିଦେଲେ**

ସୁନ୍ଦରଗଡ଼, ୧୧।୩ (ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ତଣ୍ଟି ଚିପି ହତ୍ୟା କରାଯାଇଛି। ପୋଲିସ ଛାତ୍ରୀଙ୍କ ଗଳିତ ମୃତଦେହକୁ ବୁଧବାର ଏକ ଜଙ୍ଗଲ ମଧ୍ୟରୁ ଜବତ କରିଛି। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଜଣଙ୍କ ଛାତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ନେଇ ସ୍ୱୀକାର କରିଥିବା ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏନେଇ ପୋଲିସ ପୂର୍ବରୁ ରୁଜୁ ହୋଇଥିବା ନିଖୋଜ ମାମଲାକୁ ହତ୍ୟା ମାମଲାକୁ ପରିବର୍ତ୍ତନ କରିଛି।

ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଗତ ୯ ତାରିଖରୁ ନିଖୋଜ ହୋଇଥିଲେ। ଏନେଇ ୧୦ ତାରିଖରେ ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଏକ ନିଖୋଜ ମାମଲା (ନଂ. ୧୫୭/୨୬)ରୁଜୁ କରି ୨ରୁ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କୁ ତଣ୍ଟିଚିପି ହତ୍ୟା କରି ନିକଟ ଏକ ଜଙ୍ଗଲରେ ମୃତଦେହ ପକାଇ ଚାଲିଆସିଥିବା ପୋଲିସ ଜେରା ବେଳେ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୋଲିସ ବୁଧବାର ଜଙ୍ଗଲ ମଧ୍ୟରୁ ଛାତ୍ରୀଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ଏସଡିପିଓ ଭୋଇ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ** ଦୁଇ ଭିନ୍ନ ଦେଶ

# ୧ ଡଲାର = ୯୨.୦୧ ଟଙ୍କା



ମୁମ୍ବାଇ, ୧୧।୩ (ପି.ଟି)

ମଧ୍ୟପ୍ରାଚ୍ୟ ଯୁଦ୍ଧ କେବଳ ଭାରତୀୟ ପୁଞ୍ଜିବଜାରକୁ ପ୍ରଭାବିତ କରିନାହିଁ, ବରଂ ଟଙ୍କାକୁ ମଧ ଦୁର୍ବଳ କରିଚାଲିଛି। ବୁଧବାର ସେସନ୍‌ରେ କାରବାର ଶେଷ ସୁଦ୍ଧା ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୧୬ ପଇସା ହ୍ରାସ ପାଇ ୯୨.୦୧ ରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ (ବ୍ରେଣ୍ଟ କ୍ରୁଡ୍) ଦର ୫.୪୪% ବୃଦ୍ଧି ପାଇ ବ୍ୟାରେଲ ପିଛା ୯୨.୫୮ ଡଲାରରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ଟଙ୍କା ଉପରେ ପଡ଼ିଛି। ବିଶ୍ୱର ପ୍ରମୁଖ ୬ଟି ମୁଦ୍ରା ତୁଳନାରେ ଡଲାରର ସୂଚକାଙ୍କ ୦.୧୪% ବୃଦ୍ଧି ପାଇ ୯୮.୯୬ରେ ରହିଛି। ବୁଧବାର ମୁଦ୍ରା ବଜାର ଖୋଲିବାବେଳେ ଟଙ୍କା ୯୧.୯୨ ସ୍ତରରେ ଥିଲା। ପରେ ଏହା ୯୧.୮୫ରୁ ୯୨.୦୬ ମଧ୍ୟରେ କାରବାର କରି ଶେଷରେ ୯୨.୦୧ରେ ☞ପୃଷ୍ଠା-୪

# ଭାରତ ଆସୁଥିବା ଜାହାଜକୁ ଆକ୍ରମଣ

- **୨ ଭାରତୀୟ ମୃତ, ଜଣେ ନିଖୋଜ**
- **ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଫସିଛି ୨୮ ଭାରତୀୟ ଜାହାଜ, ୭୭୮ କ୍ରିଭ**

ଦୁବାଇ/ନୂଆଦିଲ୍ଲୀ, ୧୧।୩ (ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟର ଯୁଦ୍ଧର ଭୟଙ୍କର ପରିଣାମ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଦେଖିବାକୁ ମିଳିଛି। ଏହି ସାମୁଦ୍ରିକ ଜଳପଥ ଦେଇ ଆସୁଥିବା ତୈଳ ପରିବହନକାରୀ ବାଣିଜ୍ୟିକ ଜାହାଜଗୁଡ଼ିକୁ ଇରାନ୍ ଆକ୍ରମଣ କରୁଥିବାରୁ ବିଭିନ୍ନ ଦେଶରେ ତୈଳ ଓ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏହିକ୍ରମେ ଭାରତକୁ ଆସୁଥିବା ଥାଇଲାଣ୍ଡର ଏକ ଜାହାଜ ଉପରେ ବୁଧବାର ଅଜ୍ଞାତ ସ୍ଥାନରୁ ଅତର୍କିତ ଆକ୍ରମଣ ହୋଇଛି। ରୟାଲ ଥାଇ ନେଭିର ମୟୂରୀ ନାରୀ ନାମକ ଉକ୍ତ ଜାହାଜରେ ୩ ଭାରତୀୟଙ୍କ ସମେତ ୨୩ କ୍ରିଭ ମେମ୍ବର ଥିଲେ। ଜାହାଜ ଉପରେ ପ୍ରୋଜେକ୍ଟାଇଲ ଆକ୍ରମଣ ପରେ ସେଥିରେ ନିଆଁ ଲାଗିଯିବାରୁ ଏହାର ଇଞ୍ଜିନ ନଷ୍ଟ ହୋଇଯିବା ସହ ୨ ଭାରତୀୟଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଛନ୍ତି। ମୟୂରୀ ନାରୀ ଜାହାଜରୁ ଥାଇଲାଣ୍ଡର ୨୦ କ୍ରିଭ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି।

ଇରାନ୍ ସହ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ପରିପ୍ରେକ୍ଷୀରେ ବୈଶ୍ୱିକ ତୈଳ ଓ ପ୍ରାକୃତିକ ବାଷ୍ପ ବଜାର ଫୁଲି ଉଠିଥିବାବେଳେ ଉଭୟ ପକ୍ଷରୁ ବାକ୍ୟ ବିନିମୟ ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ବିରୋଧୀ ଯୁଦ୍ଧକୁ ନେଇ ବିଭିନ୍ନ ସମୟରେ ନିଜ ମତ ବଦଳାଇ ଚାଲିଥିବାରୁ ଆଗକୁ କ'ଣ ହେବ ତାହା କହିହେଉନାହିଁ। ଏଭଳି ସ୍ଥିତିରେ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକରେ ଭାରତ ସମେତ ଅନେକ ରାଷ୍ଟ୍ରର ତୈଳ ପରିବହନକାରୀ ଜାହାଜ ଫସିରହିଛି। ସ୍ଥିତିରେ ସାମାନ୍ୟ ସୁଧାର ପରିଲକ୍ଷିତ ହେଲେ ଜାହାଜଗୁଡ଼ିକ ଜଳପଥ ଦେଇ ଅଗ୍ରସର ହେଉଛନ୍ତି। ଇରାନ୍ ସେଗୁଡ଼ିକୁ ଆକ୍ରମଣ କରୁଥିବାରୁ ଧନଜୀବନ ହାନି ହେଉଛି।

ଏହାର ପ୍ରଭାବରୁ ଭାରତ ନିଜକୁ ମୁକ୍ତ କରିପାରି ନାହିଁ। ଥାଇଲାଣ୍ଡ ଜାହାଜରେ ଆକ୍ରମଣ ପରେ ନିଆଁ ଲାଗିଯିବାରୁ ୩ ଭାରତୀୟ ନିଖୋଜ ହୋଇଯାଇଥିବା ନେଇ ଜାହାଜ ପରିଚାଳନାକାରୀ ପ୍ରେସିଅସ୍ ଶିପିଂ ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। କିନ୍ତୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ୨ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ଓ ଜଣେ ନିଖୋଜ ହୋଇଯାଇଥିବା ସ୍ପଷ୍ଟ କରିଛି। ଜାହାଜଗୁଡ଼ିକର ଚଳାଚଳ ଉପରେ ନଜର ରଖୁଥିବା ୱେବ୍‌ସାଇଟ୍ ଭେସେଲ୍ ଫାଇଣ୍ଡର ନିଜ ୱେବ୍‌ସାଇଟ୍‌ରେ ଦର୍ଶାଇଛି ଯେ ଜାହାଜଟି ଗୁଜରାଟର କାଣ୍ଡଲା ଅଭିମୁଖେ ଯାତ୍ରା କରୁଥିଲା। ଆକ୍ରମଣ ପରେ ଉକ୍ତ ଜାହାଜରୁ ୨୦ ଜଣଙ୍କୁ ଓମାନ ନୌସେନା ପକ୍ଷରୁ ଉଦ୍ଧାର କରାଯାଇଛି।

ପାରସ୍ୟ ଉପସାଗରରେ ଅଦ୍ୟାବଧି ୨୮ଟି ଭାରତୀୟ ଜାହାଜ ଫସିରହିଛି। ସେଗୁଡ଼ିକରେ ୭୭୮ ଜଣ କ୍ରିଭ ମେମ୍ବର ରହିଥିବା ଭାରତ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରୁ ୨୪ ଭାରତୀୟ ଜାହାଜରେ ଥିବା ୭୭୮ ଜଣଙ୍କ ମଧ୍ୟରୁ ୬୭୭ କ୍ରିଭ ମେମ୍ବର କେବଳ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପଶ୍ଚିମ ଭାଗରେ ଫସି ରହିଛନ୍ତି। ଅନ୍ୟ ପୂର୍ବ ଭାଗରେ ଥିବା ୪ ଜାହାଜରେ ୧୦୧ ଜଣ ରହିଛନ୍ତି। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସ୍ଥିତି ଉପରେ ସକ୍ରିୟ ନଜର ରଖାଯାଇଛି। ଉକ୍ତ ଜାହାଜଗୁଡ଼ିକ ସହ ସେଥିରେ ଥିବା ସମସ୍ତ କ୍ରିଭ ମେମ୍ବରଙ୍କୁ ସୁରକ୍ଷିତ ଭାବେ କିପରି ଉଦ୍ଧାର କରାଯିବ ତାହା ଉପରେ ସରକାର ଜୋର୍ ଦେଉଛନ୍ତି। ଏଥିପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟପ୍ରାଚ୍ୟରେ ଥିବା ଭାରତୀୟ ଦୂତାବାସ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଜରୁରୀ ପଦକ୍ଷେପ ନେଉଥିବା ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା ସୂଚନା ଦେଇଛନ୍ତି। ଇତିମଧ୍ୟରେ ସ୍ଥିତି ଉପରେ ନଜର ରଖିବା ପାଇଁ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

# ବିବାଦୀୟ ଅଧ୍ୟାୟର ଲେଖକଙ୍କଠାରୁ ସରକାର ଦୂରେଇ ରୁହନ୍ତୁ: ସୁପ୍ରିମକୋର୍ଟ

**ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଥିବା ବିବାଦୀୟ 'ନ୍ୟାୟପାଳିକା' ବିଷୟକୁ ନେଇ ଚାଲିଥିବା ମାମଲାରେ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର ଏବଂ ରାଜ୍ୟଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାଦୀୟ ପ୍ରସଙ୍ଗରେ ଆଲେଖ୍ୟ ପ୍ରସ୍ତୁତ କରିଥିବା ୩ ବିଶେଷଜ୍ଞ ପ୍ରଫେସର ମିସେଲ ଡାନିନୋ, ସୁପର୍ଣ୍ଣା ଦିବାକର ଏବଂ ଆଲୋକ ପ୍ରସନ୍ନ କୁମାରଙ୍କଠାରୁ ସରକାର ନିଜକୁ ଦୂରେଇ ରଖନ୍ତୁ ବୋଲି କୋର୍ଟ କହିଛନ୍ତି। ଏହି ଲେଖକମାନଙ୍କର ବିଚାରଧାରା ପାଠ୍ୟପୁସ୍ତକରେ ପ୍ରତିଫଳିତ ହେବା ଅନୁଚିତ। ତେଣୁ ସେମାନଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇବାକୁ କୁହାଯାଇଛି। ଉକ୍ତ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ଏବଂ କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରାଯାଇଥିଲା। ଏହାକୁ ନେଇ କୋର୍ଟ କିଛିଦିନ ତଳେ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ପାଠ୍ୟପୁସ୍ତକକୁ ନିଷିଦ୍ଧ କରିଥିଲେ।**

**ଏନ୍‌ସିଇଆର୍‌ଟି ବହି ବିବାଦ**

- **ଅଧ୍ୟାୟ ପୁନର୍ଲିଖନକୁ ନେଇ ଖଣ୍ଡପୀଠ ଅସନ୍ତୁଷ୍ଟ**
- **ଅନୁମୋଦନ ବିନା ପ୍ରକାଶନ ମନା**

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ନ୍ୟାୟପାଳିକାରେ ଦୁର୍ନୀତି ସମ୍ପର୍କିତ ବିବାଦୀୟ ଅଧ୍ୟାୟ ଲେଖିଥିବା ୩ ବିଶେଷଜ୍ଞ ପ୍ରଫେସରଙ୍କ ସହ ସମସ୍ତ ସମ୍ପର୍କ ତୁରନ୍ତ ଛିନ୍ନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରୀ ପାଣ୍ଠି ବ୍ୟବହୃତ ହେଉଥିବା କୌଣସି ପ୍ରକଳ୍ପ ବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏହି ୩ଜଣଙ୍କୁ ନ ଦେବାକୁ ଶୀର୍ଷ ଅଦାଲତ କହିଛନ୍ତି। କୋର୍ଟଙ୍କ ଅନୁସାରେ, ଏମାନେ ଜାଣିଶୁଣି ଛାତ୍ରୀଛାତ୍ରଙ୍କ ଆଗରେ ନ୍ୟାୟପାଳିକାର ଏକ ନକାରାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କୁ ୧ ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିବାକୁ କୁହାଯାଇଛି। ଉକ୍ତ କମିଟିରେ ଜଣେ ଲେଖାଏ ପୂର୍ବତନ ବରିଷ୍ଠ ବିଚାରପତି, ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରତିଷ୍ଠିତ ଆଇନଜୀବୀ ରହିବେ। କମିଟି କେବଳ ଅଷ୍ଟମ ଶ୍ରେଣୀ ନୁହେଁ, ବରଂ ଉଚ୍ଚତର ଶ୍ରେଣୀଗୁଡ଼ିକ ପାଠ୍ୟକ୍ରମର ଯାଞ୍ଚ ଓ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବ। ଏଥିପାଇଁ ଭୋପାଳସ୍ଥିତ ନ୍ୟାଶନାଲ ଜୁଡିସିଆଲ ଏକାଡେମୀର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଫେବୃଆରୀ ୨୬ରେ ଜାରି ହୋଇଥିବା ନିର୍ଦ୍ଦେଶ ପରେ କିଛି 'ଅସାମାଜିକ ତତ୍ତ୍ୱ' ସୋସିଆଲ ମିଡିଆରେ ଦାୟିତ୍ୱହୀନ ଭାବେ ପ୍ରତିକ୍ରିୟା ରଖିଛନ୍ତି। ☞ପୃଷ୍ଠା-୪

# ଆରାବଳୀ: ବର୍ଷକୁ ୧୩.୮% ମୃତ୍ତିକା କ୍ଷୟ

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ଆରାବଳୀ ପର୍ବତମାଳାର ପରିବେଶ କ୍ଷୟକ୍ଷତିକୁ ନେଇ ଏକ ଚିନ୍ତାଜନକ ତଥ୍ୟ ବୁଧବାର ସାମ୍ନାକୁ ଆସିଛି। ୨୦୧୭ରୁ ୨୦୨୪ ମଧ୍ୟରେ ଆରାବଳୀ ଅଞ୍ଚଳରେ ବାର୍ଷିକ ହାରାହାରି ମୃତ୍ତିକା କ୍ଷୟ ୧୩.୮% ବୃଦ୍ଧି ପାଇଛି। ଏହା ବର୍ଷକୁ ୧.୫୯ ଟନ୍ ହେକ୍ଟରରୁ ବଢ଼ି ୧.୮୧ ଟନ୍ ହେକ୍ଟରରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ଆରାବଳୀରେ ସହରୀକରଣ ଏବଂ ନିର୍ମାଣ କାର୍ଯ୍ୟ ୫୩% ବୃଦ୍ଧି ପାଇଛି। ଚାଷଜମି ଏବଂ ଘାସପଡ଼ିଆକୁ ନଷ୍ଟକରି ଏହି ନିର୍ମାଣ କରାଯାଇଛି। ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଆଇଆଇଟି



ଖଡ଼ଗପୁରର ଗବେଷକମାନଙ୍କ ପକ୍ଷରୁ କରାଯାଇଥିବା ମିଳିତ ଅଧ୍ୟୟନରୁ ଏହି ତଥ୍ୟ ଜଣାପଡ଼ିଛି।

ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ଆଶ୍ଚର୍ଯ୍ୟଜନକ ଭାବେ ବନୀକରଣ ବୃଦ୍ଧି ପାଇଥିଲେ ମଧ ମୃତ୍ତିକା କ୍ଷୟ କମିନାହିଁ। ଗବେଷକମାନେ କହିଛନ୍ତି, କେବଳ ଗଛ ଲଗାଇବା ଦ୍ୱାରା ବ୍ୟାପକ ସ୍ତରରେ ହେଉଥିବା ଜମିର ରୂପାନ୍ତରଣକୁ ରୋକାଯାଇପାରିବ ନାହିଁ। ଆରାବଳୀ ଭାରତର ପୁରାତନ ଏବଂ ଖଣିଜ ସମ୍ପଦରେ ଭରପୂର ପର୍ବତମାଳା ହୋଇଥିବାରୁ ଏଠାରେ ବହୁଳ ଭାବେ ଖଣି ଖନନ ଚାଲିଛି। ମାନବୀୟ କାର୍ଯ୍ୟକଳାପ ସହିତ ପରିବର୍ତ୍ତିତ ପାଣିପାଗ ମୃତ୍ତିକା କ୍ଷୟକୁ ଅଧିକ ତ୍ୱରାନ୍ୱିତ କରିଛି। ପ୍ରାକୃତିକ ପରିବେଶକୁ କଂକ୍ରିଟ ଜଙ୍ଗଲରେ ପରିଣତ କରିବା ଫଳରେ ମାଟିର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ନଷ୍ଟ ହୋଇଯାଇଛି। ସ୍ଥାନୀୟ ସଂରକ୍ଷଣ କାର୍ଯ୍ୟ ଅପେକ୍ଷା ଜମିର ଅଣକୃଷି ବ୍ୟବହାର (ନିର୍ମାଣ) ଅଧିକ ହେଲେ ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ ବୋଲି ଉପରୋକ୍ତ ଅଧ୍ୟୟନ ଚେତାଇ ଦେଇଛି।






ଶ୍ରୀନଗରରେ ହଜରତ ଅଲୀଙ୍କ ଶହୀଦ ଦିବସ ପାଳନ ଅବସରରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର ପ୍ରାର୍ଥନା ସଭାରେ ମୁସଲମାନ୍ ସମ୍ପ୍ରଦାୟର ମହିଳା ଓ ପୁରୁଷ। **(ଫଟୋ ସୌଜନ୍ୟ: ଏ.ପି.)**

# କାଟ୍ ଖାଇଲା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ଶାସକ-ବିରୋଧୀ ମୁହାଁମୁହିଁ

**ନୂଆଦିଲ୍ଲୀ,୧୧।୩**

ବିରୋଧୀ ଦଳଗୁଡିକ ପକ୍ଷରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବୁଧବାର ଖାରଜ ହୋଇଯାଇଛି। ବାଚସ୍ପତିଙ୍କୁ ତାଙ୍କ ପଦରୁ ହଟାଇବା ଲାଗି ଅଣାଯାଇଥିବା ଏହି ପ୍ରସ୍ତାବ ଉପରେ ଗତ ମଙ୍ଗଳବାରଠାରୁ ଆଲୋଚନା ଆରମ୍ଭ ହୋଇଥିଲା ବେଳେ ବୁଧବାର ମଧ୍ୟ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହି ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କିନ୍ତୁ ବାଚନିକ ଭୋଟ୍‌ରେ ଏହି ପ୍ରସ୍ତାବ ଖାରଜ ହୋଇଯାଇଛି।

ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାରିତ କରିବାକୁ ଯୁକ୍ତି ବାଢ଼ିଥିଲାବେଳେ ଶାସକ ଗୋଷ୍ଠୀ ବାଚସ୍ପତିଙ୍କ ସପକ୍ଷରେ ବିରୋଧୀଦଳଗୁଡିକୁ ଟାର୍ଗେଟ କରି ଅନେକ ପ୍ରଶ୍ନ ଉଠାଇଥିଲେ। ବିଶେଷକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ୧୫ତମ ଲୋକ ସଭାରୁ ୧୭ତମ ଲୋକ ସଭା ଭିତରେ ରାହୁଲଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଶ୍ନ ଉଠାଇଥିଲାବେଳେ ବିରୋଧୀ ସଦସ୍ୟମାନେ ଏହାକୁ ଘୋର ବିରୋଧ କରି ହଙ୍ଗାମା କରିଥିଲେ। ଶାହା ଗୃହରେ ଏଭଳି ପ୍ରଶ୍ନ ଉତ୍ଥାପନ ପାଇଁ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ତେବେ ଗୃହ କାର୍ଯ୍ୟ କୌଣସି ଦଳର ଇଚ୍ଛା ଅନୁସାରେ ଚାଲେ ନାହିଁ , ସାମ୍ବିଧାନିକ ନିୟମ ଅନୁସାରେ ପରିଚାଳିତ ହୋଇଥାଏ ବୋଲି ଶାହା କହିଥିଲେ। ପ୍ରାୟ ୫୬ ମିନିଟ୍ ଧରି ଶାହା ଏହି ପ୍ରସଙ୍ଗରେ ଆଲୋଚନା କରି କହିଥିଲେ, ୧୮ତମ ଲୋକସଭାରେ ଭାଜପା ତୁଳନାରେ କଂଗ୍ରେସ ଏମ୍‌ପିମାନଙ୍କୁ ଅଧିକ ସମୟ କହିବାକୁ ସୁଯୋଗ ଦିଆଯାଇଛି। ଏହାସତ୍ତ୍ୱେ ସେମାନେ ଭିତ୍ତିହୀନ ଅଭିଯୋଗ ଆଣି ସେମାନଙ୍କୁ କହିବାକୁ ସୁଯୋଗ ଦିଆଯାଉ ନାହିଁ ବୋଲି କହୁଛନ୍ତି। ଯେତେବେଳେ କହିବାକୁ ସୁଯୋଗ ମିଳୁଛି ବିରୋଧୀ ଦଳ ନେତା ଜର୍ମାନୀ କିମ୍ବା ଇଂଲଣ୍ଡ ପଳାଉଛନ୍ତି ବୋଲି ଶାହା ରାହୁଲଙ୍କ ଉଦ୍ଦେଶ୍ୟରେ କହିବା ପରେ ବିରୋଧୀ ଦଳର ସଦସ୍ୟମାନେ ହଙ୍ଗାମା କରିଥିଲେ।

# ଯୁଦ୍ଧାବସାନର ସଙ୍କେତ ନାହିଁ

## ବିଶ୍ୱ ଅର୍ଥନୀତି ବିଗାଡ଼ିବାକୁ ରଣନୀତି କରିଛି ଇରାନ୍

**ତେହରାନ୍,୧୧।୩**

୧୨ ଦିନରେ ପହଞ୍ଚିଥିବା ଇରାନ-ଆମେରିକା ଯୁଦ୍ଧ ଉର୍ଜାକୁ ନେଇ ସାରା ବିଶ୍ୱରେ ଉତ୍କଟ ସ୍ଥିତି ଉତ୍ପନ୍ନ କରିଛି। ଏହାସତ୍ତ୍ୱେ ଯୁଦ୍ଧର ଅନ୍ତ ଆକଳନ କରିବା ମୁସ୍କିଲ ହୋଇପଡ଼ିଛି। କାରଣ ସାମ୍ପ୍ରତିକ ସ୍ଥିତିରେ ଇରାନ ଏବଂ ଆମେରିକାର ଆଭିମୁଖ୍ୟ ଯେଭଳି ରହିଛି, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯେ ନିକଟ ଭବିଷ୍ୟରେ ଶେଷ ହେବ, ତାହା ଅସମ୍ଭବ ମନେ ହେଉଛି ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୫ ଜୁନ୍‌ରେ ଇସ୍ରାଏଲ ଇରାନ ବିରୋଧରେ ଆରମ୍ଭ କରିଥିବା ଯୁଦ୍ଧ ମାତ୍ର ୧୨ ଦନରେ ଶେଷ ହୋଇଥିଲା। ଏହି ସମୟରେ ଆମେରିକା ଇରାନର ବହୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଓ କ୍ଷେପଣାସ୍ତ୍ର ଘାଟି ଧ୍ୱଂସ କରିଦେଇଥିଲା। କିନ୍ତୁ ଫେବୃଆରୀ ୨୮ରେ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆରମ୍ଭ କରିଥିବା ଯୁଦ୍ଧକୁ ଏବେ ୧୨ ଦିନ ପୂରିଥିଲେ ମଧ୍ୟ ଏହାର ଅନ୍ତକୁ ନେଇ କୌଣସି ସଙ୍କେତ ମିଳୁନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା କରି ନୂଆ ଶାସନତନ୍ତ୍ର ପ୍ରତିଷ୍ଠାକରି ସପ୍ତାହ ଭିତରେ ଯୁଦ୍ଧ ଶେଷ କରିଦେବେ ବୋଲି ଭାବି ନେଇଥିଲେ। କିନ୍ତୁ ଟ୍ରମ୍ପ୍‌ଙ୍କ ଏହି ଆକଳନ ଏବେ ଭୁଲ୍ ସାବ୍ୟସ୍ତ ହୋଇଛି। ଟ୍ରମ୍ପ୍ ଆରମ୍ଭ କରିଥିବା ଯୁଦ୍ଧକୁ କିଭଳି ଶେଷ କରିବେ ତାହା ନିଜେ ମଧ୍ୟ ବୁଝିପାରୁନାହାନ୍ତି। ସେ ଯେବେ ଚାହିଁବେ ଯୁଦ୍ଧ ବନ୍ଦ କରିଦେବେ ବୋଲି ବୁଧବାର ଦୃଢ଼ୋକ୍ତି କରିଛନ୍ତି। କିନ୍ତୁ ନିଜର ସର୍ବୋଚ୍ଚ ନେତାଙ୍କୁ ହରାଇଥିବା ଇରାନ ଏବେ ସାମରିକ,ଆର୍ଥିକ ଦୃଷ୍ଟିକୋଣରୁ ଦିଶାହୀନ ହୋଇପଡ଼ିଥିଲେ ମଧ୍ୟ ଆମେରିକା ଓ ଇସ୍ରାଏଲ ବିରୋଧରେ ଯେଭଳି ହୁଙ୍କାର ଦେଇଛି, ତଦ୍ୱାରା ଯୁଦ୍ଧ ନିକଟ ଭବିଷ୍ୟତରେ ଶେଷ ହେବାର ସମ୍ଭାବନାକୁ କମ୍ ଦର୍ଶାଉଛି। ଆମେରିକା ଓ ଇସ୍ରାଏଲ ଇରାନ୍ ତୁଳନାରେ ବାୟୁସେନା ଦୃଷ୍ଟିରୁ ଅତ୍ୟନ୍ତ ସବଳ ରହିଥିବା ସତ୍ତ୍ୱେ ଇରାନ ଏହି ଯୁଦ୍ଧର ଅନ୍ତ ନିଜେ ଘୋଷଣା କରିବ ବୋଲି କହିବା ତାହାର ଅନ୍ତର୍ନିହିତ ସାମର୍ଥ୍ୟକୁ ଦୃଢ଼ କରିଛି। ଇରାନ ପ୍ରତିରକ୍ଷା ଏବଂ ପ୍ରତ୍ୟକ୍ଷ ଯୁଦ୍ଧ ବଦଳରେ ଯେଭଳି ରଣନୀତି ଆପଣାଇଛି, ତାହାହିଁ ତାକୁ ଯୁଦ୍ଧକୁ ଆଗକୁ ବଢ଼ାଇବାକୁ ବଳ ଯୋଗାଇଛି ବୋଲି ସାମରିକ ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମତଃ ଇରାନ ଉପସାଗରୀୟ ଦେଶଗୁଡିକ ଉପରେ ଆକ୍ରମଣ କରି ପରୋକ୍ଷରେ ସେଗୁଡିକୁ ଯୁଦ୍ଧ ବିବାଦକୁ ଟାଣିଆଣିଛି। ଅନ୍ୟପଟେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ସାରା ବିଶ୍ୱ ପାଇଁ ଉର୍ଜା ସଙ୍କଟ ଛିଡ଼ା କରିଛି। ଏହାଛଡ଼ା ଇରାନର ସ୍ୱଦେଶୀ ଏବଂ କମ୍ ଖର୍ଚ୍ଚରେ ନିର୍ମିତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆମେରିକାର ବହୁମୂଲ୍ୟ କ୍ଷେପଣାସ୍ତ୍ର ପାଇଁ ଆର୍ଥିକ ଦୃଷ୍ଟିରୁ ଘାତକ ହୋଇଛି। ସେହିପରି ଅନ୍ତରୀଣ ମୁଖିଆଙ୍କ ପ୍ରତି ଇରାନବାସୀଙ୍କ ଦୃଢ଼ ସମର୍ଥନ ଏବଂ ଇରାନର ଭୌଗୋଳିକ ସ୍ଥିତି ଆମେରିକା ପାଇଁ ସ୍ଥଳ ଯୁଦ୍ଧ ପାଇଁ ପ୍ରତିବନ୍ଧକ ହୋଇଛି।

# ରିଲାଏନ୍ସ କରିବ ୩୦୦ ବିଲିୟନ୍ ଡଲାର ନିବେଶ

## ଆମେରିକାରେ ପ୍ରଥମ ବୃହତ୍ ତୈଳ ବିଶୋଧନାଗାର



**ୱାଶିଂଟନ୍/ନୂଆଦିଲ୍ଲୀ,୧୧।୩**

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଆମେରିକାରେ ଏକ ବୃହତ୍ ତୈଳ ବିଶୋଧନାଗାର ନିର୍ମାଣ କରିବେ। ଏଥିପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ୩୦୦ ବିଲିୟନ୍ ଡଲାର ମୂଲ୍ୟର ନିବେଶ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ସୂଚନା ଦେଇଛନ୍ତି।

ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଟ୍ ସୋସିଆଲରେ ଏକ ପୋଷ୍ଟ କରି ଆମେରିକାରେ ତୈଳ ବିଶୋଧନାଗାର ନିର୍ମାଣ ପ୍ରସ୍ତାବ ସମ୍ପର୍କିତ ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି, ଆମେରିକାରେ ଗତ ୫ ଦଶନ୍ଧି ମଧ୍ୟରେ କେତେକ ରିଫାଇନେରି କରାଯାଇଛି। କିନ୍ତୁ ୫୦ ବର୍ଷରେ ଏହା ସବୁଠୁ ବଡ଼ ବିଶୋଧନାଗାର ହେବାକୁ ଯାଉଛି। ରାଷ୍ଟ୍ରପତି ଟ୍ରମ୍ପ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ ପ୍ରଶଂସା କରି କହିଛନ୍ତି, ଭାରତର ସର୍ବବୃହତ୍ ଘରୋଇ ଓ ଶକ୍ତି କମ୍ପାନୀ ପକ୍ଷରୁ କରାଯିବାକୁ ଥିବା ନିବେଶ ଅତ୍ୟନ୍ତ ଉତ୍ସାହଜନକ। ଟେକ୍ସାସ୍‌ର ବ୍ରାଉନ୍ସଭିଲେ ବନ୍ଦରରେ ନୂଆ ରିଫାଇନେରି ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଜାତୀୟ ନିରାପତ୍ତାକୁ ତ୍ୱରାନ୍ୱିତ କରିବା ସହ ଆମେରିକାର ଶକ୍ତି ଉତ୍ପାଦନ କ୍ଷମତାକୁ ବଢ଼ାଇବ। ଏହା ବିଶ୍ୱର ସବୁଠୁ ସ୍ୱଚ୍ଛ ରିଫାଇନେରି ହେବାକୁ ଯାଉଛି। ଆମେରିକାର ଏନର୍ଜି ଇତିହାସରେ ଏହାକୁ ସବୁଠୁ ବଡ଼ ଚୁକ୍ତି ବୋଲି କୁହାଯାଉଛି। ରିଲାଏନ୍ସ ଗୁଜରାଟର ଜାମନଗରରେ ବିଶ୍ୱର ସର୍ବବୃହତ୍ ଅଏଲ୍ ରିଫାଇନେରି ପ୍ରତିଷ୍ଠା କରିଛି, ଯାହାର ବଜାର କ୍ୟାପିଟାଲାଇଜେଶନ୍ ହେଉଛି ୨୦୮ ବିଲିୟନ୍ ଡଲାର।

# ଆମେରିକୀୟ ବ୍ୟାଙ୍କଗୁଡ଼ିକୁ ଇରାନ୍‌ର ଟାର୍ଗେଟ

**ତେହରାନ୍,୧୧।୩**

ଇରାନ୍-ଆମେରିକା ଯୁଦ୍ଧ ୧୨ ଦିନରେ ପହଞ୍ଚିଥିଲା ବେଳେ ଉଭୟ ପକ୍ଷଙ୍କ ଆକ୍ରମଣ ଲକ୍ଷ୍ୟ ବେଳକୁ ବେଳ ବଦଳିବାରେ ଲାଗିଛି। ପ୍ରଥମେ ତୈଳ ରିଫାଇନେରିଗୁଡିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏହାପରେ ଉପସାଗରୀୟ ଦେଶଗୁଡିକରେ ରହିଥିବା ପ୍ରାୟ ୪୦୦ ୱାଟର ଡି-ସାଲାଇନେଶନ୍ ପ୍ଲାଣ୍ଟଗୁଡିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏବେ ଆମେରିକା ଇରାନ୍‌ର ବ୍ୟାଙ୍କ ଉପରେ ଆକ୍ରମଣ କରିବା ପରେ ଇରାନ୍‌ର ଆଇଆର୍‌ଜିସି ମଧ୍ୟପ୍ରାଚ୍ୟରେ ରହିଥିବା ଆମେରିକାର ବିଭିନ୍ନ ଆର୍ଥିକ ଅନୁଷ୍ଠାନ ଓ ବ୍ୟାଙ୍କଗୁଡିକୁ ଟାର୍ଗେଟ କରି ବୁଧବାର ଆକ୍ରମଣ କରିଛି।

# ଇସ୍ରାଏଲ୍ ବିଶ୍ୱର ୭ମ ଅସ୍ତ୍ର ରପ୍ତାନିକାରୀ

## ପ୍ରତିରକ୍ଷା ବିନିର୍ମାଣରେ ବ୍ରିଟେନ୍‌କୁ ପଛରେ ପକାଇଲା

**ଜେରୁଜେଲମ୍,୧୧।୩(ପି.ଟି.)**

ଯୁଦ୍ଧ ଯୋଗୁ ଆକାଶମାର୍ଗରୁ ଏୟାର ଷ୍ଟ୍ରାଇକ୍ କରିହେବା ଭଳି ଏୟାରକ୍ରାଫ୍ଟ ସମେତ ପ୍ରତିରକ୍ଷା ଉପକରଣ ଚାହିଦା ବୃଦ୍ଧି ଇସ୍ରାଏଲ୍‌କୁ ଏହି କ୍ଷେତ୍ରରେ ଆଉ ପାଦେ ଅଗ୍ରସର କରାଇଛି। ଇସ୍ରାଏଲ୍‌ର ପ୍ରତିରକ୍ଷା ଶିଳ୍ପରେ ଆଖିଦୃଶିଆ ଅଭିବୃଦ୍ଧି ଘଟିଛି। ଇସ୍ରାଏଲ୍ ୨୦୨୧-୨୫ରେ ବ୍ରିଟେନ୍‌କୁ ପଛରେ ପକାଇ ବିଶ୍ୱର ସପ୍ତମ ବୃହତ୍ ଅସ୍ତ୍ର ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି।

ଟାଇମ୍ସ ଅଫ୍ ଇସ୍ରାଏଲ୍‌ରେ ପ୍ରକାଶିତ ଏକ ବିସ୍ତୃତ ରିପୋର୍ଟ ଅନୁସାରେ ସୁଇଡେନ୍‌ର ଗବେଷଣା ସଂସ୍ଥା ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ମଙ୍ଗଳବାର ରିପୋର୍ଟ କରିଛି ଯେ, ଇସ୍ରାଏଲ୍‌ଠାରୁ ସର୍ବାଧିକ ପ୍ରତିରକ୍ଷା ଉପକରଣ କରିବାରେ ଭାରତ ହେଉଛି ପ୍ରଥମ ଦେଶ। ଏସ୍‌ଆଇପିଆର୍‌ଆଇ ରିପୋର୍ଟ ଅନୁସାରେ ଇସ୍ରାଏଲ୍ ଭାରତକୁ ୫୬% ଅସ୍ତ୍ରଶସ୍ତ୍ର ରପ୍ତାନି କରୁଥିବାବେଳେ ଜର୍ମାନୀକୁ ୨୧% ଏବଂ ଆମେରିକାକୁ ୭.୮% ପ୍ରତିରକ୍ଷା ଉପକରଣ ପଠାଉଛି। ସମ୍ପ୍ରତି ଇସ୍ରାଏଲ୍‌ର ବୈଶ୍ୱିକ ପ୍ରତିରକ୍ଷା ଉପକରଣ ରପ୍ତାନି ୪.୪% ରହିଥିବାବେଳେ ବ୍ରିଟେନ୍‌ର ଅସ୍ତ୍ରଶସ୍ତ୍ର ରପ୍ତାନି ୩.୪% ରହିଛି।

# ଗୁଳିରୁ ବର୍ତ୍ତିଲେ ଫାରୁକ୍, ସୁରିନ୍ଦର

**ଜମ୍ମୁ,୧୧।୩ (ପି.ଟି.)**

ନ୍ୟାଶନାଲ କନଫରେନ୍ସ ଅଧ୍ୟକ୍ଷ ତଥା ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ବାପା ଫାରୁକ୍ ଅବଦୁଲ୍ଲା ଏବଂ ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ଗୁଳିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ଜମ୍ମୁର ଗ୍ରେଟର କୈଳାସରେ ଦଳୀୟ ନେତା ବି.ଏସ୍.ଚୌହାନଙ୍କ ପୁଅ ବିବାହ ଉତ୍ସବରେ ଯୋଗଦେବାକୁ ଫାରୁକ୍ ଏବଂ ସୁରିନ୍ଦର ଯାଇଥିଲାବେଳେ ସେମାନଙ୍କ ଉପରକୁ ବାହାରେ ଅପେକ୍ଷା କରିଥିବା କମଲ ସିଂ ଜମୱାଲ ନାମକ ଜଣେ ବ୍ୟକ୍ତି ଗୁଳି କରିବାକୁ ଉଦ୍ୟମ କରିଥିଲେ। ହେଲେ ଠିକଣା ସମୟରେ ସୁରକ୍ଷାକର୍ମୀମାନେ କମଲଙ୍କୁ କାବୁ କରିନେଇଥିଲେ। ଏହାସତ୍ତ୍ୱେ କମଲ ଏକ ରାଉଣ୍ଡ ଗୁଳି ଫୁଟାଇଥିଲେ। କମଲଙ୍କୁ ଅଟକ ରଖି ସୁରକ୍ଷାକର୍ମୀ ପଚରାଉଚରା କରୁଛନ୍ତି।

# ତେହରାନ୍ ଆକାଶ ଦିଲ୍ଲୀଠାରୁ ଭଲ

**ତେହରାନ୍,୧୧।୩**



ଇରାନ୍ ଉପରେ ଆମେରିକାର ଓ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁ ତେହରାନ୍ ସମେତ ଅନ୍ୟ ପ୍ରମୁଖ ସହରଗଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ତେହରାନ୍ ଓ ଏହାର ଆଖପାଖ ଅଞ୍ଚଳରେ ରହିଥିବା ପ୍ରମୁଖ ଭିତ୍ତିଭୂମି ଏବଂ ତୈଳ ଡିପୋ ଉପରେ ବୋମାମାଡ଼ କରାଯାଇଛି। ଏହାଦ୍ୱାରା ତୈଳ ଡିପୋଗୁଡିକରେ ନିଆଁ ଲାଗି ତେହରାନ୍ ଆକାଶ ନିଆଁ ପିଣ୍ଡୁଳାରେ ଭର୍ତ୍ତି ହୋଇଯାଇଛି। ଏହାସତ୍ତ୍ୱେ ଦିଲ୍ଲୀ ଆକାଶଠାରୁ ତେହରାନ୍ ଆକାଶ ନିର୍ମଳ ରହିବା ସହ ଏହାର ବାୟୁମଣ୍ଡଳ ଦିଲ୍ଲୀଠାରୁ ଭଲ ରହିଥିବା କୁହାଯାଇଛି। ୧୧ ତାରିଖରେ ତେହରାନ୍ ଓ ନୂଆଦିଲ୍ଲୀର ବାୟୁସ୍ତର ମାନକୁ ନେଇ ରିଆଲ୍ ଟାଇମ୍ ତଥ୍ୟ ନିଆଯାଇଥିଲାବେଳେ ତେହରାନ୍‌ର ଏକ୍ୟୁଆଇ(ଏୟାର କ୍ୱାଲିଟି ଇଣ୍ଡେକ୍ସ) ୫୦ ରୁ ୭୦ ମଧ୍ୟରେ ରହିଛି। କିନ୍ତୁ ଦିଲ୍ଲୀର ଏକ୍ୟୁଆଇ ୧୨୮ରୁ ଅଧିକ ରହିଥିବା କୁହାଯାଇଛି।



ମଧ୍ୟପ୍ରାଚ୍ୟ ଯୁଦ୍ଧ ବୁଧବାର ୧୨ ଦିନରେ ପହଞ୍ଚିଛି। ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ଲେବାନନ୍‌ର କେନ୍ଦ୍ରୟ ବେରୁଟ୍‌ରେ ଏକ ଆପାର୍ଟମେଣ୍ଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ କାର୍‌ଗୁଡ଼ିକ ପଡ଼ିରହିଛି। (ଫଟୋ ସୌଜନ୍ୟ: ରଏଟର୍ସ)

# ସ୍ୱାମୀଙ୍କଠାରୁ ଅଲଗା ହେଲେ ହଂସିକା

**ମୁମ୍ବାଇ**

ସେଲିବ୍ରିଟି ଛାଡ଼ପତ୍ର ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଆଉ ଜଣେ ଅଭିନେତ୍ରୀ। ସେ ତାଙ୍କ ବ୍ୟବସାୟୀ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ସେମାନଙ୍କ ବୈବାହିକ ଜୀବନରେ ଫାଟ ନେଇ ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚା ଏବେ ସତ ହୋଇଛି। ମୁମ୍ବାଇର ବାନ୍ଦ୍ରା କୋର୍ଟ ଅଭିନେତ୍ରୀ ହଂସିକା ମୋଟୱାନି ଏବଂ ବ୍ୟବସାୟୀ ସୋହେଲ କାଥୁରିଆଙ୍କ ମଧ୍ୟରେ ଛାଡ଼ପତ୍ରକୁ ଅଫିସିଆଲି କରିଛନ୍ତି। ସେମାନଙ୍କ ବିବାହ ମାତ୍ର ୪ ବର୍ଷ ଚାଲିଥିଲା। ତେବେ ଏହି ଦମ୍ପତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ୪ ଡିସେମ୍ବର ୨୦୨୨ରେ ବ୍ୟବସାୟୀ ସୋହେଲଙ୍କୁ ବହୁ ଆଡ଼ମ୍ବରରେ ବିବାହ କରିଥିଲେ ହଂସିକା। କିନ୍ତୁ ସେମାନଙ୍କ ବିବାହ ଅଧିକ ଦିନ ପର୍ଯ୍ୟନ୍ତ ରହିପାରିଲା ନାହିଁ। ତିନି ବର୍ଷ ପରେ ସେମାନଙ୍କ ବିବାହରେ ଅଶାନ୍ତିର ଖବର ଚର୍ଚ୍ଚା ହେଉଥିଲା।

ଏହା ସୋହେଲଙ୍କର ହଂସିକାଙ୍କ ସହିତ ଦ୍ୱିତୀୟ ବିବାହ ଥିଲା। ସେ ପୂର୍ବରୁ ହଂସିକାଙ୍କ ବାନ୍ଧବୀ ରିଙ୍କି ବଜାଜଙ୍କୁ ବିବାହ କରିଥିଲେ। ତଥାପି ସୋହେଲ ଏବଂ ହଂସିକାଙ୍କ ଛାଡ଼ପତ୍ରର ମୁଖ୍ୟ କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିନ୍ତୁ ଗତ ଦୁଇ ବର୍ଷ ଧରି ସେମାନଙ୍କ ବିବାହରେ ସମସ୍ୟା ଲାଗି ରହିଥିଲା। ହଂସିକା ଛାଡ଼ପତ୍ର ସମୟରେ ତାଙ୍କ ଭରଣପୋଷଣ ପାଇଁ କୌଣସି ଦାବି କରି ନ ଥିଲେ। କୋର୍ଟ ଶୁଣାଣି ସମୟରେ ମୋଟୱାନିଙ୍କ ଓକିଲ୍ ଅଦନାନ ଶେଖ କହିଥିଲେ, ବିବାହ ପରେ ଦମ୍ପତି କିଛି ସମୟ ପାଇଁ ଏକାଠି ରହିଥିଲେ। କିନ୍ତୁ ଧୀରେ ଧୀରେ ସେମାନେ ଅନୁଭବ କଲେ ଯେ, ସେମାନଙ୍କ ସ୍ୱଭାବ, ଚିନ୍ତାଧାରା ଏବଂ ଜୀବନଶୈଳୀରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା। ଯାହାକି ଗୋଟିଏ ଛାତ ତଳେ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଥିଲା।



ସାହେଲ କାଥୁରିଆ

ହଂସିକା ମୋଟୱାନି

# ବଜାରକୁ ୪୦୦ ନିୟୁତ ବ୍ୟାରେଲ ତୈଳ ଛାଡ଼ିବ ଆଇଇଏ

**ପ୍ୟାରିସ୍,୧୧।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଉପୁଜିଥିବା ତୈଳ ସଙ୍କଟ ଦୂର କରିବା ଲାଗି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଇଏ) ପଦକ୍ଷେପ ନେଇଛି। ଏହି ସଂଗଠନ ପକ୍ଷରୁ ବଜାରକୁ ୪୦୦ ନିୟୁତ ବ୍ୟାରେଲ ତୈଳ ଛାଡିବାକୁ ନିଷ୍ପତ୍ତି ନିଆଯାଇଛି। ଆଇଇଏ'ର ଜରୁରିକାଳୀନ ଭଣ୍ଡାରରୁ ଏହି ପରିମାଣର ତୈଳ ବଜାରରେ ଉପଲବ୍ଧ କରାଯିବ। ଏଥିପାଇଁ ଏହାର ୩୨ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରସମୂହ ସହମତ ହୋଇଥିବା ଆଇଇଏ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ୨୦୨୨ରେ ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ଆଇଇଏ ଅନ୍ତର୍ଜାତୀୟ ବଜାରକୁ ୧୮୨ ନିୟୁତ ବ୍ୟାରେଲ ତୈଳ ଛାଡିଥିଲା।

# ଯୁଦ୍ଧ ସତ୍ତ୍ୱେ ତୈଳ ଯୋଗାଣ କ୍ଷେତ୍ର ସୁରକ୍ଷିତ: କେନ୍ଦ୍ର

## ଆତଙ୍କିତ ନ ହେବାକୁ ଖାଉଟିଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୧୧।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଏବେ ତୈଳ ଏବଂ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ଭାରି ମାତ୍ରାରେ ପ୍ରଭାବିତ ହୋଇଛି। କିନ୍ତୁ ଯୁଦ୍ଧ ସତ୍ତ୍ୱେ ଦେଶର ତୈଳ ଯୋଗାଣ କ୍ଷେତ୍ର ସୁରକ୍ଷିତ ରହିଛି ବୋଲି କେନ୍ଦ୍ର ସରକାର ବୁଧବାର ନିଶ୍ଚିତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାରତର ଦୈନିକ ଅଶୋଧିତ ତୈଳ ଯୋଗାଣ କ୍ଷେତ୍ର ସ୍ୱାଭାବିକ ରହିଛି। ୧୨ ଦିନର ଯୁଦ୍ଧ ମଧ୍ୟରେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯେତିକି ପରିମାଣର ତୈଳ ଆମଦାନୀ ଏବଂ ଦୈନିକ ଯେତିକି ପରିମାଣର ଅଶୋଧିତ ତୈଳ ଆବଶ୍ୟକ, ବର୍ତ୍ତମାନ ତା' ଠାରୁ ଅଧିକ ଗଚ୍ଛିତ ରହିଛି। ଦୈନିକ ୫୫ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଯୋଗାଣ ହୋଇପାରୁଛି ବୋଲି କେନ୍ଦ୍ର ସରକାର କହିଛନ୍ତି।

ସେହିପରି ଗ୍ୟାସ୍‌ର ଅଭାବକୁ ନେଇ ବର୍ତ୍ତମାନ ସାଧାରଣରେ ଛାନିଆ ପଶିଥିଲାବେଳେ ଆଦୌ ଆଶଙ୍କିତ ନ ହେବାକୁ କେନ୍ଦ୍ର ସରକାର କହିଛନ୍ତି। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ ରହିଛି ଏବଂ ଲୋକମାନେ ଆଗୁଆ ଗ୍ୟାସ୍ ବୁକିଂ ପାଇଁ ବ୍ୟାକୁଳ ହେବା ଦରକାର ନାହିଁ ବୋଲି ସରକାର କହିଛନ୍ତି।

ଧରିତ୍ରୀ 52 Years
DHARITRI






କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସଦସ୍ୟମାନେ ବୁଧବାର ସଂସଦ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

# ବିଧାନସଭାରେ ଆଇନଶୃଙ୍ଖଳା ତାତି

■ ଜନପ୍ରତିନିଧି ଅସୁରକ୍ଷିତ: ବିରୋଧୀ

■ ଆମ ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉନାହିଁ: ଭାଜପା

ଭୁବନେଶ୍ୱର, ୧୧।୩(ରବିନାରାୟଣ ଜେନା)

ରାଜ୍ୟରେ ସାଧାରଣ ଲୋକଙ୍କ କଥା ଛାଡ଼, ପୋଲିସ ଓ ଜନପ୍ରତିନିଧି ମଧ୍ୟ ଅସୁରକ୍ଷିତ। ଗୁଣ୍ଡାରାଜ୍ ଆଉ ସହିହେଉନାହିଁ କହି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବୁଧବାର ଶୂନ୍ୟକାଳରେ ଗୃହରେ ତୁମ୍ଭିତୋଫାନ କରିଛନ୍ତି। ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ବାଚସ୍ପତିଙ୍କଠାରୁ ରୁଲିଂ ଦାବିକରି ଗୃହର ମଧ୍ୟଭାଗରେ ବିଜେଡି ସଦସ୍ୟମାନେ ହଟ୍ଟଗୋଳ କରିଛନ୍ତି। ଏହାକୁ ନେଇ ବାଚସ୍ପତି ସୁରମା ପାଢ଼ୀ ୧୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ୨୪ ବର୍ଷର ଗୋହି ଖୋଲି ବିରୋଧୀଙ୍କୁ କଡ଼ା ଜବାବ ଦିଆଯାଇଛି।

ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟରେ ଜନପ୍ରତିନିଧିଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ିଚାଲିଛି। ମଙ୍ଗଳବାର ଶେରଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ ଉପରେ ଦିନଦ୍ୱିପ୍ରହରରେ ଆକ୍ରମଣ ହୋଇଛି। ପ୍ରାୟ ୨୦ ଜଣ ସରକାରୀ ଦଳର ଗୁଣ୍ଡା ତାଙ୍କ କାର୍ଯ୍ୟାଳୟରେ ପଶି ମାଡ଼ ମାରି ତାଙ୍କୁ ଅଚେତ କରିଦେଇଛନ୍ତି। ସରକାର ଆତଙ୍କରାଜ କରି ସରକାର ଚଳାଇବାକୁ ଚାହୁଁଛନ୍ତି କି? ଯଦି ଚାହୁଁଛନ୍ତି ତେବେ ଖୋଲାଖୋଲି କୁହନ୍ତୁ। ବିଜେଡି ସଦସ୍ୟ ସାରଦା ପ୍ରସନ୍ନ ଜେନା କହିଥିଲେ, ଶେରଗଡ଼ ଘଟଣାରୁ ସ୍ପଷ୍ଟ ହେଉଛି ଯେ ଉଦୟ ପ୍ରଧାନ ଓ ନିରଞ୍ଜନ ଜେନା ଏଭଳି ମରଣାନ୍ତକ ଆକ୍ରମଣ କରିଛନ୍ତି। ମଙ୍ଗଳବାର ନିରଞ୍ଜନ ଜଣେ ସରପଞ୍ଚଙ୍କୁ ମାଡ଼ ମାରିଛନ୍ତି। ଏନେଇ ଭାଜପା ମଣ୍ଡଳ ସଭାପତିଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ। ସଦସ୍ୟ ଧ୍ରୁବ ସାହୁ କହିଥିଲେ, ପୂର୍ବରୁ ବିଏମ୍‌ସି ଅଧିକାରୀ, ରାଜନଗର ବିଡିଓଙ୍କୁ ଭାଜପା ନେତା ମାଡ଼ ମାରିଥିଲେ। ବିଡିଓଙ୍କ କ୍ଷେତ୍ରରେ ଓଲଟା ତାଙ୍କୁ ବଦଳି କରାଯାଇଥିଲା, ଏହା ହେଉଛି ସରକାରଙ୍କ ନ୍ୟାୟ। ଏବେ ବ୍ଲକ୍‌ରେ ଗୁଣ୍ଡାରାଜ୍ ଚାଲିଛି। ସଦସ୍ୟ ଗଣେଶ୍ୱର ବେହେରା କହିଥିଲେ, ଜନପ୍ରତିନିଧିଙ୍କ ସୁରକ୍ଷା ବଦଳରେ ଗୃହରେ ଆପରାଧିକ ଘଟଣାକୁ ନେଇ ବାଦବିବାଦ ଚାଲିଛି। ଏହାର ଅର୍ଥ ଅତୀତରେ ଯାହା ହୋଇଛି, ଏବେ ବି କ'ଣ ସେଇଆ ହେବ? କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ଅଶୋକ ଦାସ ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଶେରଗଡ଼ରେ ଘଟିଥିବା ଘଟଣା ନିନ୍ଦନୀୟ। ବିଜେଡି ସରକାର ସମୟରେ ଜଣେ ପୂର୍ବତନ ମନ୍ତ୍ରୀ ଥାନାରେ ପଶି ପୋଲିସଙ୍କୁ ମାଡ଼ ମାରିଥିଲେ। ପୂର୍ବତନ ବ୍ରହ୍ମପୁର ବିଧାୟକ ବିଜେଡି ନେତା ହତ୍ୟା ମାମଲାରେ ଗିରଫ ହୋଇଛନ୍ତି। ସରକାରରେ ଥିବାବେଳେ ବିଜେଡି ଏଭଳି ଅନେକ ଘଟଣାକୁ ଘଣ୍ଟ ଘୋଡ଼ାଇଥିଲା। ପରୀ, ମମିତାଙ୍କ ଭଳି ବହୁ ହତ୍ୟାକାରୀଙ୍କୁ ପୂର୍ବ ସରକାର ସୁରକ୍ଷା ଦେଉଥିଲେ। ସେତେବେଳେ କାହିଁକି ନିନ୍ଦା କରିପାରୁ ନ ଥିଲେ ବୋଲି ଟଙ୍କଧର ପ୍ରଶ୍ନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ପ୍ରଶ୍ରୟ ଦେଉଥିଲେ, ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡିର ଏହା ଦୋମୁହାଁ ନୀତି ବୋଲି ସେ କହିଥିଲେ। ସଦସ୍ୟ ସନାତନ ବିଜୁଳି କହିଥିଲେ, ବିଜେଡି ଓ କଂଗ୍ରେସ ଆଇନ ଶୃଙ୍ଖଳା କଥା କହିବାର ନୈତିକତା ହରାଇଛନ୍ତି। ମାହାଙ୍ଗା ଡବଲ ମର୍ଡର, ସୁଶାନ୍ତ ସିଂ ବିଧାୟକ ଥିବାବେଳେ ଥାନାରେ ପଶି ଭଙ୍ଗାରୁଜା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ତାଙ୍କ ସରକାର ସମୟରେ ଥାନାକୁ ଲୋକେ ଯାଉ ନ ଥିଲେ। ବିଜେଡିରେ ଗୁଣ୍ଡାରାଜ୍ ଚାଲିଥିଲା। ☞ପୃଷ୍ଠା-୪

# ପ୍ରଥମ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

## ହରିଶ ରାଣାଙ୍କ ଜୀବନରକ୍ଷକ ଚିକିତ୍ସା ଉପକରଣ ହଟାଯିବ

ନୂଆଦିଲ୍ଲୀ, ୧୧।୩(ପି.ଟି./ଲାଇଭ୍ ଲ)

୩୨ ବର୍ଷୀୟ ହରିଶ ରାଣା ଜଣେ ଜିମ୍ ଓ ଫୁଟ୍‌ବଲ ଖେଳାଳି ଥିଲେ। ୨୦୧୩ରେ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବାବେଳେ ଏକ କୋଠାର ଚତୁର୍ଥ ମହଲାରୁ ତଳକୁ ଖସିପଡ଼ିଥିଲେ। ଏଥିଯୋଗୁ ହରିଶଙ୍କ ମସ୍ତିଷ୍କରେ ଆଘାତ ଲାଗିବାରୁ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ୧୩ ବର୍ଷ ଧରି ପର୍ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍ (ଅଚେତନ ଜାଗ୍ରତ ଅବସ୍ଥା)ରେ ଚିକିତ୍ସିତ ହେଉଥିବା ହରିଶଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଆଗକୁ ମଧ୍ୟ କୌଣସି ସୁଧାରର ଆଶା ନ ଥିବା ହୃଦୟଙ୍ଗମ କରି ବୁଧବାର ସୁପ୍ରିମକୋର୍ଟ ତାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି। ହରିଶଙ୍କ ଜୀବନରକ୍ଷକ ଚିକିତ୍ସା ହଟାଇଦେବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି।

ଭାରତରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଏହା ହେଉଛି ପ୍ରଥମ ରାୟ। ୨୦୧୮ରେ ସୁପ୍ରିମକୋର୍ଟଙ୍କ କମନ୍ କଜ୍ ଜଜ୍‌ମେଣ୍ଟ (୨୦୨୩ରେ ସଂଶୋଧିତ) ଅନୁସାରେ ସର୍ବୋଚ୍ଚ ଅଦାଲତ ସମ୍ମାନ ସହ ମୃତ୍ୟୁକୁ ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତି ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୩୨ ବର୍ଷୀୟ ହରିଶଙ୍କ ଜୀବନରକ୍ଷକ ବ୍ୟବସ୍ଥା ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି। କାରଣ ଦୀର୍ଘ ୧୩ ବର୍ଷ ଧରି ସେ ଶଯ୍ୟାଶାୟୀ ଥାଇ ଚିକିତ୍ସିତ ହେଉଥିଲେ କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁ ନ ଥିଲା। ତେଣୁ ହରିଶଙ୍କୁ ବଞ୍ଚାଇ ରଖିବା ଲାଗି ଯାହାକିଛି ଚିକିତ୍ସା ଚାଲିଥିଲା, ସେସବୁକୁ ହଟାଇଦେବା ପାଇଁ ତାଙ୍କ ବାପା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହରିଶ ଏକଦା ଜଣେ ଉଦୀୟମାନ ଯୁବକ ଥିଲେ। ୩ ଭଉଣୀ ଭାଇଙ୍କ ମଧ୍ୟରୁ ସେ ସବାବଡ଼। ୨୦୧୩ ଅଗଷ୍ଟ ୨୦ରେ ସେ ରହୁଥିବା ପେଇଙ୍ଗ୍ ଗେଷ୍ଟ ରୁମ୍‌ରୁ ତଳକୁ ଖସିପଡ଼ିବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିଲା। ହରିଶ ସେତେବେଳେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ସେହିବର୍ଷ ଅଗଷ୍ଟ ୨୭ରେ ତାଙ୍କୁ ଚଣ୍ଡିଗଡ଼ସ୍ଥିତ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ହରିଶଙ୍କୁ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ର ଜୟ ପ୍ରକାଶ ନାରାୟଣ ଟ୍ରମା କେୟାର ସେଣ୍ଟରରେ ରଖି ଚିକିତ୍ସା କରାଗଲା। ତମାମ ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଆସି ନ ଥିଲା। ଏପରି କି ସେ ଅଚେତନ ଜାଗ୍ରତ ଅବସ୍ଥା (ପିଏସ୍‌ଭି)କୁ ଚାଲିଯାଇଥିଲେ। ଏନେଇ ଖଣ୍ଡପୀଠ କହିଛନ୍ତି, ହରିଶ କେବଳ ଅସ୍ତ୍ରୋପଚାର ଜରିଆରେ ଲଗାଯାଇଥିବା ପିଇଜି ଟ୍ୟୁବ୍ ଆଧାରିତ କ୍ଲିନିକାଲି ଆଡ୍‌ମିନିଷ୍ଟର୍ଡ ନ୍ୟୁଟ୍ରିଶନ୍ (ସିଏଏନ୍) ବଳରେ ବଞ୍ଚିଛନ୍ତି। ସିଏଏନ୍ ହେଉଛି ଏକ ମେଡିକାଲ ଟ୍ରିଟ୍‌ମେଣ୍ଟ, ଯାହାକୁ ପ୍ରାଥମିକ ଓ ମାଧ୍ୟମିକ ମେଡିକାଲ ବୋର୍ଡର ସର୍ବୋତ୍ତମ ରାୟ ଅନୁସାରେ କଢ଼ାଯାଇପାରେ। ଏଭଳି ସ୍ଥିତିରେ ହରିଶଙ୍କୁ ପ୍ରଦାନ ଚିକିତ୍ସା ଜାରି ରଖିବା ହେଉଛି କେବଳ ଦୀର୍ଘ ସମୟ ଧରି ତାଙ୍କ ଜୈବିକ ଅସ୍ତିତ୍ୱକୁ ବଜାୟ ରଖିବା। ରୋଗୀଙ୍କ ମା'ବାପା, ପ୍ରାଥମିକ ଓ ମାଧ୍ୟମିକ ମେଡିକାଲ ବୋର୍ଡ ଗୋଟିଏ ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ହରିଶଙ୍କୁ ଅଧିକ ଦିନ ଧରି ଚିକିତ୍ସା କରାଯିବା ତାଙ୍କ ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଅନୁକୂଳ ନୁହେଁ। ଏହାକୁ ହଟାଇ ଦିଆଯିବା ଉଚିତ ବୋଲି ପ୍ରାଇମେରି ଓ ସେକେଣ୍ଡାରି ମେଡିକାଲ ବୋର୍ଡ ପ୍ରମାଣୀକୃତ କରିଥିବାରୁ ଅଦାଲତଙ୍କ ହସ୍ତକ୍ଷେପ ଅନାବଶ୍ୟକ। ତେବେ ଏହା ଏହି ଧରଣର ପ୍ରଥମ ଦୃଷ୍ଟାନ୍ତ ☞ପୃଷ୍ଠା-୪

### ସମ୍ମାନ ସହ ମୃତ୍ୟୁ ଏକ ମୌଳିକ ଅଧିକାର



ହରିଶ ରାଣା

# ଖରା, ଗରମ ଭିତରେ ହାଲୁକା ବର୍ଷା

## ୧୩ ସ୍ଥାନରେ ୩୭ ଡିଗ୍ରୀ ପାରକଲା ତାପମାତ୍ରା

ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)

ରାଜ୍ୟରେ ଏବେ ବର୍ଷା ସତ୍ତ୍ୱେ ଖରାତାତି ଅସହ୍ୟ ହେଉଛି। ବୁଧବାର ୧୩ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀ ପାର୍ କରିଥିବାବେଳେ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ହାଲୁକା ବର୍ଷା ହୋଇଛି। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲାର ରରୁଆଁଠାରେ ସର୍ବାଧିକ ୮ ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ଗୁରୁବାର ମଧ୍ୟ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼ ଜିଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ବର୍ଷା ପବନ ଓ ଘଡଘଡ଼ି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ ଓ ୧୪ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ ଏବଂ ପୁନର୍ବାର ୧୫ ଓ ୧୬ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିଥିଲା। ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୩୮.୪ ଡିଗ୍ରୀ, ସୁନ୍ଦରଗଡ଼ ୩୮ ଡିଗ୍ରୀ, ନୂଆପଡ଼ା ୩୮ ଡିଗ୍ରୀ, ତାଳଚେର ୩୮ ଡିଗ୍ରୀ, ଢେଙ୍କାନାଳ ୩୭.୯ ଡିଗ୍ରୀ, ଭବାନୀପାଟଣା ୩୭.୫ ଡିଗ୍ରୀ, ସମ୍ବଲପୁର ୩୭.୪ ଡିଗ୍ରୀ, ହୀରାକୁଦ ୩୭.୪ ଡିଗ୍ରୀ, ରାଉରକେଲା ୩୭.୧ ଡିଗ୍ରୀ, ବରଗଡ଼ ୩୭ ଡିଗ୍ରୀ, ବଲାଙ୍ଗୀର ୩୭ ଡିଗ୍ରୀ ଓ ସୋନପୁରରେ ୩୭ ଡିଗ୍ରୀ ରେକର୍ଡ ହୋଇଛି।

# ବ୍ୟାରେଲ ପିଛା ୨୦୦ ଡଲାର ପାଇଁ ପ୍ରସ୍ତୁତ ରୁହ

ନୂଆଦିଲ୍ଲୀ, ୧୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ବର୍ତ୍ତମାନ ବୈଶ୍ୱିକ ଉର୍ଜା କ୍ଷେତ୍ର ପାଇଁ ଉତ୍କଟ ସଙ୍କଟ ସୃଷ୍ଟି କରିଛି। ତୈଳ ଏବଂ ଗ୍ୟାସ୍ ଯୋଗାଣ ଶୃଙ୍ଖଳକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ଭୂ-ରାଜନୀତିଠାରୁ ଅର୍ଥନୀତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଛି। ଏଭଳି ସ୍ଥିତିରେ ଇରାନ ବୈଶ୍ୱିକ ଅର୍ଥନୀତିକୁ ଆହୁରି ସଙ୍କଟ ମଧ୍ୟକୁ ଠେଲି ଦେବାକୁ ରଣନୀତି ଆପଣାଇଛି। ବ୍ୟାରେଲ ପିଛା ତୈଳ ମୂଲ୍ୟ ୨୦୦ ଡଲାର ପାଇଁ ପ୍ରସ୍ତୁତ ରହିବାକୁ ଇରାନ ବୁଧବାର ଚେତାବନୀ ଦେଇଛି। ଇରାନ ମିଲିଟାରି କମାଣ୍ଡ ପ୍ରବକ୍ତା ଇବ୍ରାହିମ୍ ଜୋଲ୍‌ଫକାରୀ କହିଛନ୍ତି, ଆଞ୍ଚଳିକ ସ୍ଥିରତା ଉପରେ ତୈଳ ମୂଲ୍ୟ ନିର୍ଭର କରିଥାଏ। କିନ୍ତୁ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଯେଉଁଭଳି ବିଗାଡ଼ି ଦିଆଯାଇଛି, ତାହାର ପରିଣାମ ଭୋଗିବାକୁ ପଡ଼ିବ। ଏହାଛଡ଼ା ଇସ୍ରାଏଲ ଏବଂ ଆମେରିକା ଉପରେ ଇରାନ ଜବାବୀ ଆକ୍ରମଣ ତୁଳନାରେ ଜୋର୍‌ଦାର ଆକ୍ରମଣ କରିବ ବୋଲି ଜୋଲ୍‌ଫକାରୀ କହିଛନ୍ତି।

ଆମେରିକା ଏବଂ ଇସ୍ରାଏଲ ଭଳି ଶତ୍ରୁ ଦେଶକୁ ହାତରେ ନ ମାରି ଭାତରେ ମାରିବାକୁ ଇରାନ ଏଭଳି ରଣନୀତି ଆପଣାଇଛି। ବିଶ୍ୱର ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍ ଏବେ ଇରାନ୍ କବ୍‌ଜାରେ। ତୈଳ ପରିବହନ ଲାଗି ଭାରତ ଏବଂ ଚାଇନା ଭଳି କିଛି ନିର୍ଦ୍ଦିଷ୍ଟ ରାଷ୍ଟ୍ରଙ୍କୁ ବାଦ୍ ଦେଲେ ଇରାନ ଅନ୍ୟ ରାଷ୍ଟ୍ରଙ୍କ ପାଇଁ ଏହି ବାଟ ବନ୍ଦ କରିଦେଇଛି। ଶତ୍ରୁ ରାଷ୍ଟ୍ରର କୌଣସି ଜାହାଜ ଯେଉଁଭଳି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଇପାରିବ ନାହିଁ, ସେଥିପାଇଁ ଇରାନ ନୌସେନା ସମୁଦ୍ର ପଥରେ ମାଇନ୍ସ ବଛାଇଥିଲା। କିନ୍ତୁ ଆମେରିକା ଏହାମଧ୍ୟରେ ମାଇନ୍ସ ବିଛାଉଥିବା ଇରାନର ୧୪ଟି ଜାହାଜକୁ ବୋମାମାଡ଼ କରି ଉଡ଼ାଇଦେଇଛି। ଏହାସତ୍ତ୍ୱେ ଇରାନ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ତୈଳ ସଙ୍କଟ ବଢ଼ାଇବାକୁ ଉଦ୍ୟମ ଜାରି ରଖିଛି।

### ତୈଳ ସଙ୍କଟ ମଧ୍ୟରେ ଇରାନ୍‌ର ଚେତାବନୀ



# ୧୦୮ ମାଓବାଦୀଙ୍କ ଆତ୍ମସମର୍ପଣ

■ ୧୦୮ ମାଓବାଦୀଙ୍କ ନାଁରେ ଥିଲା ୩.୯୫ କୋଟି ଟଙ୍କା ପୁରସ୍କାର ରାଶି ■ ୧କେଜି ସୁନା, ୩.୬ କୋଟି ଟଙ୍କା ଜବତ

**ଛତିଶଗଡ଼ ବସ୍ତର ଜିଲାରେ ବୁଧବାର ୧୦୮ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ନାମରେ ୩.୯୫କୋଟି ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ସୁରକ୍ଷା କର୍ମୀମାନେ ବସ୍ତର ଜିଲାର ଏକ କ୍ୟାମ୍ପ ଉପରେ ଚଢ଼ାଉ କରି ୩.୬୧କୋଟି ଟଙ୍କା ସହ ୧କେଜି ସୁନା ଏବଂ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ସାଧାରଣ ଭାବେ ଦୁର୍ଗମ ଜଙ୍ଗଲରେ ରହୁଥିବା ମାଓବାଦୀଙ୍କଠାରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ ହେଉଥିବାବେଳେ ଏବେ ଗୋଟିଏ ସ୍ଥାନରୁ ଏତେ ପରିମାଣର ଟଙ୍କା ଏବଂ ସୁନା ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।**

ମାଲକାନଗିରି/ଜଗଦଲପୁର(ଛତିଶଗଡ଼), ୧୧।୩(ସୁଚିତ୍ରା ଦାସ/ପି.ଟି.)

ମାଓବାଦୀ ପ୍ରବଣ ଛତିଶଗଡ଼ ବସ୍ତର ଜିଲାରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବାବେଳେ ବୁଧବାର ପୁନର୍ବାସ ଥଇଥାନ ନୀତି ଅଧୀନରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ୍ କମିଟି (ଡିକେଏସ୍‌ଜେଡ୍‌ସି) ୧୦୮ଜଣ ମାଓବାଦୀ ହିଂସା ମାର୍ଗ ପରିତ୍ୟାଗ କରି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବସ୍ତର ଜିଲାର ଜଗଦଲପୁରସ୍ଥିତ ପୋଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀଙ୍କ ମଧ୍ୟରେ ୬ଜଣ ଡିଭିଜନାଲ କମିଟି ସଦସ୍ୟ ରହିଥିବାବେଳେ ସେମାନଙ୍କ ନାମରେ ୮ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ରହିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ସିପିଆଇ (ମାଓଇଷ୍ଟ) ଗୋଷ୍ଠୀରୁ ଅଲଗା ହୋଇ ଡିକେଏସ୍‌ଜେଡ୍‌ସି ଗଠିତ ହୋଇଥିବାବେଳେ ଏହାର ସଦସ୍ୟମାନେ ଦକ୍ଷିଣ ବସ୍ତର ଜିଲାରେ ପୂର୍ବରୁ ବହୁ ବଡ଼ ହିଂସାକାଣ୍ଡ ଘଟାଇଛନ୍ତି ବୋଲି ବସ୍ତର ରେଞ୍ଜର ପୋଲିସ ଆଇଜି ସୁନ୍ଦରାଜ ପଟ୍ଟିଲିଙ୍ଗମ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ସୁରକ୍ଷା କର୍ମୀ ମାଓବାଦୀ ଡମ୍ପରେ ଚଢ଼ାଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଟଙ୍କା ଏବଂ ସୁନା ଜବତ କରିଥିବାରୁ ଏହା ପୋଲିସକୁ ଏକ ବଡ଼ ସଫଳତା ଦେଇଛି ବୋଲି କୁହାଯାଉଛି। ଜବତ ହୋଇଥିବା ୧୦୧ ଅସ୍ତ୍ରଶସ୍ତ୍ର ମଧ୍ୟରେ ଏକେ-୪୭, ଇନ୍‌ସାସ୍ ଏବଂ ଏସ୍‌ଏଲ୍‌ଆର ରାଇଫଲ୍ସ, ବ୍ୟାରେଲ୍ ଗ୍ରେନେଡ୍ ଆଦି ରହିଛି। ସୁରକ୍ଷା କର୍ମୀଙ୍କ ଏହି ଅପରେଶନ ମାଓବାଦୀ ସଂଗଠନର କାର୍ଯ୍ୟକଳାପକୁ ଏକ ବଡ଼ ଧକ୍କା ଦେବ ବୋଲି ଅନୁମାନ କରାଯାଉଛି।




ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ୧୦୮ ମାଓବାଦୀ ଓ ସେମାନଙ୍କଠାରୁ ଜବତ ବନ୍ଧୁକ ଓ ଅଫୁଟା ଗୁଳି, ଟଙ୍କା, ସୁନା।

# କନ୍ଧମାଳ: ଆତ୍ମସମର୍ପଣ କଲେ ୧୦ ମାଓବାଦୀ

ଫୁଲବାଣୀ, ୧୧।୩(ରାକେଶ କୁମାର ରାଉତ)

ମାଓବାଦୀ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ଦେଇଥିବା ସମୟସୀମା ପାଖେଇ ଆସୁଛି। ମାର୍ଚ୍ଚ ୩୧ ଶେଷ ତାରିଖ ରହିଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଆସି ଫେରିଯାଇଛନ୍ତି। ଏହାକୁ ନଜରରେ ରଖି ପୋଲିସ ମାଓବାଦୀ ଅପରେଶନକୁ ଜୋର୍‌ଦାର କରିଛି। ବୁଧବାର ଜିଲା ପୋଲିସ ରିଜର୍ଭ ପଡ଼ିଆରେ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀଙ୍କ ନିକଟରେ ୧୦ ଦୁର୍ଦ୍ଦାନ୍ତ ମାଓବାଦୀ ଅସ୍ତ୍ର ପରିତ୍ୟାଗକରି ଆତ୍ମସମର୍ପଣ କରିଛନ୍ତି। ସେମାନେ ୨ଟି ଇନ୍‌ସାସ, ୨ଟି ଏସ୍‌ଏଲଆର୍, ୩ଟି ୩୦୩, ୨ଟି ସିଙ୍ଗଲ ସଟ୍, ଗୋଟିଏ ୧୨ ବୋର ବନ୍ଧୁକ, ବିପୁଳ ପରିମାଣର ଗୁଳି ପୋଲିସ ନିକଟରେ ଦାଖଲକରି ସମାଜର ମୁଖ୍ୟଧାରାକୁ ଫେରିଛନ୍ତି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍ଏଡବ୍ଲ୍ୟୁଓ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଗୌପୁତ୍ର ପରିବାର ପକ୍ଷରୁ ଅନଶନ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଧାରଣାସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ପଦ୍ମାଲୋକ ଫାଉଣ୍ଡେଶନ ପକ୍ଷରୁ ବେବୀଲତା ଶତପଥୀଙ୍କ ପ୍ରଥମ କବିତା ସଙ୍କଳନ 'ଚିଠି'ର ଉନ୍ମୋଚନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିଖିଳ ଓଡ଼ିଶା ବରିଷ୍ଠ କଳାକାର ସଂଘର ଶୋଭାଯାତ୍ରା, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ନିଖିଳ ଓଡ଼ିଶା ବରିଷ୍ଠ କଳାକାର ସଂଘର ବୈଠକ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ମା'ଦୁଲଣାଙ୍କ ପୀଠରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁଲଣା ମନ୍ଦିର, ଦୁଲଣା ସାହି, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:କୂଳ ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ:ସକାଳ ୮ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ:ସକାଳ୯ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପସା ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ଚଣ୍ଡୀପୁର, ହଳଦୀପଦା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:କଟିପୋଲ ପ୍ରିନ୍ସ କଲ୍ୟାଣ ମଣ୍ଡପ, ବସ୍ତା, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ପ୍ରବଚନ, ସ୍ଥାନ:ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସକାଳ ୯ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ପ୍ରସ୍ତୁତି ବୈଠକ,ସ୍ଥାନ: ଇଲେଭେନ ଷ୍ଟାର କ୍ଲବ ପରିସର, ଆଗରପଡ଼ା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ବାର ଆସୋସିଏଶନର ନାମାଙ୍କନ କାଏମ ତାଲିକା ପ୍ରକାଶ, ସ୍ଥାନ: ବାର ଆସୋସିଏଶନ, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନଗର ପରିକ୍ରମା ନାମ ସଂକୀର୍ତ୍ତନ, ସ୍ଥାନ: ସଙ୍ଗମ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଯୋଡ଼ା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ପୌରପାଳିକା ସଭାଗୃହ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଜଗନ୍ନାଥ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ସାଇ ଚରଣ ପାଦୁକା ଦର୍ଶନ ସମାରୋହ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ,ସମୟ: ସକାଳ ୭ଟା।

## ଢେଙ୍କାନାଳ

- ୨୬ତମ ସିନ୍‌ଫେଷ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ:ଅପରାହ୍ନ ୫ଟା।

## ଅନୁଗୋଳ

- ମା' ବିନିକେୟୀଙ୍କ ଅଷ୍ଟଦୋଳ ଯାତ୍ରା, ସ୍ଥାନ: ଆଠମଲ୍ଲିକ ଦରୁହାସ୍ଥିତ ମା'ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଏମ୍ଆର୍‌ସିସି ନାଇଟ ଚ୍ୟାଲେଞ୍ଜ କପ୍ ପଞ୍ଚମ ଦିବସର ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ: ରାତି ୮ଟା।

## ଜଗତ୍‌ସିଂହପୁର

- ହିନ୍ଦୁ ଏକତା ମଞ୍ଚର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ ସମୟ: ପୂର୍ବାହ୍ନ ୧୦ ଟା।
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ପଞ୍ଚମ ସନ୍ଧ୍ୟାରେ ଇଫ୍‌କୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମାନବବାଦୀ ସଂଗ୍ରାମୀ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ସ୍ମୃତିସଭା, ସ୍ଥାନ: ମୁକୁନ୍ଦପୁର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ପେଣ୍ଡିଂ କୋର୍ଟ ମାମଲାଗୁଡିକ ସଂକ୍ରାନ୍ତରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ସେମି ଫାଇନାଲରେ ପତାକା କ୍ଲବ ଅନୁଗୋଳ ସହ ୟୁଥ୍ କ୍ଲବ ବାଇଇଗୁଣିଆ, ସ୍ଥାନ: ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ ୩ୟ ଦିବସ, ସ୍ଥାନ:ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟ, ସମୟ: ଅପରାହ୍ନ ୩ଟା ୩୦ ।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବ ଉଦ୍‌ଯାପନ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁ ଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଜିଲାପରିଷଦ ଉନ୍ନୟନ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁରସ୍ଥିତ ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ :ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ଅଧିବାସ ନୀତି, ସ୍ଥାନ : ଶ୍ରୀରାମ ବାଟିକା, ସମୟ : ଅପରାହ୍ନ ୫ଟା ।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମରେ ରାଉରକେଲା ସ୍ୱନ୍ଦନ ନାଟ୍ୟାନୁଷ୍ଠାନର ନାଟକ ଜହର ଜହ୍ନ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୧୫ ।

## ରାଉରକେଲା

- ୱାର୍ଲଡ କିଡ୍‌ନୀ ଡେ'ରେ ଆଲୋଚନାଚକ୍ର, ସ୍ଥାନ: କୋଏଲନଗର ରିଟାୟାର୍ଡ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସିଭିଲଟାଉନଶିପ୍ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- କିଡ୍‌ନୀ ଡେ' ପାଳନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଉଲ୍ଲାସ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ, ସ୍ଥାନ:ବୈତାଳୀ, ଝାରବନ୍ଧ,ସମୟ:ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଜିଲା ଗଠନ ପାଇଁ ସମନ୍ୱୟ ବୈଠକ, ସ୍ଥାନ:ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ରବି ଚାଷୀ ପଞ୍ଜୀକରଣ ଉପରେ ତାଲିମ ଶିବିର, ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତିଜମାଲି ପର୍ବ ଆରମ୍ଭ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ତିଜମାଲି, ସମୟ, ପୂର୍ବାହ୍ନ ୧୦ଟା।
- ରେଳୱେ ପ୍ରକଳ୍ପ ନିର୍ମାଣ ଉପରେ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନୀ, ସ୍ଥାନ: ବୌଦ୍ଧ କଚେରୀ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ୍‌ସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର କଚେରି ଛକ ବାପୁଜୀ କ୍ଲବ ପରିସର, ସମୟ: ସକାଳ ୯ଟା।
- ଟିଠିପାଲି ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଧନ୍ୟାଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଟିଠିପାଲି ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାର, ସ୍ଥାନ: ଟିଠିପାଲି ମଠ ପଡ଼ିଆ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ତରଭା ବ୍ଲକ ସରଗଜରେ ରାମନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପ୍ରଗତି କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା ତୃତୀୟ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଗାଁ, ସମୟ: ପ୍ରାତଃ ୫ଟା ୧୫।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଗହଣରେ ଆମୋଦ ପ୍ରମୋଦର ମଉକା ଜୁଟିବ ଏବଂ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। କୃତ୍ତିକା ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସାହାଯ୍ୟକାରୀ ଗୁଣ କାରଣରୁ ଆତ୍ମୀୟସ୍ୱଜନଙ୍କ ଆବଶ୍ୟକତା ପୂରଣ ପାଇଁ ଚିନ୍ତା ବଢ଼ିପାରେ। ଇଚ୍ଛା ବିରୋଧରେ କାମ କରି ପଶ୍ଚାତାପ କରିବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରୁଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବନ୍ଧୁଙ୍କର ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋହିଣୀ ନକ୍ଷତ୍ରର ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରି ଖୁସି ହେବେ।

**ମିଥୁନ** ହିତୈଷୀବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧହୋଇ ନୂତନ କର୍ମାରମ୍ଭର ଚିନ୍ତା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ଦୂର ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବା ସହ ସମାଜରେ ଆଦୃତି ଲାଭ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ** କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟାର ସମ୍ମୁଖୀନ ହେବେ। ଅଶ୍ଳେଷା ନକ୍ଷତ୍ରର ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗି ପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ ଲାଭ ପରିମାଣ କମିବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ଅବହେଳିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟିକୁ ସମ୍ପନ୍ନ କରି କେତେକାଂଶରେ ଖୁସି ହେବେ।

**କନ୍ୟା** ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଧ ବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। ଲେଖାପଢ଼ା, ଅଧ୍ୟୟନ, ଅଧ୍ୟାପନା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ସାହାଯ୍ୟ ସହଯୋଗ ଲାଭକରି ଦିନଟି ସବୁ ଦିଗରୁ ଭଲରେ କଟିବ। ବିଶାଖା ନକ୍ଷତ୍ରର ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବାର ସୂଚନା ରହିଛି।

**ବିଛା** ନିଜର ଭାବୁଥିବା ବନ୍ଧୁଟି ହିଁ ଧୋକା ଦେଇପାରେ। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ଆଶଙ୍କା ରହିଛି। ଜ୍ୟେଷ୍ଠା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାମ୍ବାଦିକତା, ଏଜେନ୍ସିପ୍, ସାହିତ୍ୟ ଚର୍ଚ୍ଚା, କଳାକାରିଗିରି ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନୂତନ କାମଟିର ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ପରିବାରର ଆବଶ୍ୟକତାକୁ ପୂରଣ ସକାଶେ କରଜ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଉତ୍ତରାଷାଢ଼ା ନକ୍ଷତ୍ର ସ୍ଥଗିତ କାମକୁ ସାରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଲାଗିରହିଥିବାରୁ ଶେଷ ମୁହୂର୍ତ୍ତରେ ସୁଯୋଗ ହରାଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଇବାରେ ବ୍ୟସ୍ତ ରହିପାରନ୍ତି। ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଆଶା ରହିଛି। ଧନିଷ୍ଠା ନକ୍ଷତ୍ରର ପରିବାରରେ ଭାଇ ବନ୍ଧୁଙ୍କ କାର୍ଯ୍ୟ କଳାପରୁ ଅଶାନ୍ତି ଅନୁଭବ କରିପାରନ୍ତି।

**କୁମ୍ଭ** ଆଜି ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପର ମୁହୂର୍ତ୍ତରେ ଭୁଲ୍ ବୁଝାମଣା ଦୂର ହୋଇଯିବ। ମାଙ୍ଗଳିକ କାମ ସକାଶେ ଅଧାପନ୍ତରି କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲିବେ ସତ କିନ୍ତୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଅଭିଯୋଗର ସମାଧାନ କରି ଆତ୍ମୀୟଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜି ପାରିବାରିକ ବନ୍ଧୁମିଳନକୁ ନେଇ ହସ ଖୁସିରେ ସମୟ କଟିବ। ମୂଲ୍ୟବାନ୍ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ବନ୍ଧୁସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। ପୂର୍ବାଭାଦ୍ରପଦ ନକ୍ଷତ୍ର ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

ଆଜି ମାର୍ଚ୍ଚ ୧୨ ତାରିଖ, ବିଶ୍ୱ ବୃକ୍କ ଦିବସ (ମାର୍ଚ୍ଚ ୨ୟ ଗୁରୁବାର), ଚୈତ୍ର କୃଷ୍ଣ ନବମୀ ଗୁରୁବାର। ରାଶିନକ୍ଷତ୍ର-ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ. ୦୬।୦୧ ମି. ଗତେ ଘ.୦୭।୩୬ ମି. ମଧ୍ୟେ, ଘ.୧୦।୪୫ମି. ଗତେ ଘ.୦୧।୦୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୫ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଡାହି ଖଣ୍ଡେ ବଙ୍କା**
**ଜାମୁ ଡାହି ଖଣ୍ଡେ ପାଣିକି ପକା**
**ବଚନ ଷାଠିଏ ଟଙ୍କା।**

ନିଜ କଥା ବା ନିଷ୍ପତ୍ତିରେ ଅଟଳ। କେତେଜଣ ବ୍ୟକ୍ତିଙ୍କ କଥାରେ ଓଜନ ରହିଥାଏ। ପରିସ୍ଥିତି ଯାହା ଘଟିଗଲେ ମଧ୍ୟ ଦେଇଥିବା ବା କହିଥିବା କଥା ରୁ କେବେବି ଓହରିଯାଇ ନ ଥାନ୍ତି। କଥା ଦେଇ କଥା ରଖୁଥିବା ଦୃଢ଼ପ୍ରତିଜ୍ଞ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଜି ମଙ୍ଗନ କାଲି ବାହା**
**କିସ କରୁଛି କନିଆର ମା।**

ଆଜି ମଙ୍ଗନ, ରାତି ପାହିଲେ ବାହାଘର। ବାହାଘରରେ ଝିଅ ପକ୍ଷର ବେଶି ଦାୟିତ୍ୱ। ଝିଅର ବାପା ମା' ବେଶି ବ୍ୟସ୍ତ। କିନ୍ତୁ କିଛି ଯୋଗାଡ଼ ଯନ୍ତ୍ର ହୋଇନି। କନିଆର ବାପା ମାଆ କ'ଣ କରୁଛନ୍ତି କିଛି ଜାଣି ହେଉନି। ତାଙ୍କର ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେଭଳି କିଛି ତତ୍ପରତା ନାହିଁ ବୋଲି ଆଶଙ୍କା ଏବଂ ଆଶ୍ଚର୍ଯ୍ୟ ପ୍ରକଟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୧ ଡଲାର = ...

ବନ୍ଦ ହୋଇଛି। ମଙ୍ଗଳବାର ଟଙ୍କା ୯୧.୮୫ ସ୍ତରରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ବୁଧବାର ସେନ୍‌ସେକ୍ସ ପ୍ରାୟ ୧,୩୪୨ ପଏଣ୍ଟ ଖସିଥିବାବେଳେ ନିଫ୍ଟି୫୦ରେ ୩୯୪ ପଏଣ୍ଟ ହ୍ରାସ ଘଟିଛି। ଫଳରେ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍ଆଇଆଇ)ମାନେ କେବଳ ବୁଧବାର ଭାରତୀୟ ବଜାରରୁ ପ୍ରାୟ ୬,୨୬୭.୩୧ କୋଟି ଟଙ୍କାର ଶେୟାର ବିକ୍ରି କରି ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ଅନୁସାରେ, ଆଗକୁ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ଏବଂ ଭୂ-ରାଜନୈତିକ ସ୍ଥିତି ଉପରେ ବଜାରର ନଜର ରହିବ। ଆଗାମୀ ଦିନରେ ଟଙ୍କା ୯୧.୭୦ରୁ ୯୨.୪୦ ସୀମା ମଧ୍ୟରେ ରହିପାରେ ବୋଲି ଅନୁମାନ କରାଯାଉଛି। ଟଙ୍କାର ମୂଲ୍ୟ କମିବା ଫଳରେ ବିଦେଶୀ ପାଠପଢ଼ା, ଭ୍ରମଣ ଏବଂ ଆମଦାନୀ ହେଉଥିବା ସାମଗ୍ରୀ (ଯଥା ମୋବାଇଲ ଓ ଇଲେକ୍ଟ୍ରୋନିକ୍ସ) ମହଙ୍ଗା ହେବା ଆଶଙ୍କା ବଢ଼ିଯାଇଛି।

## ବିବାଦୀୟ ଅଧ୍ୟାୟର ...

ଏହିଭଳି ଉତ୍ପାତକାରୀଙ୍କୁ ଚିହ୍ନଟକରି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କୋର୍ଟ ଏହି ମାମଲାରେ କହିଥିଲେ, ପାଠ୍ୟପୁସ୍ତକରେ ଭୁଲ୍ ତଥ୍ୟ ଦେଇ ନ୍ୟାୟପାଳିକା ଉପରକୁ ଗୁଳି ଚଳାଯାଇଛି। ପାଠ୍ୟକ୍ରମ ପ୍ରସ୍ତୁତିର ଏହି ଶିଥିଳ ବ୍ୟବସ୍ଥାକୁ ସଂସ୍କାର କରିବା ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସିଷ୍ଟମରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବୁଧବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟି ଉପରେ ବର୍ଷିଛନ୍ତି। ଏନ୍‌ସିଇଆର୍‌ଟି ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ବିବାଦୀୟ ଅଧ୍ୟାୟଟି ଯଥାବିଧି ପୁନର୍ଲିଖିତ ହୋଇସାରିଛି। କିନ୍ତୁ କୋର୍ଟ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେଉଁ ବିଶେଷଜ୍ଞଙ୍କ ଦ୍ୱାରା ଏହି ଅଧ୍ୟାୟ ପୁଣିଥରେ ଲେଖାଗଲା ଏବଂ ଏହାକୁ କିଏ ଅନୁମୋଦନ କଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏକ ସ୍ୱତନ୍ତ୍ର ବିଶେଷଜ୍ଞ କମିଟିର ଯାଞ୍ଚ ଓ ଅନୁମୋଦନ ବିନା ଏହି ନୂତନ ଅଧ୍ୟାୟ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରକାଶ କରାଯାଇପାରିବ ନାହିଁ। ତେବେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସାକଲାନି କୋର୍ଟରେ ଏକ ସତ୍ୟପାଠ ଦାଖଲ କରି ନିଃସର୍ତ୍ତ କ୍ଷମା ମାଗିଛନ୍ତି। ସେ କହିଛନ୍ତି, ପୂର୍ବରୁ ଥିବା ବିବାଦୀୟ ଅଧ୍ୟାୟଟି ମୂଳ ସିଲାବସ୍ କମିଟି (ଏନ୍ଏସ୍‌ଟିସି) ନିକଟରେ ଉପସ୍ଥାପନ କରାଯାଇ ନ ଥିଲା, ଯାହା ଅକ୍ଷମଣୀୟ ଭୁଲ୍। ପୂର୍ବ ଲେଖକ ପ୍ରଫେସର ମିସେଲ ଡାନିନୋ ଏବଂ ତାଙ୍କ ଟିମ୍‌କୁ ଏନ୍‌ସିଇଆର୍‌ଟିର ସମସ୍ତ କାର୍ଯ୍ୟରୁ ସବୁଦିନ ପାଇଁ ବାଦ୍ ଦିଆଯାଇଛି। ସେହିପରି ଏନ୍‌ସିଇଆର୍‌ଟି କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅବଗତ କରାଇଛି। ମୋଟ ୮୨,୪୪୦ ବହି ଛପାଯାଇଥିଲା, ଯେଉଁଥିରୁ ୮୨,୪୨୫ କପି ଜବତ କରି ସିଲ୍ କରାଯାଇଛି। ବଜାରକୁ ଯାଇଥିବା ମାତ୍ର ୩୮ଟି ବହିକୁ ମଧ୍ୟ ଫେରାଇ ଅଣାଯାଇଛି। ବହି ମୁଦ୍ରଣ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ୬ଟି ପ୍ଲେଟ୍‌କୁ ନଷ୍ଟ କରି ସିଲ୍ କରାଯାଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ବିଶେଷଜ୍ଞ କମିଟି ଦ୍ୱାରା ଯାଞ୍ଚ ନ ହେବା ପର୍ଯ୍ୟନ୍ତ କୌଣସି ବିଷୟବସ୍ତୁ ପାଠ୍ୟପୁସ୍ତକରେ ସ୍ଥାନ ପାଇବ ନାହିଁ। ନ୍ୟାୟପାଳିକା ପରି ସଂସ୍ଥା ବିଷୟରେ ପିଲାମାନଙ୍କୁ ଦିଆଯାଉଥିବା ସୂଚନା ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଶୁଣାଣି ବେଳେ ସ୍ପଷ୍ଟ କରିଛନ୍ତି।

## ବିଧାନସଭାରେ ଆଇନଶୃଙ୍ଖଳା...

ବାଙ୍ଗିରିପୋଷି ବିଡିଓ, କପ୍ତିପଦା ତହସିଲଦାରଙ୍କୁ ମାଡ଼ ମାରିଥିଲେ। ତାଙ୍କର ଜଣେ ବିଧାୟକ ପୋଲିସକୁ ଫୋନ୍‌ରେ ବଦଳି ଧମକ ଦେଉଥିବା କଥା ସାମ୍ନାକୁ ଆସିଥିଲା। ସେ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ହେଲେ ଆମ ସରକାରରେ ଲୋକ ନ୍ୟାୟ ପାଉଛନ୍ତି, ଦୋଷୀ ଦଣ୍ଡ ପାଉଛି। ବାବୁ ସିଂ କହିଥିଲେ, ଚୋର୍ ମଚାଏ ସୋର୍। ୨୪ ବର୍ଷରେ ଏତେ ହତ୍ୟା ଘଟଣା ଘଟାଇଛନ୍ତି ଯେ ଭଗବାନ୍ ମଧ୍ୟ କ୍ଷମା ଦେବେନି। ମାହାଙ୍ଗାରେ ୫ଟି ହତ୍ୟା ହେବା ପରେ ମଧ୍ୟ ସେତେବେଳର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଏହି ଅସମୟରେ ପ୍ରମିଳା ବିରୋଧ କରିବାରୁ ବାବୁ ସିଂ କହିଥିଲେ, ଅପା ମୁଁ ଡାଲିକଥା କହୁନାହିଁ। ଏହାପରେ ଜଗବନ୍ଧୁ ମାଝୀଙ୍କଠାରୁ ଆରମ୍ଭକରି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନବ କିଶୋର ଦାସଙ୍କ ହତ୍ୟା ପର୍ଯ୍ୟନ୍ତ ବହୁ ଘଟଣାର ଅବତାରଣା କରି ବାବୁ ସିଂ କହିଥିଲେ, ବିରୋଧୀ ଦଳ ନେତା ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଥିଲେ। ହେଲେ ପଶ୍ଚିମବଙ୍ଗରେ ଯେତେବେଳେ ତାଙ୍କୁ ଅସମ୍ମାନ କରାଗଲା ସେ କାହିଁକି ଚୁପ୍ ବସିଛନ୍ତି। ଏବେ ବିଜେଡି କଂଗ୍ରେସ ସହ ସନ୍ଧି କରିଛି। କେଉଁ ସର୍ତ୍ତରେ ହୋଇଛି ତାହା ଲୋକ ବୁଝିପାରୁନାହାନ୍ତି। ଯେଉଁମାନେ ଅତୀତରେ ଅପକର୍ମ କରିଛନ୍ତି, ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାବୁ କହିଥିଲେ। ଏହି ସମୟରେ ବିଜେଡି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଙ୍ଗାମା କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିବାରୁ ୧୨ଟା ୨ ମିନିଟ୍‌ରୁ ୧୦ ମିନିଟ୍ ଯାଏ ଗୃହକୁ ବାଚସ୍ପତି ମୁଲତବି ଘୋଷଣା କରିଥିଲେ।

## ପ୍ରଥମ ଇଚ୍ଛାମୃତ୍ୟୁ...

ହୋଇଥିବାରୁ କୋର୍ଟଙ୍କ ଅବତାରଣା ଅନୁଭୂତ ହୋଇଛି। ଖଣ୍ଡପୀଠ ଆହୁରି କହିଛନ୍ତି, ଲାଇଫ୍ ସପୋର୍ଟ ସିଷ୍ଟମ୍‌କୁ ମର୍ଯ୍ୟାଦାର ସହ ହଟାଯିବା ଉଚିତ। ସିଏଏନ୍‌କୁ ହଟାଇଦିଆଯିବ। ଏଥିପାଇଁ ରହିଥିବା ୩୦ ଦିନ ଅବଧିକୁ ଆଉ ବିଚାରକୁ ନିଆଯିବ ନାହିଁ। ରାୟ ଶୁଣାଇବାବେଳେ ଖଣ୍ଡପୀଠ ହରିଶଙ୍କ ମା'ବାପାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣଙ୍କୁ ଭଲ ପାଇବାର ତାତ୍ପର୍ଯ୍ୟ ନୁହେଁ ଯେ କେବଳ ଖୁସି ସମୟରେ ତାଙ୍କର ଯତ୍ନନେବା। ତାଙ୍କ ଜୀବନର ସବୁଠୁ ଅନ୍ଧକାରମୟ ସମୟରେ ମଧ୍ୟ ତାଙ୍କ ପ୍ରତି ଉତ୍ସର୍ଗୀକୃତ ଭାବନା ସହ ସେବା କରିବା, ଯାହାକି ହରିଶଙ୍କ ମାତାପିତାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

## କନ୍ଧମାଳ: ଆତ୍ମସମର୍ପଣ...

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କେକେବିଏନ୍ ଡିଭିଜନ ଚଳାଉଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ କମିଟି ମେମ୍ବର ସାନୁ ପୋଟାମ ଓରଫ ନୀତୁ, ଡିଭିଜନାଲ କମିଟି ମେମ୍ବର ସାନ୍ତାଏ ସଲାମ ଓରଫ ଅନୁପା, ଏରିଆ କମିଟି ମେମ୍ବର ଲକ୍ଷ୍ମୀ ମାଡଭି ଓରଫ ସଙ୍ଗୀତା ଏବଂ ସୁନୀଲ ତାଲେମ, ପାର୍ଟି ମେମ୍ବର ମଞ୍ଜୁଳା ପୁନେମ ଓରଫ ଶିଲ୍ପା, ରାମବତୀ ଓୟାମ ଓରଫ ଯମୁନା, ଗଣେଶ କୁଞ୍ଜାମ, ସୁଶୀଳା ଦୁଡ଼ି, ସରିତା କୁହୁଦମ ଓ ଚୋଡ଼ି ଯୋଗୀ ଓରଫ ରଜନୀ ଅଛନ୍ତି। ନୀତୁଙ୍କ ମୁଣ୍ଡ ଉପରେ ୫୫ ଲକ୍ଷ, ଅନୁପାଙ୍କ ମୁଣ୍ଡରେ ୨୨ ଲକ୍ଷ, ସଙ୍ଗୀତାଙ୍କ ମୁଣ୍ଡରେ ୧୧ ଲକ୍ଷ ଓ ସୁନୀଲଙ୍କ ମୁଣ୍ଡରେ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ମିଥ୍ୟା ବିଚାରଧାରା ପଛରେ ଦୌଡ଼ି ନିରୀହ ଲୋକଙ୍କ ରକ୍ତ ବୁହାଉଥିଲେ। ପୋଲିସର ବାରମ୍ବାର ଚଢ଼ାଉ ଏବଂ ସରକାରଙ୍କ ବିକାଶମୂଳକ ଯୋଜନା ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ବାଧ କରିଛି ବୋଲି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ଜବତ ଅସ୍ତ୍ରଶସ୍ତ୍ର ବାବଦରେ ସେମାନଙ୍କୁ ୧୦ ଲକ୍ଷ ଟଙ୍କା ମିଳିବ। କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ହତ୍ୟା ଏବଂ ପୋଲିସର ନିରନ୍ତର ଅପରେଶନ ପରେ ମାଓବାଦୀମାନେ ହତୋତ୍ସାହିତ ହୋଇ ଆତ୍ମସମର୍ପଣ କରୁଛନ୍ତି। ଏହି ଆତ୍ମସମର୍ପଣ ପରେ ଓଡ଼ିଶାରେ କାର୍ଯ୍ୟ କରୁଥିବା ସଶସ୍ତ୍ର କ୍ୟାଡରଙ୍କ ସଂଖ୍ୟା ପ୍ରାୟ ୨୫କୁ ହ୍ରାସ ପାଇଛି। ସେମାନଙ୍କ କାର୍ଯ୍ୟକଳାପ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାର ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ରହିଛି। ଆଗାମୀ ଦିନରେ ଏସ୍‌ଓଜି, ଡିଭିଏଫ, ସିଆରପିଏଫ୍ ଏବଂ ବିଏସ୍‌ଏଫ୍‌କୁ ନେଇ ଏହି ଅପରେଶନକୁ ଆହୁରି ତୀବ୍ର କରାଯିବ ବୋଲି ଏଡିଜି ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଆଇଜି ଅପରେଶନ ଡ. ଦୀପକ କୁମାର, ଡିଆଇଜି ଅଖିଳେଶ୍ୱର ସିଂ, କନ୍ଧମାଳ ଏସ୍‌ପି ହରିଶ ବିସି ଯୋଗଦେଇଥିଲେ।




# ଯାହା ଘଟିଲା ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୋଧୀ

## ମମତାଙ୍କୁ ଚିଠି ଲେଖିଲେ ମୋହନ

ଭୁବନେଶ୍ୱର,୧୧।୩(ଅନୁରାଧା ମହାରଣା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଶ୍ଚିମବଙ୍ଗରେ ହୋଇଥିବା ଅପମାନଜନକ ବ୍ୟବହାର ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବୁଧବାର ମୁଖ୍ୟମନ୍ତ୍ରୀ ମାଝୀ ଚିଠି ଲେଖି ଏହି ଘଟଣାକୁ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୋଧୀ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବାକୁ ଅନୁରୋଧ କରିଛନ୍ତି। ମାଝୀ ଉଲ୍ଲେଖ କରିଛନ୍ତି, ଭାରତର ଗଣତାନ୍ତ୍ରିକ ପରମ୍ପରା ପରସ୍ପର ସମ୍ମାନ ଏବଂ ଗରିମା ଉପରେ ଆଧାରିତ, ଯେଉଁଠାରେ ମତଭେଦ କେବେ ହୃଦୟର ଭେଦ ହୁଏ ନାହିଁ। ଏକ ସମ୍ମାନିତ ଆଦିବାସୀ ମହିଳା ଭାବେ ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗରେ ଯେଉଁ ପ୍ରକାର ବ୍ୟବହାର କରାଯାଇଛି, ତାହା ଦେଶବ୍ୟାପୀ ଅନେକଙ୍କୁ ଗଭୀର ଆଘାତ ଦେଇଛି। ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ଘଟିଥିବା ଏହି ଘଟଣା ଆହୁରି ବେଶି ବିଚଳିତ କରୁଛି। ରାଷ୍ଟ୍ରପତିଙ୍କ ପରିଦର୍ଶନ ସମୟରେ ମୌଳିକ ସୌଜନ୍ୟତାର ଅଭାବ, ବିଶେଷକରି ଆଦିବାସୀ ସମ୍ପ୍ରଦାୟ ସହ ଜଡ଼ିତ ଏକ କାର୍ଯ୍ୟକ୍ରମର ବ୍ୟବସ୍ଥାରେ ପରିବର୍ତ୍ତନ ଦୁର୍ଭାଗ୍ୟଜନକ। ଏହା


ମୋହନ ଚରଣ ମାଝୀ

ସାମ୍ବିଧାନିକ ମୂଲ୍ୟବୋଧର ବିରୋଧୀ। ଏହି ଘଟଣା କେବଳ ଦେଶର ବହୁ କୋଟି ଆଦିବାସୀ, ପଛୁଆ ବର୍ଗ ଏବଂ ଦଳିତଙ୍କ ଭାବନାକୁ ଆଘାତ ଦେଇନାହିଁ ବରଂ ପଶ୍ଚିମବଙ୍ଗର ପ୍ରତିଛବି ଉପରେ ମଧ୍ୟ ଅନାବଶ୍ୟକ କଳଙ୍କ ଲଗାଇଛି। ପଶ୍ଚିମବଙ୍ଗ ଏକ ସଂସ୍କୃତି, ସଭ୍ୟତା ଏବଂ ଗଣତାନ୍ତ୍ରିକ ସଂସ୍ଥାନଗୁଡ଼ିକ ପ୍ରତି ସମ୍ମାନର ଭୂମି ଭାବେ ପରିଚିତ। ସାନ୍ତାଳ ସମ୍ପ୍ରଦାୟ ଏକ ବଡ଼ ସମ୍ପ୍ରଦାୟ, ଯାହା ଭାରତର ଅନେକ ଅଞ୍ଚଳରେ ବାସ କରୁଛନ୍ତି ଏବଂ ରାଷ୍ଟ୍ରର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ମଧ୍ୟ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ନିଜେ ଏହି ସମ୍ପ୍ରଦାୟର ସଦସ୍ୟ ହୋଇଥିବାରୁ ଏହି ଘଟଣା ନେଇ ଅତ୍ୟନ୍ତ ବ୍ୟଥିତ ଅନୁଭବ କରୁଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠିରେ ସେ ମମତା ବାନାର୍ଜୀଙ୍କୁ ଏହି ବିଷୟରେ ଚିନ୍ତା କରିବାକୁ ଏବଂ ରାଷ୍ଟ୍ରପତି ଏବଂ ଦେଶବାସୀଙ୍କୁ ଦୁଃଖ ପ୍ରକାଶ କରିବାକୁ ନିବେଦନ କରିଛନ୍ତି।

# ବିଧାନସଭାରେ ମଧ୍ୟପ୍ରାଚ୍ୟ ଯୁଦ୍ଧର କମ୍ପନ

ଭୁବନେଶ୍ୱର,୧୧।୩ (ରବିନାରାୟଣ ଜେନା)

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ବୁଧବାର ବିଧାନସଭାରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ବିଶେଷକରି ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ଅଶାନ୍ତି ମଧ୍ୟରେ ଓଡ଼ିଆ ଶ୍ରମିକଙ୍କ ସୁରକ୍ଷାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ପ୍ରଶ୍ନବାଣରେ ଘେରିଥିଲେ।

'ବିଦେଶରେ ଓଡ଼ିଆ ଶ୍ରମିକ ଅସୁରକ୍ଷିତ' ଶୀର୍ଷକ ମୁଲତବୀ ଆଲୋଚନାକୁ ଆରମ୍ଭକରି ବିଜେଡି ସଦସ୍ୟ ଅରୁଣ ସାହୁ କହିଥିଲେ, ସାରା ବିଶ୍ୱରେ ଯୁଦ୍ଧ ଯୋଗୁ ଖାଦ୍ୟ ସଙ୍କଟ ସୃଷ୍ଟି ହେବାକୁ ଯାଉଛି, କିନ୍ତୁ ରାଜ୍ୟ ସରକାର ଚୁପ ବସିଛନ୍ତି। ତାଙ୍କର ପ୍ରଶ୍ନ ଥିଲା ବିଶ୍ୱଗୁରୁ ହେବାକୁ ଚାହୁଁଥିବା ଭାରତର ଷ୍ଟାଣ୍ଡ୍ କ'ଣ ? ଆମେ ରୁଷିଆରୁ ତେଲ କିଣିବୁ କି ନାହିଁ ସେ ନିଷ୍ପତ୍ତି ଟ୍ରମ୍ପ କାହିଁକି ନେବେ ? ଯୁଦ୍ଧ କେବେ ସମାଧାନ କରିପାରିବ ନାହିଁ କି ଶାନ୍ତି ଫେରାଇ ଆଣିପାରିବ ନାହିଁ। ଏଥିପାଇଁ ଗୃହରେ ସ୍ୱତନ୍ତ୍ର ସଂକଳ୍ପ ଆସୁ ବୋଲି ଅରୁଣ ଦାବି କରିଥିଲେ।

ବିଜେଡି ସଦସ୍ୟ ଧ୍ରୁବଚରଣ ସାହୁ ମନେ ପକାଇ ଦେଇଥିଲେ ଯେ ୟୁକ୍ରେନ-ରୁଷିଆ ଯୁଦ୍ଧ ବେଳେ ବିଜେଡି ସରକାର ୬୫ ଜଣ ଓଡ଼ିଆଙ୍କୁ ଫେରାଇ ଆଣିଥିଲେ। ଦିବ୍ୟଶଙ୍କର ମିଶ୍ର ବିଦେଶରେ ଥିବା ଓଡ଼ିଆଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରି ଓଡ଼ିଶା ଆଣିବାକୁ ଦାବି ରଖିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ସରକାରଙ୍କୁ ତାଚ୍ଛଲ୍ୟ କରି କହିଥିଲେ ଯେ, ଦୁବାଇ ବିମାନ ସେବା ବନ୍ଦ କରିବା ହିଁ ସରକାରଙ୍କ

- ବିଶ୍ୱଗୁରୁଙ୍କ ଷ୍ଟାଣ୍ଡ୍ କ'ଣ: ଅରୁଣ
- ଆମ ସରକାର ଅତ୍ୟନ୍ତ ସମ୍ବେଦନଶୀଳ: ଶ୍ରମ ମନ୍ତ୍ରୀ

ଏକମାତ୍ର ବଡ଼ କାମ। ବିଦେଶରେ ୨୦ ହଜାରରୁ ଅଧିକ ଶ୍ରମିକ ଅଛନ୍ତି। ସେମାନଙ୍କୁ ଫେରାଇଆଣିବା ପାଇଁ ସରକାରଙ୍କ କି ଯୋଜନା ରହିଛି, ତାହା ଉପରେ ସମସ୍ତଙ୍କ ଜାଣିବାର ଆବଶ୍ୟକତା ରହିଛି। କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଗଲା କି ନାହିଁ? କମ୍ପ୍ରମାଇଜ୍ ହେବ ନା ନାହିଁ? ସେନେଇ ମନ୍ତ୍ରୀ ଉତ୍ତର ଦିଅନ୍ତୁ ବୋଲି ତାରା ଦାବି କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ, ଭାରତ ଏକ ଶାନ୍ତିପ୍ରିୟ ଦେଶ। ମଧ୍ୟପ୍ରାଚ୍ୟରେ ଯେଉଁ ଯୁଦ୍ଧ ଲାଗିଛି, ଏଥିରେ ବହୁ ବିମାନଘାଟି ଧ୍ୱଂସ ହୋଇଛି। ଏହି ସମୟରେ ଓଡ଼ିଆଙ୍କୁ କ'ଣ କ୍ୟାପ୍‌ଟେନ୍ ବାବୁ ପବନରେ ଉଡ଼ାଇ ଆଣିପାରିବେ କି? ଏଭଳି ଅବାସ୍ତବ କଥା କହି ଭ୍ରମିତ ନ କରିବା ଲାଗି ସେ ବାରଣ କରିଥିଲେ। ସେ ଶ୍ରମ ଆଇନର ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ଭାଜପା ସଦସ୍ୟ ସନ୍ତୋଷ ଖଟୁଆ କହିଥିଲେ, ଯୁଦ୍ଧର ଭୟାବହ ସ୍ଥିତି କ'ଣ ହେବ ସେକଥା କେହି ଜାଣିନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆମାନଙ୍କୁ ବିଦେଶରୁ ଫେରାଇଆଣିବା ପାଇଁ ଟୋଲ୍ ଫ୍ରି ନମ୍ବର ଜାରିହେବା ସହିତ ସରକାରଙ୍କ ପକ୍ଷରୁ ଘନ ଘନ ବୈଠକ ବସୁଛି। ସଦସ୍ୟ ଉମାଚରଣ ମଲ୍ଲିକ ସବୁ ଦେଶ ସହ ଭାରତର ସୁସମ୍ପର୍କ ଥିବା କହିଥିଲେ।

ବିରୋଧୀଙ୍କୁ କଡ଼ା ଜବାବ ଦେଇ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଥିଲେ, ରାଜ୍ୟ ସରକାର ଅତ୍ୟନ୍ତ ସମ୍ବେଦନଶୀଳ ଅଛନ୍ତି ଏବଂ ମୁଖ୍ୟ ଶାସନ ସଚିବଙ୍କୁ ସିଧାସଳଖ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଓଡ଼ିଆଙ୍କ ମୃତ୍ୟୁ ଖବର ଆସିନାହିଁ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ଗ୍ରହଣକରି ତୀକ୍ଷ୍ଣ ନଜର ରଖିଛନ୍ତି। ଶ୍ରମ, ଗୃହ, ଆଇଟି ବିଭାଗକୁ ନେଇ ବୈଠକ ବସିଛି। ଏନେଇ ମାର୍ଚ୍ଚ ୨ରେ ୱାର୍କିଂ ଗ୍ରୁପ୍ ଗଠନ ହୋଇଛି। ବାହାରେ ଥିବା ଓଡ଼ିଆଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଇତିମଧ୍ୟରେ ଦୁବାଇରୁ ୩୫ ଜଣଙ୍କୁ ୩ଟି ପର୍ଯ୍ୟାୟରେ ଓଡ଼ିଶା ଫେରାଇ ଅଣାଯାଇଛି। ମନ୍ତ୍ରୀ ପୁଣି କହିଥିଲେ, ବାହାର ରାଜ୍ୟରେ ନିଯୋଜନ ନିମନ୍ତେ ୨୦୨୪ରେ ୭୦,୧୪୨ ଜଣ, ୨୦୨୫ରେ ୯୨,୧୭୬ ଏବଂ ୨୦୨୬ (ଅଦ୍ୟାବଧି)ରେ ୫୦୬୨ ଜଣ ପ୍ରବାସୀ ଶ୍ରମିକଙ୍କୁ ଲାଇସେନ୍ସ ଦିଆଯାଇଛି। ପ୍ରବାସୀ ଶ୍ରମିକଙ୍କ ଉଦ୍ଧାର ପାଇଁ ୧୪ଟି ଜିଲାକୁ ୧୫ ଲକ୍ଷ ଓ ଅନ୍ୟ ଜିଲାଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ବିଜେଡି ଓ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

# ଭାଜପାରେ ରବୀନ୍ଦ୍ର ଜେନା

## 'ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ'

ଭୁବନେଶ୍ୱର,୧୧।୩(ସୁନିତ୍ ମିଶ୍ର)

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ମଙ୍ଗଳବାର ବିଜେଡି ଛାଡ଼ିଥିବା ବେଳେ ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ସହ ବାଲେଶ୍ୱର ଜିଲାର ବହୁ ନେତା ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳର ସଭାପତି ମନମୋହନ ସାମଲ ରବୀନ୍ଦ୍ର ଏବଂ ତାଙ୍କ ସମର୍ଥକମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ରବୀନ୍ଦ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆଗାମୀ ଦିନରେ ବିଜେଡି ରାଜ୍ୟବାସୀଙ୍କୁ ସୁଶାସନ ଦେଇପାରିବ ନାହିଁ। ଯେଉଁ ଆଞ୍ଚଳିକ ଦଳ ଉତ୍ତରାଧିକାରୀ ବାଛିପାରିବ ନାହିଁ ସେହି ପାର୍ଟି ତିଷ୍ଠିପାରେନାହିଁ। ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ। ଏଭଳି ଉଦାହରଣ ମଧ୍ୟ ଦେଶରେ ଅନେକ ରହିଛି, ଯେଉଁଠି ଦଳଗୁଡ଼ିକ ନିଜର ଉତ୍ତରାଧିକାରୀ ଦେଇପାରିନାହାନ୍ତି ସେମାନେ ପରବର୍ତ୍ତୀ ସମୟରେ ତିଷ୍ଠିନାହାନ୍ତି। କାଂଶୀରାମ ମାୟାବତୀଙ୍କୁ ନିଜର



ଉତ୍ତରାଧିକାରୀ କଲେ ବିଏସ୍‌ପି ସଫଳ ହେଲା। ମୁଲାୟମ ସିଂ ଯାଦବ ନିଜ ପୁଅ ଅଖିଳେଶ ଯାଦବଙ୍କୁ ଉତ୍ତରାଧିକାରୀ ବାଛିଲେ। ଅଖିଳେଶ ମଧ୍ୟ ନିଜ ଦଳକୁ ଆଗେଇନେବାରେ ସଫଳ ହେଲେ। ତାମିଲନାଡୁରେ କରୁଣାନିଧି ଷ୍ଟାଲିନ୍‌ଙ୍କୁ ନିଜ ଉତ୍ତରାଧିକାରୀ ବାଛିଥିଲେ ସେମାନେ ମଧ୍ୟ ଡିଏମ୍‌କେ ଦଳକୁ ଆଗକୁ ନେବାରେ ସଫଳ ହେଲେ। କିନ୍ତୁ ଏପରି ଦଳ ଅଛନ୍ତି ଉତ୍ତରାଧିକାରୀ ନ ବାଛିପାରିବାରୁ ବିଫଳତାର ମୁହଁ ଦେଖିଛନ୍ତି। ଯେମିତି ପଞ୍ଜାବର ଅକାଳୀ ଏବଂ ତାମିଲନାଡୁର ଏଆଇଡିଏମ୍‌କେ ଉତ୍ତରାଧିକାରୀ ଦେଇ ନ ପାରିବାରୁ ଆଗକୁ ବଢ଼ିପାରିଲେନାହିଁ ବୋଲି ରବୀନ୍ଦ୍ର କହିଛନ୍ତି।

ମନମୋହନ କହିଛନ୍ତି, ରବୀନ୍ଦ୍ରଙ୍କ ଯୋଗଦାନ ଯୋଗୁ ଭାଜପା କେବଳ ବାଲେଶ୍ୱର ନୁହେଁ ରାଜ୍ୟରେ ଶକ୍ତିଶାଳୀ ହେବ। ନିର୍ବାଚନ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇ ଶାସନକୁ ଆସିବା ପରେ ସେସବୁ ପୂରଣ କରୁଥିବାରୁ ଲୋକମାନଙ୍କ ବିଶ୍ୱାସ ବଢ଼ିଯାଇଛି। ଭାଜପା ସରକାରର ଜନକଲ୍ୟାଣକାରୀ କାର୍ଯ୍ୟକୁ ଆଗକୁ ନେବା ପାଇଁ ଏବଂ ବିକଶିତ ବାଲେଶ୍ୱର ଗଠନ କରିବା ଲାଗି ସମସ୍ତଙ୍କୁ ଏକାଠି କାମ କରିବାକୁ ପଡିବ ବୋଲି ମନମୋହନ କହିଛନ୍ତି।

ଆଗକୁ ରାଜ୍ୟ ସଭା ନିର୍ବାଚନ ରହିଛି। ଏହା ପୂର୍ବରୁ ରବୀନ୍ଦ୍ରଙ୍କ ଯୋଗଦାନ ନେଇ ସବୁଆଡେ ଚର୍ଚ୍ଚା ଚାଲିଛି। ବହୁ ଆଗରୁ ରବୀନ୍ଦ୍ର ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ଠିକ୍ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ରବୀନ୍ଦ୍ର ଶାସକ ଦଳ ସହ ମିଶିଯିବା ପରେ ତାଙ୍କ ସ୍ତ୍ରୀ ସୁବାସିନୀ ଜେନା ଯିଏ ବର୍ତ୍ତମାନ ବସ୍ତା ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟିକା ଅଛନ୍ତି ତାଙ୍କୁ ନେଇ ଆଲୋଚନା ଜୋର୍ ଧରିଛି। ଅନ୍ୟପଟେ ରବୀନ୍ଦ୍ର ବଡ଼ ପଟୁଆର ଧରି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ ତାଙ୍କ ସାଙ୍ଗରେ ଜିଲାର ବହୁ ଟାଣୁଆ ନେତା, ବ୍ଲକ୍ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ମଧ୍ୟ ରହିଥିଲେ।

ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସଭାପତି ରଞ୍ଜିତ ମହାପାତ୍ର, ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ଗଣେଶ ମହାପାତ୍ର, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳୀ ଦାସ, ବାଲେଶ୍ୱର ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା, ବଡ଼ସାହି ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସିଂ, ବେତନଟି ପଞ୍ଚାୟତ ସମିତି ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲା ପରିଷଦ ସଦସ୍ୟ ସୁଜାତାରାଣୀ ଦଣ୍ଡପାଟ, ନିଶାକର ସେଠୀ, ବେଣୁଧର ଜେନା, ସଞ୍ଜୟ ସେଠୀ, ପୂର୍ବତନ ଜିଲା ସଭାପତି ବାଦଲ ଦାସ, ବସ୍ତା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି।



“ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।–ଶ୍ରୀମା



# ଦୁଇ ଭିନ୍ନ ଦେଶ



ଦେବଦତ୍ତ ପଟ୍ଟନାୟକ

ଚାଇନା ଓ ଭାରତକୁ ବହୁ ସମୟରେ ରାଜନୈତିକ ରୂପେ ସ୍ୱତନ୍ତ୍ର ତଥା ବିକାଶଶୀଳ ଦେଶ ଭାବେ ତୁଳନା କରାଯାଏ। ତାହା ଭ୍ରମାତ୍ମକ। ଚାଇନା ହେଉଛି ସର୍ବପ୍ରଥମ ଓ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଦେଶ, ଯାହା ଏକ ସଭ୍ୟତାକୁ ଗ୍ରହଣ କରିଥିଲା। ଭାରତର ସର୍ବପ୍ରଥମେ ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଭ୍ୟତା ଥିଲା, ଯାହା ଏଯାବତ୍ ଏକ ଭଲ ବ୍ୟବସ୍ଥା ଗଢ଼ିବାକୁ ସଂଗ୍ରାମ କରୁଛି। ଏକ ଦୀର୍ଘ ଅସ୍ତିତ୍ୱଗତ ସଂଘର୍ଷରୁ ସୃଷ୍ଟି ହୋଇଛି ଚାଇନା। ପାଖାପାଖି ପାଞ୍ଚ ଶତାବ୍ଦୀ ଧରି ଖ୍ରୀଷ୍ଟପୂର୍ବ ୪୭୫ରୁ ୨୨୧ ମଧ୍ୟରେ ଅନେକ ସାମ୍ରାଜ୍ୟ ଲଢ଼େଇ କରି ପୁନର୍ଗଠନ ଓ ସଂସ୍କାର ଆଣିଥିଲେ । ସେମାନଙ୍କ ପତନ ଘଟିଥିଲା ଏବଂ ପରେ ଆଉ ଏକ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ସେହି ଅସ୍ତିତ୍ୱଗତ ଲଢ଼େଇ ମଧ୍ୟରୁ ନ୍ୟାୟ ଓ ଯୋଗ୍ୟତା ଆଧାରିତ କିନ୍ ( କିନ୍ ସାମ୍ରାଜ୍ୟ)ସିଦ୍ଧାନ୍ତ ସାମ୍ନାକୁ ଆସିଥିଲା। ଏହି ସମୟରେ ରାଜ୍ୟକୁ ଭାଗ ଭାଗ କରି ପ୍ରଶାସନିକ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଗଭର୍ନରମାନେ ବି ଯୋଗ୍ୟତାଭିତ୍ତିରେ ନିଯୁକ୍ତ ହୋଇଥିଲେ। ସେନା ଗଠନ କରାଯାଇ ତାହାର ବିକାଶ କରାଯାଇଥିଲା। ସରକାରୀ ଆଦେଶ ବଳରେ ଗଣନା, ଲେଖା, ମୁଦ୍ରା, ରାସ୍ତା, କେନାଲ, ଶସ୍ୟଭଣ୍ଡାର ଇତ୍ୟାଦିର ଏକୀକରଣ କରାଯାଇଥିଲା।

କିନ୍ ସାମ୍ରାଜ୍ୟ ଦୀର୍ଘଦିନ ତିଷ୍ଠି ରହି ନ ଥିଲେ ମଧ୍ୟ ତାହାର ବ୍ୟବସ୍ଥାଗତ ଗଠନ ରହିଥିଲା। କିନ୍ ସାମ୍ରାଜ୍ୟର ପତନ ପରେ ହାନ୍ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ତା'ପର ସାମ୍ରାଜ୍ୟଗୁଡ଼ିକ ନ୍ୟାୟିକ ଯୋଗ୍ୟତା ଏବଂ କନ୍‌ଫୁସିୟସ୍ ବିଚାରଧାରା ମଧ୍ୟରେ ଦୋଦୁଲ୍ୟମାନ ସ୍ଥିତିରେ ରହିଥିଲେ। କନ୍‌ଫୁସିୟସ୍ ସିଦ୍ଧାନ୍ତ ପରିବାରକୁ ଅଧିକ ଗୁରୁତ୍ୱ ଦେବା ସହ ନୈତିକ ଆଧାରରେ ପରିବାରକୁ ନେଇ ରାଜ୍ୟକୁ ଆଗକୁ ବଢ଼ାଉଥିଲା। ଅନ୍ୟ ପଟେ ବୈଧତା ସୂଚିତ କରୁଥିଲା ଯେ, ଦେଶର ଯଥା ଆଇନ, ଅମଲାତନ୍ତ୍ର, ପରୀକ୍ଷା ଏବଂ ଯୋଗ୍ୟତାଭିତ୍ତିରେ ପଦୋନ୍ନତିକୁ ନେଇ ନିଜସ୍ୱ ସିଦ୍ଧାନ୍ତ ରହିଥିଲା। ତା'ପରେ ସାମ୍ରାଜ୍ଞୀ ବୁ ଙ୍କ ଶାସନ ପରିବାରଗୁଡ଼ିକଠାରୁ ଦୂରେଇ ଯାଇଥିଲା। ଏହା ସହ ରାଜବଂଶର ଷଡ଼ଯନ୍ତ୍ର ଓ ବହୁ ସ୍ତ୍ରୀ ଗ୍ରହଣ କରିବାର ଅତ୍ୟଧିକ ଆଗ୍ରହ ଯୋଗୁ ଦରବାରୀ ରାଜନୀତି କ୍ରମେ କ୍ଷୀଣ ହୋଇଯାଇଥିଲା। ପରେ ମିଙ୍ଗ୍ ରାଜଶାସନରେ କ୍ଷମତାଶାଳୀ ପ୍ରଭାବହୀନ ରାଜସେବକ ଏବଂ ସେମାନଙ୍କ ଗୁପ୍ତ ନୀତି ଯୋଗୁ ଏହା ଏକ ଭୟର ବ୍ୟବସ୍ଥା ପାଲଟିଯାଇଥିଲା। ତେବେ ଏହିସବୁ ପରବର୍ତ୍ତନ ମଧ୍ୟରେ ଚାଇନା ଏକ ହୋଇ ରହିବାର ଧାରଣା ସ୍ଥିର ରହିଥିଲା। ଏକକ ଶାସନ ବ୍ୟବସ୍ଥାରେ ଅନେକ ଯୁଦ୍ଧ, ୱାଲ, କେନାଲ, ଡ୍ୟାମ୍ ଏବଂ ସ୍ପିଡ୍ ଟ୍ରେନ୍ ପାଇଁ ଅନେକ କୋଟି ଚାଇନିଜଙ୍କୁ ଏକାଠି କରିବାର କ୍ଷମତା ରଖିଥିଲା।

ଏହା ଏକ ବିଚିତ୍ର ଶକ୍ତି ହେଲେ ବି ବିଚିତ୍ର ଦୁର୍ବଳତା ସୃଷ୍ଟି କରିଥିଲା। ଚାଇନା ସରକାର ପାହାଡ଼କୁ ହଟାଇ ପାରେ, ନଦୀର ଗତିପଥ ବଦଳାଇଦେଇ ପାରେ ଏବଂ ସବୁ ସହରର ସ୍ଥାନାନ୍ତରଣ କରିଦେଇ ପାରେ। କ୍ଷମତା ଶୀର୍ଷରେ ରହେ ଏବଂ ତଳଆଡ଼କୁ ଯାଏ। ଯଦି ଉତ୍ତରଦାୟିତ୍ୱ କିଛି ରହିଛି, ତାହା ଶାସନ ବ୍ୟବସ୍ଥାରେ ଶୀଷରେ ରହିଛି। ତେବେ ସମ୍ରାଟ, ପାର୍ଟି, ଅମଲାତନ୍ତ୍ର ନିଜକୁ ଠିକ୍ ରଖି ଶାସନ କରିବେ ବୋଲି ନାଗରିକଙ୍କର ପ୍ରାୟତଃ ବିଶ୍ୱାସ ରହିଥାଏ।

ଭାରତ ବିପରୀତ ପଥକୁ ଅନୁସରଣ କରେ। ଏଠାରେ ଶାସନ ବ୍ୟବସ୍ଥା ଗଠନ ହେବା ପୂର୍ବରୁ ସମାଜ କଠୋର ଥିଲା। କେହି ଭାରତର ଏକ ଆଧୁନିକ ସୀମା ଆଙ୍କିବାର ବହୁ ପୂର୍ବରୁ ବର୍ଣ୍ଣ ଏବଂ ଜାତି ଲୋକଙ୍କୁ ବିଭାଜିତ କରି ଦେଇଥିଲା। ଶିକ୍ଷା ଓ ଆଇନରେ ବ୍ରାହ୍ମଣଙ୍କ ଏକଚାଟିଆ ଅଧିକାର ଥିଲା। ସେମାନଙ୍କର ଜମି କିମ୍ବା ସେନାରେ ଭୂମିକା ରହୁ ନ ଥିଲା। ରାଜା ଏବଂ ସେନାପତିମାନେ ଅସ୍ତ୍ର ଚଳାଉଥିଲେ ବି ନ୍ୟାୟିକ କ୍ଷେତ୍ରରେ ପୂଜାରୀଙ୍କ ଉପରେ ନିର୍ଭର କରୁଥିଲେ। ଆର୍ଥିକ କ୍ଷେତ୍ରକୁ ବଣିକ ଏବଂ ନୀଚଜାତିର ଲୋକେ ନିୟନ୍ତ୍ରଣ କରୁଥିଲେ ମଧ୍ୟ ରୀତିନୀତି ସୀମାକୁ ସହଜରେ ଉଲ୍ଲଂଘନ କରିପାରୁ ନ ଥିଲେ। ଗାଁ ସମୁଦାୟଗୁଡ଼ିକ ରାଜକୀୟ ଆଇନ ତୁଳନାରେ ପରମ୍ପରା ଓ ଜାତିକୁ ଅଧିକ ଗୁରୁତ୍ୱ ଦେଉଥିଲେ। ବିଦେଶୀ ଆକ୍ରମଣକାରୀମାନେ ଏହାକୁ ସ୍ପଷ୍ଟ ଭାବେ ଦେଖିଥିଲେ। ତୁର୍କୀ ସୁଲତାନ ଓ ମୋଗଲ ସମ୍ରାଟମାନେ ଅଶ୍ୱାରୋହୀ ସେନା ଓ ତୋପ ନେଇ ଭାରତରେ ପ୍ରବେଶ କରିଥିଲେ। ହେଲେ ଏଠାରେ ଶାସନ କରିବା ପାଇଁ ସେମାନଙ୍କୁ ସ୍ଥାନୀୟ ଶାସକଙ୍କ ସହ ମୂଳଚାଲ କରିବାକୁ ପଡ଼ିଥିଲା। ସେମାନଙ୍କୁ ଏଠାକାର ଜାତି ନିୟମଗୁଡ଼ିକ ସହ ଖାପଖୁଆଇବାକୁ, ଧର୍ମୀୟ ବିଦ୍ୱାନ୍‌ଙ୍କୁ ସମ୍ମାନ ଦେବାକୁ ପଡୁଥିଲା। ଦିଲ୍ଲୀର ଶାସନ ଗାଁରେ ପହଞ୍ଚିପାରୁ ନ ଥିଲା ବୋଲି ସେମାନେ ଅବଗତ ଥିଲେ। ମୋଗଲ ଶାସନ ଦ୍ୱାରା ସ୍ଥାନୀୟ ସାମାଜିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଅତ୍ୟନ୍ତ କଷ୍ଟକର ଥିଲା।

ବ୍ରିଟିଶ ଶାସକ କିଛି ନୂଆ କରିଥିଲେ। ସେମାନେ ଏକ ମ୍ୟାପ୍ ଆଙ୍କି ତାହାକୁ ଇଣ୍ଡିଆ କହିଲେ ଏବଂ ଏକ ଉପନିବେଶ ଭାବେ ଶାସନ କଲେ । ହେଲେ ଦେଶକୁ ସେମାନେ ଦୁର୍ବଳ କରିରଖିଲେ। ସେମାନେ ରାଜା, ଜମିଦାର ଏବଂ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଶାସନ କରିଥିଲେ। ଏହାସହ ସେମାନେ ଧର୍ମୀୟ ବ୍ୟକ୍ତିଗତ ଆଇନଗୁଡ଼ିକୁ ହଟାଇବା ପରିବର୍ତ୍ତେ ସେଗୁଡ଼ିକ ଆଇନଗତ ଭାବେ ବ୍ୟବସ୍ଥିତ କରିଥିଲେ। ସେମାନେ ମଧ୍ୟ କୋର୍ଟ ଏବଂ ଅମଲାତନ୍ତ୍ର ବ୍ୟବସ୍ଥା ଗଠନ କରିଥିଲେ, ଯାହା ଭଲ ଥିଲେ ବି ସେବାରେ ଖରାପ ରହିଥିଲା। ସେମାନେ କାଗଜରେ ଏବଂ ରେଲ୍‌ୱେ ମାଧ୍ୟମରେ ଭାରତକୁ ଏକାଠି କରିଥିଲେ, କିନ୍ତୁ ବ୍ୟବସ୍ଥାଗତ ସଂସ୍ଥା ମାଧ୍ୟମରେ ନୁହେଁ।

ସ୍ୱାଧୀନ ଭାରତ ମଧ୍ୟ ସେହି ଦୁର୍ବଳ ଓ ଜୀର୍ଣ୍ଣ ସ୍ଥିତିକୁ ଗ୍ରହଣ କରିନେଲା। ଏବେ ନ୍ୟାୟାଳୟଗୁଡ଼ିକ ମନ୍ଥର ହୋଇଯାଇଛି। ଅମଲାତନ୍ତ୍ର ବହୁ ସମୟରେ ନିଷ୍ପ୍ରଭ ଏବଂ ଦୁର୍ନୀତିଗ୍ରସ୍ତ। ଦେଶର ଶାସନ ବ୍ୟବସ୍ଥା ମୌଳିକ ସେବା, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଯୋଗାଇଦେବାକୁ ସଂଗ୍ରାମ କରୁଛି, କିନ୍ତୁ ସମାଜରେ ଝଗଡ଼ା ଓ ଅଶାନ୍ତିକର ସ୍ଥିତି ଲାଗିରହିଛି। ଆଞ୍ଚଳିକ ଦଳଗୁଡ଼ିକର ଉତ୍‌ଥାନ ଓ ପତନ ହେଉଛି। ନିର୍ବାଚନ ମାଧ୍ୟମରେ ସରକାର ବଦଳୁଛନ୍ତି। ପ୍ରତିବାଦ ଏଠାରେ ନିତିଦିନିଆ ହୋଇଯାଇଛି। ପରିବାର, ଜାତି, ଧର୍ମୀୟ ସଂସ୍ଥା, ସଙ୍ଗଠନ ଆନ୍ଦୋଳନଗୁଡ଼ିକ ସରକାରଙ୍କ ସହ ସବୁବେଳେ ବୁଝାମଣା କରୁଛନ୍ତି। ବାଧ୍ୟ ହୋଇ ପ୍ରତିବାଦକୁ ବନ୍ଦ କରୁଛନ୍ତି କିମ୍ବା ତାହା ଭିନ୍ନ ମୋଡ଼ ଦେଉଛନ୍ତି।

ଏଣୁ ଶେଷରେ ଦୁଇ ଦେଶର ଦୁଇଟି ବିପରୀତ ଛବି ଉପସ୍ଥାପନ କରାଯାଉଛି। ଚାଇନା: ଦୃଢ଼ ଶାସନ ବ୍ୟବସ୍ଥା, ଦୁର୍ବଳ ସମାଜ। ଭାରତ: ଦୃଢ଼ ସମାଜ, ଦୁର୍ବଳ ଶାସନ ବ୍ୟବସ୍ଥା। ଚାଇନା ପାଇଁ ପ୍ରଶ୍ନ ହେଉଛି, ଦେଶକୁ ବିଭାଜନରୁ କିଭଳି ରୋକିବା। ଭାରତ ପାଇଁ ପ୍ରଶ୍ନ ହେଉଛି, ସମାଜକୁ କ୍ଷତି ହେବାକୁ ନ ଦେଇ କିଭଳି ଦେଶକୁ ଶକ୍ତ କରିବା। ଚାଇନା ପାଇଁ ଯାହା ବିପଦ ତାହା ହେଉଛି ଏକକ କୈନ୍ଦ୍ରିକ କ୍ଷମତା, ଯାହା ତାହାର ଇତିହାସରୁ ଆସିଛି । ଏହା ଉତ୍ତରଦାୟୀ ନୁହେଁ ଏବଂ ଏକ ଗୋଷ୍ଠୀ ଦ୍ୱାରା କବ୍‌ଜା କରାଯାଇଛି। ବିଦ୍ରୋହ ନ ହେବା ପର୍ଯ୍ୟନ୍ତ ଏହା ଭୟ ସୃଷ୍ଟି କରେ। ଯେ ପର୍ଯ୍ୟନ୍ତ ପାର୍ଟି, ଅମଲାତନ୍ତ୍ରୀ ସ୍ୱଚ୍ଛ ଓ ମୁକ୍ତ ରହେ ସେଯାଏ ନ୍ୟାୟଭିତ୍ତିକ ଯୋଗ୍ୟତା କାମ କରେ। ଥରେ ଭୟ ଓ ରାଜନୈତିକ ସମର୍ଥନ ପାଇଁ ସେବା ଯୋଗାଇ ଦେବା କିମ୍ବା ସମ୍ପର୍କବାଦ ବୃଦ୍ଧି ପାଇଲେ, ବ୍ୟବସ୍ଥା ବୈଧତା ପଥରୁ ବିଚ୍ୟୁତ ହୋଇଯାଏ।

ଭାରତ ପାଇଁ ଭିନ୍ନ ବିପଦ ରହିଛି। ପରିଚୟ, ସହାୟତା ଏବଂ ସ୍ଥାନୀୟ ଯୋଜନାକୁ ଅସ୍ୱୀକାର କରିବାରେ ଶାସନ ବ୍ୟବସ୍ଥା ଏତେ ଆସକ୍ତ ଯେ ଆଧୁନିକ ସମାଜ ପାଇଁ ଆବଶ୍ୟକ ରାସ୍ତା, ସ୍କୁଲ, କୋର୍ଟ ଏବଂ ହସ୍ପିଟାଲ ସବୁ ଖୋଲାଯାଇ ପାରିନାହିଁ। ଦକ୍ଷ ବ୍ୟବସ୍ଥା ଯୋଗୁ ନୁହେଁ ବରଂ ଏହା ବିନା ଏଭଳି ଏକ ବ୍ୟବସ୍ଥାରେ ନାଗରିକ ବଞ୍ଚିଯାଉଛି। ପରିବାର ଓ ସମୁଦାୟଗୁଡ଼ିକ ସରକାରୀ ସାମଗ୍ରୀ କିମ୍ବା ସେବାର ବିକଳ୍ପ ହୋଇଯାଇଛନ୍ତି। ଅସମାନତା ଗମ୍ଭୀର ହୋଇଛି।

–devduttofficial@gmail.com



## ଏଇ ଭାରତରେ

ପ୍ରଦୂଷଣ ହ୍ରାସ କରିବା ଲାଗି ରିସାଇକ୍ଲିଂ ପଦ୍ଧତିରେ ଅଦରକାରୀ ଜିନିଷର ପୁନଃ ବ୍ୟବହାର କରିବା ପାଇଁ ବହୁ ଷ୍ଟାର୍ଟଅପ୍ ସାମ୍ନାକୁ ଆସୁଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ଉପାୟରେ ମଧ୍ୟ ଅନେକେ ପ୍ରୟାସ ଜାରି ରଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେରଳର ଅଞ୍ଜଳି ପାବନ ଅନ୍ୟତମ। ଅଞ୍ଜଳି ଅଦରକାରୀ ଜିନିଷ ବ୍ୟବହାର କରି ଘରେ ଝୁଲନ୍ତା ବଗିଚା କରିଛନ୍ତି। ସେ ଏଭଳି ବଗିଚା କରିବା ସକାଶେ ଅନ୍ୟ ଗୃହିଣୀମାନଙ୍କୁ ବି ପ୍ରୋତ୍ସାହିତ କରୁଛନ୍ତି। ବିଶେଷକରି ବଗିଚାରେ ଅଞ୍ଜଳି ପୁରୁଣା ରଙ୍ଗ କ୍ୟାନ୍, ଟାୟାର, ଷଢ଼େଇ, ନଡ଼ିଆକତା, ପ୍ଲାଷ୍ଟିକ୍ ବୋତଲ, ପୁରୁଣା ସିଲେଇ ମେଶିନ ଓ ଡ୍ରମ୍ ବ୍ୟବହାର କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେ ଜାପାନର ବଗିଚା ପଦ୍ଧତି (କୋକେଡାମ) ଅନୁସାରେ ଏଭଳି ବଗିଚା କରିଛନ୍ତି, ଯେଉଁଥିରେ ଅଦରକାରୀ ଜିନିଷରେ ମାଟି ଓ ନଡ଼ିଆକତା ରଖି ସେଥିରେ ଗଛ ଲଗାଇ ଝୁଲାଇ ଦିଆଯାଉଛି। କହିବାକୁ ଗଲେ ଅଞ୍ଜଳିଙ୍କ ଦ୍ୱାରା କରାଯାଉଥିବା ଏଭଳି ବଗିଚା ପରିବେଶ ଅନୁକୂଳ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୭୭

- ବିହାର ବିଧାନସଭା ସଦସ୍ୟ ବନୱାରୀ ରାମ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ପାକିସ୍ତାନ ପ୍ରାଦେଶିକ ଆସେମ୍ବଲିଗୁଡ଼ିକରେ ଭୁଟ୍ଟୋଙ୍କ ପୁପୁଲ୍ସ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଖଣ୍ଡେକର ମୁସ୍ତାକ ଅହମ୍ମଦଙ୍କୁ ବିନା ଦୋଷରେ ଖଲାସ କରିଦିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 1 | | |
| | | 4 | 6 | 7 | 1 | | 5 | |
| 6 | | | 4 | | | | | |
| 2 | | | | 3 | | | | 1 |
| | | | 1 | | | | 6 | |
| 4 | 8 | | | | | 7 | | |
| 3 | 2 | | | 6 | | | | |
| | 4 | 6 | 8 | | | | | 5 |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 9 | 3 | 5 | 1 | 8 | 2 |
| 3 | 5 | 2 | 1 | 8 | 4 | 7 | 6 | 9 |
| 1 | 8 | 9 | 6 | 2 | 7 | 5 | 4 | 3 |
| 5 | 9 | 6 | 2 | 1 | 8 | 3 | 7 | 4 |
| 8 | 2 | 1 | 7 | 4 | 3 | 6 | 9 | 5 |
| 7 | 4 | 3 | 5 | 9 | 6 | 2 | 1 | 8 |
| 9 | 3 | 5 | 8 | 7 | 1 | 4 | 2 | 6 |
| 2 | 1 | 4 | 3 | 6 | 9 | 8 | 5 | 7 |
| 6 | 7 | 8 | 4 | 5 | 2 | 9 | 3 | 1 |

ଗତକାଲିର ଉତ୍ତର

# ସବୁଠି ଦୁର୍ନୀତି



ପ୍ରମୋଦ ଧଳ

ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିରେ ଗୋଟିଏ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ସନ୍ଦର୍ଭରେ ନିକଟରେ ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନ୍ୟାୟପାଳିକାର ଛାଟରେ ଏନ୍‌ସିଇଆର୍‌ଟି ଲହୁଲୁହାଣ ହେବା ପରେ ସର୍ବସାଧାରଣରେ କ୍ଷମା ମାଗିବା ସହ ସମ୍ପୂର୍ଣ୍ଣ ବହିଟିକୁ ପ୍ରତ୍ୟାହାର କରିନେଇଥିବା ଘୋଷଣା କରିଛି।

ଷାଠିଏ ଦଶକର ଶେଷଭାଗରେ ଆମେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲାବେଳେ ଗୋଟିଏ ଗଳ୍ପ ବିହଙ୍ଗ ବିପ୍ଳବ ମନେପଡ଼ିଲା ଆଜି। ଜୀବନର ପ୍ରଥମଥର ପାଇଁ ଗୋଟିଏ ନୂଆ ଶବ୍ଦଟିଏ, ଲାଞ୍ଚ ବିଷୟରେ ଗୋଟିଏ କୋମଳମତି ଶିଶୁକୁ ବୁଝେଇ ଦିଆଯାଇଛି। ଗଳ୍ପଟି ଏପରି ଥିଲା: ବିଚରା ହଳଦୀବସନ୍ତ ଚଢ଼େଇର ବସାଟିକୁ ହନୁମାଙ୍କଡ଼ ବାରମ୍ବାର ଭାଙ୍ଗିଦେଉଥିଲା, ଏଥିରେ ଅତିଷ୍ଠ ହୋଇ ହଳଦୀବସନ୍ତ ସେତେବେଳର ମୁଖିଆ ଭାଲୁକୁ ଗୁହାରି ହେଲା। ଭାଲୁ ଉଭୟ ପକ୍ଷଙ୍କ ଶୁଣାଣି କରି, ସମସ୍ତ ସାକ୍ଷୀଙ୍କ ଜେରା ପରେ ଦୁଷ୍ଟ ହନୁମାଙ୍କଡକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ସ୍ୱରୂପ ତା'କୁ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଆଦେଶ ଦେଲେ। କିନ୍ତୁ ବିଚାରରେ ଅସନ୍ତୁଷ୍ଟ ହୋଇ ହନୁମାଙ୍କଡ ବିଚାରପତିଙ୍କ ସାମ୍ନାରେ ଦଣ୍ଡାୟମାନ ହୋଇ କହିଲା, ଆପଣଙ୍କ ବିଚାର ଠିକ୍ ହୋଇନାହିଁ। ବିଚାର କରିବା ସମୟରେ ଆଗପଛ ଦେଖି ବିଚାର କରାଯାଏ, କିନ୍ତୁ ଆପଣ କେବଳ ଆଗକୁ ଚାହିଁ ବିଚାର କଲେ ? ଏହା ଶୁଣି ଭାଲୁ ବସିଥିବା ଚୌକିର ପଛ ଭାଗକୁ ଚାହିଁ ଦେଖିଲେ ଯେ ଗୋଟିଏ ବଡ଼ ପାଚିଲା ପଣସ ରଖାଯାଇଛି। ଭାଲୁ ପାଟିରୁ ଲାଳ ଗଡ଼ିଲା, ତେଣୁ ସଙ୍ଗେ ସଙ୍ଗେ ବିଚାର ବଦଳି ଗଲା , କହିଲେ, ଯଦିଓ ହନୁ ସେହି ଡାଳରେ ଖେଳାବୁଲା କରୁଛି, ଆଉ କ'ଣ ଭଲ ଡାଳ ନାହିଁ ? ସେହି ଗୋଟିଏ ଡାଳରେ ହଳଦୀବସନ୍ତ ବାରମ୍ବାର ବସା ବାନ୍ଧିବା ଠିକ୍ ନୁହେଁ, ତେଣୁ ତୁରନ୍ତ ସେଠାରୁ ସେ ଅନ୍ୟତ୍ର ଚାଲିଯିବାକୁ ଆଦେଶ ଦେଲେ ବିଚାରପତି ଭାଲୁ। ଛୋଟବେଳୁ ଆମକୁ ଲାଞ୍ଚ/ଦୁର୍ନୀତିର ସୁଫଳ ବିଷୟରେ ଶିକ୍ଷା ଦିଆଯାଇଛି। ଏବେ ଦୁର୍ନୀତି ଆମ ଜୀବନରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଅନେକ ସମୟରେ ଲାଞ୍ଚଦାତା ଓ ଲାଞ୍ଚଗ୍ରହୀତା ଉଭୟ ଖୁସି ଥାଆନ୍ତି, ତେଣୁ କିଛି ଅଭିଯୋଗ ହୋଇ ନ ଥାଏ। ସେମିତି ୧୯୭୮ ମସିହା ବେଳକୁ ଗ୍ରାମ୍ୟ ସ୍ତରରେ ମାଇଲ ମାଇଲ ଚାଲି ଗଲାପରେ ଜଣେ ଗେଜେଟେଡ ଅଫିସର ମିଳନ୍ତି, ତେଣୁ ଦସ୍ତାବିଜ ଆଟେଷ୍ଟେଡ କରିବା ପାଇଁ ଦଶ ଟଙ୍କା ଦେବାକୁ ପଡୁଥିଲା, ତେଣୁ କିଏ କାହିଁକି ମୁହଁ ଖୋଲିଥାଆନ୍ତା ? ଆଜି ମଧ୍ୟ ଜଣେ ସରକାରୀ ଅଫିସର ଚାରି କୋଟି ଟଙ୍କା ଲାଞ୍ଚ ନେବାଯାଏ କେହି ମୁହଁ ଖୋଲି ନ ଥିଲେ, କାରଣ ଉଭୟ ଖୁସିଥିଲେ। କିନ୍ତୁ ଚାଳିଶ ହଜାର ଟଙ୍କା ଲାଞ୍ଚ ଦେବାଲୋକର ଅସନ୍ତୁଷ୍ଟି ପାଇଁ ସେ ଦୁର୍ନୀତିଗ୍ରସ୍ତ ଅଫିସର ଆଜି ଜେଲରେ!

ଦୁର୍ନୀତି ସମାଜର ମୂଳଦୁଆକୁ ଦୁର୍ବଳ କରିଦିଏ। ଦୁର୍ନୀତିର ସରଳ ଅର୍ଥ ହେଉଛି ,ନିଜର ସାର୍ଥ ସାଧନ ପାଇଁ ଅନ୍ୟାୟ ବା ଅନୈତିକ ମାର୍ଗ ଆପଣେଇବା। ଭାରତ ପାଇଁ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ଭାବେ ଠିଆ ହୋଇଛି, ଯାହା ଦେଶର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଛି। ଭାରତରେ ଦୁର୍ନୀତି ବୃଦ୍ଧିର ଅନେକ କାରଣ ଥାଇପାରେ, କିନ୍ତୁ ଏହା ଏକ ମାନସିକ ବ୍ୟାଧି କହିଲେ ଭୁଲ୍ ହେବ ନାହିଁ । ଦୁର୍ନୀତି କେବଳ ଏକ ସଂସ୍ଥାରେ ନୁହେଁ, ବରଂ ଏହା ଏକ ମାନସିକତା ଯାହା ସବୁଠି ବ୍ୟାପିଛି। ଏହାର ନିରାକରଣ ପାଇଁ ପ୍ରତିଟି ବିଭାଗରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ।



ଭାରତରେ ଦୁର୍ନୀତି କେବଳ ଲାଞ୍ଚ ନେବା ମଧ୍ୟରେ ସୀମିତ ନୁହେଁ, ଏହା ବିଭିନ୍ନ ରୂପରେ ଦେଖାଯାଏ, ଯଥା ସ୍ୱଜନପ୍ରୀତି: ନିଜର ଆତ୍ମୀୟସ୍ୱଜନଙ୍କୁ ଅଯୋଗ୍ୟ ହୋଇଥିଲେ ମଧ୍ୟ ଚାକିରି ବା ସୁବିଧା ପ୍ରଦାନ କରିବା। କଳାବଜାରୀ: ଜରୁରୀ ସାମଗ୍ରୀକୁ ମହଜୁଦ ରଖି ଚଢ଼ା ଦରରେ ବିକ୍ରି କରିବା। ଟିକସ ଚୋରି: ଦେଶର ରାଜସ୍ୱ ହାନି କରି ନିଜର ସମ୍ପତ୍ତି ବଢ଼ାଇବା। ନିର୍ବାଚନୀ ଦୁର୍ନୀତି: ଭୋଟ ପାଇଁ ଟଙ୍କା ବା ମଦ ବାଣ୍ଟିବା, ଯାହା ଗଣତନ୍ତ୍ରକୁ କଳଙ୍କିତ କରେ। ଦୁର୍ନୀତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି ଗରିବ ଶ୍ରେଣୀର ଲୋକ।

ଦୁର୍ନୀତି ସମାଜର ପ୍ରତ୍ୟେକ ସ୍ତରରେ ଏବଂ ବିଭିନ୍ନ କ୍ଷେତ୍ରରେ ବ୍ୟାପି ରହିଛି। ଆମ ଦେଶରେ ବିଭିନ୍ନ କ୍ଷେତ୍ରରେ କିଛି ନା କିଛି ମାତ୍ରାରେ ଦୁର୍ନୀତି ଦେଖିବାକୁ ମିଳେ। ପ୍ରଶାସନିକ କ୍ଷେତ୍ର – ସାଧାରଣତଃ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସବୁଠାରୁ ଅଧିକ ଦୁର୍ନୀତିର ଅଭିଯୋଗ ଆସେ ଯଥା ଲାଇସେନ୍ସ, ଜମି ପଟ୍ଟା ବା ସରକାରୀ ପ୍ରମାଣପତ୍ର ପାଇଁ ଅର୍ଥ ଦାବି କରିବା, ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ହିତାଧିକାରୀଙ୍କ ପାଖକୁ ନ ପଠାଇ ମଧ୍ୟସ୍ଥମାନେ ହରିଲୁଟ କରିବା। ରାଜନୈତିକ କ୍ଷେତ୍ର –ଏହାକୁ ଦୁର୍ନୀତିର 'ଗଙ୍ଗୋତ୍ରୀ' ବୋଲି କୁହାଯାଏ, କାରଣ ଏଠାରୁ ଅନେକ ନୀତି ନିର୍ଦ୍ଧାରଣ ହୁଏ ଯଥା ଭୋଟ କିଣିବା ପାଇଁ ଅମାପ କଳାଧନର ବ୍ୟବହାର, ନିଜର ପ୍ରିୟ ଲୋକଙ୍କୁ ବଡ଼ ବଡ଼ ସରକାରୀ ଠିକା ବା ଟେଣ୍ଡର ପ୍ରଦାନ କରିବା। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର – ଏହା ଅତ୍ୟନ୍ତ ଚିନ୍ତାଜନକ, କାରଣ ଏହା ସମାଜର ଭବିଷ୍ୟତ ସହ ଜଡ଼ିତ ଯଥା ମେଡିକାଲ ବା ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇଁ ଅହେତୁକ ଅର୍ଥ ଡୋନେଶନ ଦାବି କରିବା, ଶିକ୍ଷକ ବା ଅନ୍ୟାନ୍ୟ ପଦବୀ ପାଇଁ ଯୋଗ୍ୟତା ଅପେକ୍ଷା ଟଙ୍କାକୁ ଅଧିକ ପ୍ରାଧାନ୍ୟ ଦେଇ ଚାକିରି ବିକ୍ରି କରିବା। ନ୍ୟାୟପାଳିକା– ନ୍ୟାୟପାଳିକା ବିଷୟରେ ସମସ୍ତଙ୍କୁ ଜଣା, କିନ୍ତୁ ଏଠାର କହିବାର ସତନ୍ତ୍ରତା ନାହିଁ, ଆପଣ ବିଚାର କରିବେ!

ଦୁର୍ନୀତି ଯୋଗୁ ସମାଜରେ ଅସମାନତା ବୃଦ୍ଧି ପାଇଥାଏ। ଯୋଗ୍ୟ ବ୍ୟକ୍ତି ନିଜର ହକ୍ ପାଆନ୍ତି ନାହିଁ ଏବଂ ଅଯୋଗ୍ୟ ବ୍ୟକ୍ତି ଅର୍ଥ ବଳରେ ଉଚ୍ଚ ସ୍ଥାନ ହାସଲ କରନ୍ତି। ଏହା ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି ବିକାଶରେ ବାଧା ସୃଷ୍ଟି କରେ। ଭାରତ ବର୍ତ୍ତମାନ ବିଶ୍ୱର ଦୁର୍ନୀତି ସୂଚକାଙ୍କରେ ମଧ୍ୟଭାଗରେ ରହିଛି, ଯାହା ଆମ ପାଇଁ ଚିନ୍ତାର ବିଷୟ। ଦୁର୍ନୀତି ଦୂର କରିବା କେବଳ ସରକାରଙ୍କ କାମ ନୁହେଁ, ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ। 'ଲୋକପାଳ' ଏବଂ 'ଲୋକାୟୁକ୍ତ' ଭଳି ସଂସ୍ଥାକୁ ସକ୍ରିୟ କରି ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବା ଦ୍ୱାରା ହୁଏତ କିଛିମାତ୍ରାରେ ଏହାର ସୁପ୍ରଭାବ ପଡ଼ିପାରେ । ଭାରତକୁ ଶକ୍ତିଶାଳୀ ଓ ବିକଶିତ ରାଷ୍ଟ୍ର ଭାବେ ଗଢ଼ିବାକୁ ହେଲେ ଆମକୁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ପଡ଼ିବ। ଯଦି ପ୍ରତ୍ୟେକ ନାଗରିକ 'ଲାଞ୍ଚ ଦେବି ନାହିଁ କି ଲାଞ୍ଚ ନେବି ନାହିଁ' ବୋଲି ଶପଥ ନିଅନ୍ତି, ତେବେ ନିଶ୍ଚିତ ଭାବେ ଭାରତ ଏକ ଦୁର୍ନୀତିମୁକ୍ତ ଦେଶ ହୋଇପାରିବ।

ଶ୍ରୀରାମ ସଦନ, ଅରଗଳ, କେନ୍ଦ୍ରାପଡ଼ା
ମୋ: ୭୦୦୮୮୧୦୧୧୨

# ତ୍ୟାଗ ଓ ନିନ୍ଦା



ଦୀପ୍ତିମୟୀ ନାୟକ

ଆଜିର ସମାଜରେ ତ୍ୟାଗ କରିବ ତ ଭୋଗିବ। ଭୋଗିବାର ମାନେ ଆଉ କ'ଣ କି କେବଳ ନିନ୍ଦା। ଏହି ନିନ୍ଦା ସେତେବେଳେ ମିଳେ ଯେତେବେଳେ ମଣିଷର ସ୍ୱାର୍ଥ ପୂରଣ ହୋଇଯାଏ। ପ୍ରଥମତଃ ମୁଁ ଏକଥା ଏଠି କହିବି, ଯଦି ଆପଣ ଆପଣଙ୍କ ଜୀବନରେ କିଛି ତ୍ୟାଗ କରିଛନ୍ତି। ତା'ପରେ ପ୍ରଶଂସା ବଦଳରେ ଯଦି ଆପଣ ନିନ୍ଦା ପାଉଛନ୍ତି, ତେବେ ନିଶ୍ଚିନ୍ତ ଭାବରେ ବୁଝିଯାଆନ୍ତୁ ଆପଣ ଏପରି କିଛି ଭଲ କାମ କରିଛନ୍ତି ଯାହାକୁ ନିନ୍ଦୁକମାନେ ସହିପାରୁନାହାନ୍ତି। ସେମାନେ ତୁମର ପ୍ରଶଂସା କରିବା ବଦଳରେ ତୁମକୁ ନିନ୍ଦା କରୁଛନ୍ତି। ନିନ୍ଦା ହେଉଛି ସେହି ମୂଲ୍ୟ, ଯାହା ଜଣେ ମହାନ୍ ମଣିଷକୁ ଏହି ସ୍ୱାର୍ଥପର ଦୁନିଆରେ ରହିବା ପାଇଁ ହେଲେ ଦେବାକୁ ପଡିଥାଏ।

ତେବେ ମଣିଷ ଜନ୍ମହେବା ପରଠାରୁ ସମ୍ପର୍କ ଜାଲରେ ବାନ୍ଧି ହୋଇଛି, କିନ୍ତୁ ବିଡମ୍ବନାର ବିଷୟ ଆଜିର ଏହି ସ୍ୱାର୍ଥକୈନ୍ଦ୍ରିକ ସମାଜରେ ତ୍ୟାଗର ମୂଲ୍ୟ ପ୍ରଶଂସା ନୁହେଁ ବରଂ ନିନ୍ଦାରେ ମପାଯାଏ। ଯଦି ଆମେ ତ୍ୟାଗର ସଂଜ୍ଞାକୁ ଖୋଜିବା ତେବେ ଜାଣିପାରିବା ତ୍ୟାଗରେ ଆଶା ନ ଥାଏ। ଯେମିତି କି ଜଣେ ମା' ନିଜ ସନ୍ତାନ ପାଇଁ ନିଜର ନିଦ, ଭୋକ ଓ ସ୍ୱପ୍ନକୁ ତ୍ୟାଗ କରିଥାଏ। ଜଣେ ବାପା ନିଜର ସୁଖ–ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପରିବାରର ବୋଝ ମୁଣ୍ଡାଇ ଥାଆନ୍ତି। କିନ୍ତୁ ସମୟଚକ୍ରରେ ଯେତେବେଳେ ସେହି ସନ୍ତାନ ବଡ଼ ହୁଏ କିମ୍ବା ଏ ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ହୋଇଥାଏ, ସେତେବେଳେ ସେ ତା'ର କର୍ତ୍ତବ୍ୟ ଭୁଲିଯାଏ। ହୁଏତ ସବୁ ପିଲା ସମାନ ନୁହନ୍ତି, କିନ୍ତୁ କିଛି ପିଲା ନିଜ ମା'ବାପାଙ୍କ ତ୍ୟାଗର ମହତ୍ତ୍ୱ ବୁଝି ନ ଥାନ୍ତି। ଓଲଟା କହିଦେଇଥାନ୍ତି ତୁମେ ଆମ ପାଇଁ କ'ଣ କରିଛ। ଆଉ ଏହିକଥା ଶୁଣି କିଛି ମା'ବାପା କହିଥାଆନ୍ତି ସ୍ୱାର୍ଥର ପୂରଣ ନିନ୍ଦାର ଆରମ୍ଭ। ସେମାନଙ୍କୁ କଷ୍ଟ ହୁଏ। ହେଲେ ସେମାନେ କଷ୍ଟକୁ ସହିଯାଆନ୍ତି। ଆଉ କୁହନ୍ତି ଏମାନଙ୍କୁ ଏତେ କଷ୍ଟରେ ଛୋଟଟିରୁ ବଡ଼ କଲୁ ଆଉ କି କଷ୍ଟ। ଏମାନେ ଭଲରେ ରୁହନ୍ତୁ। ଏମାନଙ୍କ ଉପରେ ଆମ ଅଶାନ୍ତି କେବେ ନ ପଡୁ। କାହିଁକି ନା ମା'ବାପା କେବେ ନିଜ ପିଲାର ଖରାପ ଚିନ୍ତା କରନ୍ତିନି କି ସେମାନେ ନିଜ ତ୍ୟାଗର ପ୍ରଶଂସା ପାଇବାକୁ ଆଶା କରନ୍ତିନି। ହେଲେ ଯେଉଁ ମା'ବାପାଙ୍କ ପିଲା ଭଲ ହୋଇଥାଏ ବୋଧହୁଏ ସେ ମା'ବାପାଙ୍କୁ ତାଙ୍କ ତ୍ୟାଗର ଫଳ ମିଳିଥାଏ।

ତେବେ ଏହି ନିନ୍ଦାର ଆରମ୍ଭ କେବଳ କିଛି ପରିବାରରେ ସୀମିତ ନ ଥାଏ। ଏହି ନିନ୍ଦାର ଆରମ୍ଭ ସବୁଠି ହୋଇଥାଏ, ଯେଉଁଠି ଲୋକଙ୍କ ସ୍ୱାର୍ଥ ପୂରଣ ହୋଇଥାଏ। ଖୁବ୍ କମ୍ ଲୋକ ଅନ୍ୟର ତ୍ୟାଗକୁ ବୁଝନ୍ତି। ଅନ୍ୟର ତ୍ୟାଗକୁ ବୁଝିବାକୁ ହେଲେ ଯେଉଁ ମାନସିକତା ଦରକାର ତାହା ସମସ୍ତଙ୍କ ପାଖରେ ନ ଥାଏ। ତେଣୁ ଆପଣ ଯଦି କାହାଠାରୁ ନିନ୍ଦା ଶୁଣୁଛନ୍ତି ତେବେ ମନଦୁଃଖ କରନ୍ତୁନି। ନିନ୍ଦା ଏକ ପରମ୍ପରା ବୋଲି ଭାବିଦିଅନ୍ତୁ। ଯେମିତି କି ଯଦି ଆମେ ପୁରାଣକୁ ଦେଖିବା ଭଗବାନ ରାମଚନ୍ଦ୍ର ନିଜ ପିତାଙ୍କ ସତ୍ୟ ରକ୍ଷା ପାଇଁ ରାଜସୁଖ ତ୍ୟାଗକରି ବନବାସ ଗଲେ। କିନ୍ତୁ ଶେଷରେ ତାଙ୍କୁ ମଧ୍ୟ ନିନ୍ଦା ସହିବାକୁ ପଡିଲା। ସେହିପରି ମହାଦାନୀ କର୍ଣ୍ଣ ନିଜର କବଚ–କୁଣ୍ଡଳ ତ୍ୟାଗ କରିବା ପରେ ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିଲା। ଏଥିରୁ ବୁଝିବାକୁ ପଡିବ ଯେ ତ୍ୟାଗୀକୁ ନିନ୍ଦା ମିଳିବା ଏକ ପୁରୁଣା ପରମ୍ପରା। ଯଦିଓ ନିନ୍ଦା କଷ୍ଟଦାୟକ କିନ୍ତୁ ତ୍ୟାଗ ଏକ ଆତ୍ମସନ୍ତୋଷ। ତ୍ୟାଗ କରୁଥିବା ଲୋକଙ୍କ ମନରେ ଯେଉଁ ଶାନ୍ତି ଥାଏ, ଅନ୍ୟକୁ ନିନ୍ଦା ଦେଉଥିବା ଲୋକ ମନରେ ସେହି ଶାନ୍ତି ନ ଥାଏ। ହୁଏତ ନିନ୍ଦୁକ ଅନ୍ୟର ନିନ୍ଦା କରି କିଛି ସମୟ ପାଇଁ ତାକୁ ଖୁସି ମିଳିଥାଏ। କିନ୍ତୁ ସେ ବି କେଉଁଠି ନା କେଉଁଠି ନିଜର ଭଲ କାମକୁ ବି ବିଗାଡି ଦେଇଥାଏ। ଯେଉଁଥିପାଇଁ ସେ ମଧ୍ୟ ଅନେକ ସମୟରେ ମାନସିକ ଅଶାନ୍ତିରେ ରହିଥାଏ।

ଶେଷରେ ଏତିକି କହିବି ତ୍ୟାଗ କରୁଥିବା ମଣିଷ ହାରେନି କିନ୍ତୁ ତ୍ୟାଗୀକୁ ନିନ୍ଦା କରୁଥିବା ମଣିଷ ହାରିଯାଏ। କାହିଁକି ନା ତ୍ୟାଗୀ ମଣିଷର ସବୁଠାରୁ ବଡ଼ ସଂଘର୍ଷ ହୋଇଥାଏ ତା' ନୀରବତା। ହୁଏତ ସେ ନିଜର ଦୁଃଖ କାହାକୁ କହିପାରେନା। କିନ୍ତୁ ଅନ୍ତରରୁ କୁହେ କାହିଁକି ଏତେ ଯନ୍ତ୍ରଣା। ତ୍ୟାଗର ମୂଲ୍ୟ ଯଦିଓ ସମସ୍ତେ ବୁଝିବେନି କିନ୍ତୁ ଯେଉଁମାନେ ଅନ୍ୟର ତ୍ୟାଗକୁ ବୁଝିବେ ସେମାନେ ଅନ୍ତରରୁ ଶାନ୍ତି ପାଇବେ। ତେଣୁ ଏଇଠୁ ବୁଝିଯାଆନ୍ତୁ ଯଦି ଆପଣ ତ୍ୟାଗୀର ତ୍ୟାଗକୁ ଦେଖି ତାଙ୍କୁ ଟିକେ ପ୍ରଶଂସା କରିପାରୁନାହାନ୍ତି ତାହାହେଲେ କାହିଁକି ସେମାନଙ୍କର ନିନ୍ଦା କରୁଛନ୍ତି। ସେମାନେ ତ ତୁମଭଳି ଜଣେ ଜଣେ ମଣିଷ। ଅନ୍ୟର ପ୍ରଶଂସା କରନ୍ତୁ ଦେଖିବେ ସେଥିରେ ଯେଉଁ ମଜାଥାଏ ତାହା ଅନ୍ୟର ନିନ୍ଦା କରିବାରେ ନ ଥାଏ। କାହିଁକି ନା ପ୍ରଶଂସା ହେଉଛି ଏକ ଶାନ୍ତିର ପ୍ରତୀକ ଆଉ ନିନ୍ଦା ହେଉଛି ଅଶାନ୍ତିର ପ୍ରତୀକ।

ଭୁବନେଶ୍ୱର, ଅନ୍ଧାରୁଆ
ମୋ:୯୦୯୦୬୬୧୫୮୬

## ଚିରନ୍ତନୀ

ଏ ପାଉଁ ବାରତା ମୋର ପଠାଏଁ ପବନେ
ଲାଗଇ କି ସେ ବାରତା ତା'ର ଅପଘନେ
ସେ ବାରତା ପୂରେ ତା'ର ରଚଇ କି ହାହାକାର
କାତର ନିଃଶ୍ୱାସ ସମ ଲାଗେ କି ନୟନେ
ଯେ ବାରତା ପଠାଏଁ ପବନେ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣ କେବେ

ମହାଶୟ,

ଚାରିଆଡ଼େ ବାଜୁଛି ବିକାଶର ନାରା। ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥଲେ, ନୂଆ ଡବଲ ଇଞ୍ଜିନ ସରକାର ମଧ୍ୟ ସେଇ ଧାରାରେ ଚାଲିଥିବା ଅଭିଯୋଗ ହେଉଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ର 'ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି' ପରିସରରେ ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳଭଣ୍ଡାର ସରକାର ନିର୍ମାଣ ନ କରିବାକୁ ନେଇ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦରଦାମ୍ ବୃଦ୍ଧି ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ। ମୁଖ୍ୟତଃ ଆଳୁ, ବିଲାତି, ବାଇଗଣ, ଭେଣ୍ଡି, ଜହ୍ନି, ବିନ୍, କଲରା ଆଦି ପରିବା ଅଧିକ ଦାମ୍‌ରେ ବିକ୍ରି ହେଉଛି। ମାତ୍ର ଶୀତଳଭଣ୍ଡାର ଅଭାବରୁ ବଳକା ପନିପରିବା ପଚିଶଢ଼ି ନଷ୍ଟ ହେଉଛି। ଏଥିପାଇଁ ସତ୍ୟବାଦୀ(ସାକ୍ଷୀଗୋପାଳ) ଅଞ୍ଚଳର ଚାଷୀଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଫଳରେ ଚାଷ କରିବା ପାଇଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅତିଶୀଘ୍ର ପନିପରିବାର ବଜାର ସୃଷ୍ଟି ପାଇଁ ଶୀତଳଭଣ୍ଡାର କରାଇପାରିଲେ ଚାଷୀଙ୍କ ମାନଦଣ୍ଡ ମଜଭୁତ ହୋଇପାରିବ, ଚାଷୀ ଉପକୃତ ହୋଇପାରନ୍ତେ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୬ ଦିନରେ ଦୁଇ ଜଣଙ୍କ ଘରେ ବୋମାମାଡ଼ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୧୧।୩
(ସୁବାସ ଚନ୍ଦ୍ର ପ୍ରଧାନ)

କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରେ ଗତ ୬ଦିନରେ ଦୁଇ ଜଣଙ୍କ ଘରେ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଗତ ଶୁକ୍ରବାର ଏହି ଫାଣ୍ଡି ଅଧୀନ ପାରି ଜଂଅରର ସୁଜିତ୍ ବସ୍ତିଆଙ୍କ ଘରକୁ ଦୁଇଟି ବୋମାମାଡ଼ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସୁଜିତ୍ ଏବଂ ତାଙ୍କ ପରିବାର ଲୋକେ ଘର ବାହାରକୁ ଆସିଥିଲେ। ଘର ସ୍କାଏଲାଇଟ ନିକଟରେ ଦୁଇଟି ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଶନିବାର ସକାଳେ ପରିବାର ପକ୍ଷରୁ କୌଶଲ୍ୟାଗଙ୍ଗ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଘଟଣା ଘଟିବାର ୫ଦିନ ପରେ ଅର୍ଥାତ୍ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷ୍ମୀନାରାୟପୁରର କୈଳାସ ବେହେରାଙ୍କ ଘରେ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ପୃଥକ୍ ଦୁଇଟି ଅଭିଯୋଗକୁ ଭିତ୍ତିକରି ଘଟଣାର ଅନୁସନ୍ଧାନ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଫାଣ୍ଡି ଇନ୍‌ଚାର୍ଜ ଚିତ୍ତ ରଞ୍ଜନ ଦାସ କହିଛନ୍ତି ଯେ, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ସାଇଣ୍ଟିଫିକ ଟିମ୍ ପକ୍ଷରୁ ଯାଞ୍ଚ କରାଗଲେ ପ୍ରକୃତ ଘଟଣା ଜଣାପଡ଼ିବ।

# ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳି ବିଳମ୍ବକୁ ନେଇ ଅସନ୍ତୋଷ

## ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୧୧।୩
(ଅନୁରାଧା ମହାରଣା)

ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳି ବିଳମ୍ବକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆବେଦନ ଅନୁସାରେ ତୁରନ୍ତ ବଦଳି ଦାବି କରି ନଭେମ୍ବର ୨୯ରେ ହାଇସ୍କୁଲ ଟିଚର୍ ୱାର୍କିଂ ସ୍ୱାଉଜ୍ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଗଣଧାରଣା ଦିଆଯାଇଥିଲା। ସେହିଦିନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସପ୍ତାହକ ମଧ୍ୟରେ ଦମ୍ପତି ବଦଳି ପ୍ରକ୍ରିୟା କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ଦେବାର ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆସୋସିଏଶନ ପକ୍ଷରୁ ନିନ୍ଦା କରାଯାଇଛି। ଯେଉଁ ସମାଧାନ ଗଣଶିକ୍ଷା ବିଭାଗ ଚାହିଁଲେ ହୋଇପାରିବ, ତାହାକୁ ବିଭାଗୀୟ ଅଧିକାରୀ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ସଂଘର ଆବାହକ ବିଭୂତି ଭୂଷଣ ନାୟକ, ପ୍ରଶାନ୍ତ ମେହେର ଓ ଉତ୍ପଳ ଭଦ୍ରା କହିଛନ୍ତି। ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳି ପାଇଁ ଗଣଶିକ୍ଷା ବିଭାଗ କୌଣସି ପ୍ରକ୍ରିୟା ଆରମ୍ଭ କରିନାହିଁ। ବିଭାଗୀୟ ଅଧିକାରୀ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ସଂଘର ସଭାପତି ପ୍ରଭାତ ମହାନ୍ତି କହିଛନ୍ତି। ସେ କହିଛନ୍ତି, ନଭେମ୍ବର ୨୯ରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା ବେଳେ ଜଣାପଡ଼ିଥିଲା ଯେ ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଭୁଲ୍ ତଥ୍ୟ ଦେଇ ବଦଳି ନ କରିବା ପାଇଁ ବିଭିନ୍ନ ବାହାନା କରୁଛନ୍ତି। ସପ୍ତାହକ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ବଦଳି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରତିଶ୍ରୁତି ଦେବାର ୩ ମାସରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ସୁଦ୍ଧା ବିଭାଗ କୌଣସି ତତ୍ପରତା ଦେଖାଯାଇନାହିଁ। କେବଳ ପ୍ରଶାସନିକ ବଦଳି ପାଇଁ ବିଭାଗ ତତ୍ପରତା ଦେଖାଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏହି ବଦଳି ପ୍ରକ୍ରିୟାକୁ ଯଦି ରବିବାର ମଧ୍ୟରେ କାର୍ଯ୍ୟକାରୀ କରା ନ ଯାଏ, ତେବେ ସଂଘ ପୁନର୍ବାର ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଥିବା ପ୍ରଭାତ କହିଛନ୍ତି।



ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନନ୍ୟ ନାଟ୍ୟ ଉତ୍ସବର ବୁଧବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଅବାଞ୍ଛିତ କୁରୁକ୍ଷେତ୍ର'ର ଏକ ଦୃଶ୍ୟ।

# ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ରଙ୍କୁ 'ଏମର୍ଜିଂ ୱିମେନ ଲିଡର୍ସ ଆୱାର୍ଡ'



ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର ଅତିଥିଙ୍କଠାରୁ 'ଏମର୍ଜିଂ ୱିମେନ ଲିଡର୍ସ ଆୱାର୍ଡ' ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୧।୩
(ବନ୍ଦନା ସେଠୀ)

ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ରଙ୍କୁ 'ଏମର୍ଜିଂ ୱିମେନ ଲିଡର୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ସମାଜସେବା ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ରୋଜାଲିନ୍‌ଙ୍କ ସ୍ୱତନ୍ତ୍ର ଅବଦାନକୁ ସମ୍ମାନ ଜଣାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୋଲିସ ପବ୍ଲିକ ପ୍ରେସ୍ ପକ୍ଷରୁ ନୂଆଦିଲ୍ଲୀର ସ୍ଥାନୀୟ ଏକ ହୋଟେଲଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହରିୟାଣାର ଆଇପିଏସ୍ ଅଧିକାରୀ ଡ. ରାଜଶ୍ରୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ପାଟ୍ଟଶାଣୀ ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ସମ୍ମାନ ପାଇବା ପରେ ରୋଜାଲିନ୍ ଆୟୋଜକ ପବନ ଭୁଟ ଓ ଅନୁଷ୍ଠାନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏଭଳି ସମ୍ମାନ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ମହିଳା ସଶକ୍ତୀକରଣ ଦିଗରେ ଆହୁରି ନିଷ୍ଠାର ସହ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଫିଲ୍ମ କ୍ୟୁରେଟର ଓ କ୍ରିଏଟିଭ କନସଲ୍‌ଟାଣ୍ଟ ରେଖା ଗୁପ୍ତା, ଆଇନଜୀବୀ ନାଜିଆ ଇଲାହି ଖାନ୍ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ବାରଙ୍ଗ,୧୧।୩ (ଲିଙ୍ଗରାଜ ରାଉତ)

ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ତାଙ୍କ ମା'ଙ୍କୁ ଅଶ୍ଳୀଳ ଫଟୋ ପଠାଇ ଧମକ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବଣ୍ଟି ସାମଲ (୨୩)। ଅଭିଯୋଗ ମୁତାବକ, ନାବାଳିକା ଜଣଙ୍କ ସ୍କୁଲକୁ ଯାତାୟାତ କରିବା ସମୟରେ ବଣ୍ଟି ଏକତରଫା ପ୍ରେମ କରି ଅସଦାଚରଣ କରିଆସୁଥିଲେ। ଏନେଇ ନାବାଳିକା ଜଣଙ୍କ ଘରେ ଜଣାଇବା ପରେ ପରିବାର ପକ୍ଷରୁ ବଣ୍ଟିଙ୍କୁ ତାଗିଦା କରାଯିବା ସହିତ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏହା ପରେ ବଣ୍ଟି ନାବାଳିକାଙ୍କ ମା'ଙ୍କୁ ଫୋନ ମାଧ୍ୟମରେ ଗାଳିଗୁଲଜ କରି ଧମକ ଦେବା ସହିତ ଅଶ୍ଳୀଳ ଫଟୋ ହ୍ୱାଟସଆପ୍ ମାଧ୍ୟମରେ ପଠାଇଥିଲେ। ଏନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମରେ ପୋଲିସ ଏକ ମାମଲା (ନଂ.୯୫/୨୬) ରୁଜୁକରି ତଦନ୍ତ ଚଳାଇଥିଲା।

# ବିଏମ୍‌ସିର ପରିମଳ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୧।୩
(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପରିମଳ ସମୀକ୍ଷା ବୈଠକ ବୁଧବାର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ୧ ନମ୍ବର ସହର ଭାବେ ପରିଣତ କରିବା ପାଇଁ ଗୋଷ୍ଠୀ ସହଭାଗୀତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ୱାର୍ଡରେ ପରିମଳ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କର୍ପୋରେଟରମାନେ ନିଜ ନିଜ ୱାର୍ଡର ପରିମଳ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରିମଳ କାର୍ଯ୍ୟକୁ କିପରି ଆହୁରି ସରସ ଓ ସୁନ୍ଦର କରିହେବ, ସେ ନେଇ କର୍ପୋରେଟରମାନେ ମତାମତ ଦେଇଥିଲେ। ଏଥିସହ ପରିମଳ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଗାଡ଼ି, ମାନବ ସମ୍ବଳ ଓ ଉପକରଣ ଯୋଗାଇ ଦେବାକୁ ସଂପୃକ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ଜୋନାଲ କମିଶନର ଅଶ୍ୱିନୀ ଏ.ଏଲ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାମାନେ ସଶକ୍ତ ରାଷ୍ଟ୍ର ଗଠନର ପ୍ରମୁଖ ସାରଥି: ପ୍ରଭାତୀ

ଭୁବନେଶ୍ୱର,୧୧।୩
(ସୁଚିସ୍ମିତା ସାହୁ)

ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସଚିବାଳୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ନାରୀ ଘର ଚାରିକାନ୍ଥ ଭିତରେ ସୀମିତ ନ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସଚିବାଳୟରେ କାର୍ଯ୍ୟରତ ମହିଳାମାନେ ନୀତି ପ୍ରସ୍ତୁତିରୁ ଆରମ୍ଭ କରି କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ନିଜ ଦକ୍ଷତାର ପ୍ରମାଣ ଦେଇଆସିଛନ୍ତି। ଏହି ଅବସରରେ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେତା ମଞ୍ଜୁଲା କୁମାରୀ ମହାରାଣା, ଅଭିଷିକ୍ତା ପଟ୍ଟନାୟକ, କବିତା ରାଣୀ ନାୟକ, ଉର୍ମିଳା ମାଝୀ ଓ ସଙ୍ଗୀତା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସମାଜ ସଂସ୍କାରକ ମଧୁସ୍ମିତା ପୃଷ୍ଟି ଓ ଆଭାରାଣୀ ଚୌଧୁରୀଙ୍କ ସମେତ ସଚିବାଳୟ ଅଧିକାରୀ ମୋନାଲି ସାହୁ, ବିଜନବାଳା ପଟ୍ଟଜୋଷୀ, ସ୍ନେହାସ୍ମିତା ସାହୁ ଓ ବବିତା ସାହୁଙ୍କୁ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ରଶ୍ମିରେଖା ମିଶ୍ର, ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଡ. ବନ୍ଦନା ଅଗ୍ରୱାଲ, ଓଡ଼ିଶା ସଚିବାଳୟ ସେବା ସଂଘ ସଭାପତି ବିବେକାନନ୍ଦ ସାମଲ, ସାଧାରଣ ସମ୍ପାଦକ ପ୍ରତ୍ୟୁଷ କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ଦେବା ଆଳରେ ୨୬.୫୦ ଲକ୍ଷ ଠକେଇ, ୨ ଗିରଫ

ବାରଙ୍ଗ,୧୧।୩ (ଲିଙ୍ଗରାଜ ରାଉତ)

ଜମି ଦେବାକୁ କହି ୨୬ଲକ୍ଷ ୫୦ହଜାର ଟଙ୍କା ଠକିନେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ବୁଧବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ରାକେଶ ଧଳ (୩୫) ଏବଂ ସୌମ୍ୟ ରଞ୍ଜନ ରାଉତ। ସୌମ୍ୟ ଉକ୍ତ ଥାନା ଅଧୀନ ରଘୁନାଥପୁର ସୋମୁ କଟେଜରେ ରହୁଥିବା ବେଳେ ରାକେଶ ନନ୍ଦନ ଭିଲ୍ଲାରେ ରହି ଜମି ଦଲାଲ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ଜନ୍ମେଜୟ ରାଉତ ରଘୁନାଥପୁରରେ ପରିବାର ସହ ରହୁଥିଲେ। ଉକ୍ତ ଅଞ୍ଚଳରେ ଅଭିଯୁକ୍ତ ରାକେଶଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଏହି ସୁଯୋଗରେ ରାକେଶ ତାଙ୍କୁ ଜମି କିଣାଇଦେବାକୁ କହିଥିଲେ। ୨୦୨୩ ମସିହାରେ ଜମି କିଣିବାକୁ ରାଜିହୋଇ ଚୁକ୍ତିନାମା କରି କିସ୍ତିରେ ପ୍ରଥମେ ୨ଲକ୍ଷ ୩୫ ହଜାର ଟଙ୍କା ଓ ପରେ ୨୧ଲକ୍ଷ ଟଙ୍କା ଜନ୍ମେଜୟ ଦେଇଥିଲେ। ଏହାର କିଛିଦିନ ପରେ ସୌମ୍ୟଙ୍କୁ ଜମି ମାଲିକ ଦର୍ଶାଇ ୩ଲକ୍ଷ ୧୫ହଜାର ଟଙ୍କା ହାତେଇଥିଲେ। ଏଭଳି ମୋଟ୍ ୨୬ଲକ୍ଷ ୫୦ହଜାର ଟଙ୍କା ଦେବା ପରେ ମଧ୍ୟ ଜମି ଦେଇ ନ ଥିଲେ। ଜନ୍ମେଜୟଙ୍କ ସନ୍ଦେହ ହେବାରୁ ଜମି ଆବଶ୍ୟକ ନାହିଁ, ଦେଇଥିବା ଟଙ୍କା ଫେରାଇବାକୁ ରାକେଶଙ୍କୁ କହିଥିଲେ। ପରେ ରାକେଶ ଏବଂ ତାଙ୍କ ସାଥୀ ସୌମ୍ୟ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଜନ୍ମେଜୟଙ୍କ ଅଭିଯୋଗକ୍ରମେ ନନ୍ଦନକାନନ ପୋଲିସ ଏକ ମାମଲା (ନଂ.୯୬/୨୬)ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର,୧୧।୩
(ସୌମ୍ୟରଞ୍ଜନ ରାଉତ)

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ କୁଳସଚିବ ଅନାମିକା ଅଧିକାରୀ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ସହ ଏହାର ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା, ସାରଳା ଦାସ ଚେୟାରର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର, ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଓଡ଼ିଆ ଭାଷାର ପ୍ରାଚୀନ ବିଭବ ତଥା ଏହାର ଐତିହାସିକ ବିବର୍ତ୍ତନର ପ୍ରସଙ୍ଗ ଓ ଶାସ୍ତ୍ରୀୟତାର ବୈଶିଷ୍ଟ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଶମ୍ଭୁରୁ ଶୋଭରା ଓ ଡ. ଧୀରଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଡ଼ିଶା ଅର୍ଥ ସେବା ଶିକ୍ଷାନବିସଙ୍କ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ



ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ଶିକ୍ଷାନବିସମାନେ।

ଭୁବନେଶ୍ୱର,୧୧।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଅର୍ଥ ସେବା ୨୦୨୩ ବ୍ୟାଚ୍‌ର ୫୪ଜଣ ଶିକ୍ଷାନବିସ ବୁଧବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଆସି ବିଭିନ୍ନ ଗ୍ୟାଲେରି ବୁଲି ଦେଖିଛନ୍ତି। ସଂଗ୍ରହାଳୟ ଅଧୀକ୍ଷକ ଡ. ଭାରତୀ ପାଲ ସମସ୍ତ ଶିକ୍ଷାନବିସଙ୍କୁ ସ୍ୱାଗତ ଜଣାଇବା ସହ ସଂଗ୍ରହାଳୟରେ ଥିବା ପ୍ରତ୍ନତତ୍ତ୍ୱ, ତାଳପତ୍ର ପୋଥି, ଲିପିତତ୍ତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚାରୁ ଓ କାରୁକଳା, ଅନୁଭବ ଐତିହ୍ୟ ଗ୍ୟାଲେରି ଆଦି ବୁଲାଇ ଦେଖାଇଥିଲେ। ଏଥିସହ ଶିକ୍ଷାନବିସମାନଙ୍କୁ ଓଡ଼ିଶାର ସମୃଦ୍ଧ ଇତିହାସ, ଐତିହ୍ୟ, ସାହିତ୍ୟ, କଳା ଓ ସଂସ୍କୃତି ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ପାଇକ ବିଦ୍ରୋହ ଏବଂ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରାପ୍ତ କରିବାର ଇତିହାସ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରହାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୧୧।୩
(ଅନୁରାଧା ମହାରଣା)

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ବ୍ୟାଙ୍କ ଆସ୍ୟୁରାନ୍ସ ଚୁକ୍ତିପତ୍ର ମଙ୍ଗଳବାର ସ୍ୱାକ୍ଷରିତ ହୋଇଯାଇଛି। ଗଣ୍ଡମୁଣ୍ଡାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ମଲ୍ଲ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍‌ର ମହାପ୍ରବନ୍ଧକ ତୃପ୍ତିରଞ୍ଜନ ସ୍ୱାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଗ୍ରାହକମାନଙ୍କୁ ସାଧାରଣ ବୀମା ଉପଲବ୍ଧ କରାଇବାରେ ଏକ ଯୁଗାନ୍ତକାରୀ ଏବଂ ଓଡ଼ିଶାର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସହିତ ପ୍ରଥମ ଦୃଷ୍ଟାନ୍ତକାରୀ ପଦକ୍ଷେପ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବିସ୍ତୃତ ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ମାଧ୍ୟମରେ ବୀମା ଉତ୍ପାଦଗୁଡ଼ିକର ଉପଲବ୍ଧତା ସହଜ କରାଯିବ, ଯାହା ସାଧାରଣ ଲୋକଙ୍କୁ ଲାଭାନ୍ୱିତ କରିବ। ଏହି ସହଭାଗିତା କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟକୁ ସମର୍ଥନ କରି ସମାବେଶୀ ଉନ୍ନତି ଏବଂ ସମାଜର ସମସ୍ତ ଶ୍ରେଣୀ ପାଇଁ ଆର୍ଥିକ ସୁରକ୍ଷାକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି ।

# ଶରତ ଚନ୍ଦ୍ର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ ସଂଘ ଓ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମୁଖ୍ୟ ପରାମର୍ଶଦାତା ଶରତ ଚନ୍ଦ୍ର ମିଶ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବୁଧବାର ୟୁନିଟ୍-୧ସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି, ଉପସଭାପତି ସୁରେନ୍ଦ୍ର ସାହୁ, କଲ୍ୟାଣ ସମ୍ପାଦକ ବିମଳ ମହାନ୍ତି, ବରିଷ୍ଠ ସଭ୍ୟ ରବୀନ୍ଦ୍ର କୁମାର ମହାପାତ୍ର, ଧୀରେନ ବାରିକ ଓ ଅନ୍ୟମାନେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ମଙ୍ଗଳବାର ଶହୀଦନଗରସ୍ଥିତ ବାସଭବନରେ ଶରତ ମିଶ୍ରଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଥିଲା। ସ୍ୱର୍ଗତ ମିଶ୍ର ତାଙ୍କ ୩୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ କଟକ ଲାଲବାଗ ଥାନାର ଇନ୍ସପେକ୍ଟର, ଅନୁଗୋଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷକ, ରାଜ୍ୟ ସ୍ୱତନ୍ତ୍ର ସଂସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସିତ ହୋଇଥିଲେ। ସେ ଜଣେ ଗ୍ରନ୍ଥକାର, ସୁସାହିତ୍ୟିକ ଓ ବହୁ ସାମାଜିକ ସଂସ୍ଥା ସହ ଜଡ଼ିତ ଥିଲେ। ତାଙ୍କର ବିୟୋଗରେ ସଂଘର ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, ବିଭିନ୍ନ ଜିଲା ପୋଲିସ ସଂଘର ସଭାପତି ଓ ସମ୍ପାଦକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ୨୦ ଦିନରେ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏଶନର ଆନ୍ଦୋଳନ

ଭୁବନେଶ୍ୱର,୧୧।୩
(ଅନୁରାଧା ମହାରଣା)

ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନ ୨୦ ଦିନରେ ପହଞ୍ଚିଛି। ମାର୍ଚ୍ଚ ୮ରେ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ସହ ସଂଘ କର୍ମକର୍ତ୍ତା ଓ ବିଭିନ୍ନ ଜିଲାରୁ ଆସିଥିବା ଠିକାଦାର ପ୍ରତିନିଧିମାନେ ଆଇନ ବିଭାଗର ସମ୍ମିଳନୀ କକ୍ଷରେ ଆଲୋଚନା କରିଥିଲେ। ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗର ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସଂଘର ୮ ଦଫା ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମୟରେ ମନ୍ତ୍ରୀ ସଂଘ ପକ୍ଷରୁ ଉପସ୍ଥାପିତ ସମସ୍ତ ଦାବିଗୁଡ଼ିକୁ ଶୁଣି ସେଗୁଡ଼ିକର ଯଥୋଚିତ ସମାଧାନ ସମ୍ପର୍କରେ ସକାରାତ୍ମକ ମତ ପ୍ରକାଶ କରିଥିଲେ । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଲିଖିତ ଆକାରରେ ପ୍ରଦାନ କରିବାକୁ ସଂଘ ଅନୁରୋଧ କରିଥିଲା। ଦୁଇଦିନ ମଧ୍ୟରେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ମାତ୍ର ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ଆନ୍ଦୋଳନ ପୂର୍ବପରି ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ଲୋୟର ପିଏମ୍‌ଜିରେ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଧାରଣା।

# ବ୍ୟାଙ୍କ ପେନ୍‌ସନ ଭୋଗୀଙ୍କ ଗଣଧାରଣା

ଭୁବନେଶ୍ୱର, ୧୧।୩
(ଅନୁରାଧା ମହାରଣା)

ବ୍ୟାଙ୍କ ଶିଳ୍ପରେ ପେନ୍‌ସନ୍‌ଧାରୀଙ୍କ ମୂଳ ପେନ୍‌ସନ ସଂଶୋଧନ ତଥା ଅନ୍ୟ ଆନୁଷଙ୍ଗିକ ଦାବି ନେଇ ସାରା ଦେଶରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଆରଏଫ୍) ଡାକରାରେ ଗଣଧାରଣା, ବିକ୍ଷୋଭ ଓ ଆମରଣ ଅନଶନ ଆଦି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ କରାଯାଇଥିଲା। ଏଥିରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ କୁମାର ଜେନା ଓ ସିଆଇଟିୟୁର ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ଦାସ ଯୋଗଦେଇ କହିଲେ, ବ୍ୟାଙ୍କ ଶିଳ୍ପରେ ପେନସନ ସଂଶୋଧନ ଅତ୍ୟନ୍ତ ଜରୁରୀ ଓ ସରକାର ଏହାର ଶୀଘ୍ର ବିଚାର କରିବା ଦରକାର। ତେବେ ଏହି ଆନ୍ଦୋଳନକୁ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନେ ସମର୍ଥନ ଜଣାଇଥିବାବେଳେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ବୈକୁଣ୍ଠନାଥ ଆଚାର୍ଯ୍ୟ, ୟୁକୋ ବ୍ୟାଙ୍କର ପ୍ରସନ୍ନ କୁମାର ମହାନ୍ତି ଓ ଶରତ ସିଂ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସଞ୍ଜୀବ ପତି ଓ ରବିନାରାୟଣ ସିଂ, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ରବିନାରାୟଣ ସୂତାର ଓ ଶରତ ଚନ୍ଦ୍ର ରାଉତ, କାନାରା ବ୍ୟାଙ୍କର ପି.କେ. ମିଶ୍ର ଓ ବିପିନ ବିହାରୀ ପାଢ଼ୀ, ଇଣ୍ଡିଆନ ବ୍ୟାଙ୍କର ବିଦ୍ୟାଧର ଜେନା ଓ ଜ୍ଞାନରଞ୍ଜନ ପଟ୍ଟନାୟକ, ୟୁନିୟନ ବ୍ୟାଙ୍କର ମନୋରଞ୍ଜନ ଦାସଙ୍କ ସମେତ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କର ହଜାରରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଚାରିଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।




ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯାଇଛି।

- ମୂଳ ପେନ୍‌ସନ ସଂଶୋଧନ ଦାବି
- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ରାହାସ ବିହାରୀ ଜାତୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ ଶ୍ରୀଶ୍ରୀ ରାହାସ ବିହାରୀ କ୍ଲବ କ୍ୟାରମ କ୍ଲବ ଆନୁକୂଲ୍ୟରେ ଷଷ୍ଠତମ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ସେଥିରୁ ମଧୁର ରାଜେଶ ସ୍ୱାଇଁ ଓ ରାଜ ବେହେରା ଚାମ୍ପିୟନ ହୋଇଥିବା ବେଳେ ରାକେଶ ସାହୁ ଓ ଶ୍ରୀ ରଞ୍ଜନ ସାହୁ ରନରଅପ୍ ହୋଇଥିଲେ। ରାଜନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସୌମ୍ୟ ରଞ୍ଜନ ସାହୁ, ଲିଙ୍ଗରାଜ ସାହୁ, ଅବିନାଶ ପରିଡା, ଗୁନୁ ବେହେରା, ମନିରଞ୍ଜନ ସ୍ୱାଇଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମନସ୍ତତ୍ତ୍ୱ ବିଭାଗରେ ୩ ଦିନିଆ କର୍ମଶାଳା ଉଦ୍‌ଘାଟିତ

କଟକ,୧୧।୩(କୁମାରଶ୍ରୀ)

ରେଭେନ୍ସା ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ମନସ୍ତାତ୍ତ୍ୱିକ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରୋତ୍ସାହିତ କରିବା: ସଚେତନତା, ଦକ୍ଷତା ଏବଂ ସ୍ଥିରତା ଉପରେ ୩ ଦିନିଆ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପିଜିକାଉନସିଲ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, ମନସ୍ତତ୍ତ୍ୱ ବିଭାଗ ସଂଯୋଜକ ରିତୁ ପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଶମିତା ମହାପାତ୍ର, ମନୋଚିକିତ୍ସକ ପ୍ରଫେସର ନୀଳମାଧବ ରଥ ଉପସ୍ଥିତ ଥିଲେ। ଛାତ୍ର ଜୀବନ ବର୍ଦ୍ଧିତ ଶୈକ୍ଷିକ ଚାପ ଏବଂ ଆଶା ଦ୍ୱାରା ପ୍ରଭାବିତ ହେଉଛି। ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଏବଂ ଛାତ୍ର ଜୀବନର ବର୍ଦ୍ଧିତ ଆଶା ଏବଂ ଘଟଣାଗୁଡ଼ିକର ମୁକାବିଲା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଆତ୍ମ ଯତ୍ନ, ଭାବପ୍ରବଣ ବୁଦ୍ଧି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଦିଗରେ ଅତିଥିମାନେ ଆଲୋକପାତ କରିଥିଲେ। ସାଦିଆ ମେହରିନ କର୍ମଶାଳା ପରିଚାଳନା କରିଥିଲେ। ସିପ୍ରା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

### କଟକ ସଦର ବ୍ଲକ ସମିତି ସଭ୍ୟାସଭ୍ୟଙ୍କ ବୈଠକ

କଟକ ସଦର,୧୧।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସଭ୍ୟାସଭ୍ୟମାନଙ୍କ ବୈଠକ ବୁଧବାର ୪୨ ମୌଜା ଅନ୍ତର୍ଗତ ବଳିବାମନ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତଙ୍କ ସମେତ ୨୧ଜଣ ସଭ୍ୟାସଭ୍ୟ ଯୋଗଦେଇ ଭାବର ଆଦାନ ପ୍ରଦାନ କରିଥିଲେ। ଏହା ଏକ ବନ୍ଧୁମିଳନ ବୋଲି କୁହାଯାଉଥିଲେ ସୁଦ୍ଧା ବ୍ଲକ ଉପାଧକ୍ଷା ଅନୁପସ୍ଥିତ ରହିଥିଲେ। ଆଉ ଏକ ବର୍ଷ କାର୍ଯ୍ୟକାଳ ପୂରିବାକୁ ଥିବାରୁ ରାଜନୈତିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିଲା। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଦାଶ, ବିନୋଦ ବେହେରା, ସନ୍ତୋଷ କୁମାର ରାଉତ, ପିଙ୍କି ଭୋଇ, ବାସନ୍ତୀ ଭୋଇ, ସାରଦା ପ୍ରସନ୍ନ ସ୍ୱାଇଁ, ଦିଲୀପ ବିହାରୀ, ବବିତା ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଶ୍ରୀରାମ ଚରିତ ମାନସ ମହାଯଜ୍ଞର ପ୍ରସ୍ତୁତି ବୈଠକ

ଫୁଲନଖରା,୧୧।୩(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରାସ୍ଥିତ ଶ୍ରୀରାମ ମନ୍ଦିରରେ ଚଳିତବର୍ଷର ଶ୍ରୀରାମ ଚରିତ ମାନସ ଓ ଶ୍ରୀରାମ ନବମୀ, ମହାଯଜ୍ଞ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତ ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ସମାଜସେବୀ ଗୁଣନିଧି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ୧୮ରେ ଅଧିବାସ ଏବଂ ୨୭ ତାରିଖରେ ଶ୍ରୀରାମ ନବମୀ ଓ ମହାଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଅନୁଷ୍ଠାନ ସଭାପତି ଗଣେଶ ପ୍ରସାଦ ଦାଶ ପରିଚାଳନା କରିଥିବା ବେଳେ ବଂଶୀଧର ଭୋଳ, ଶଶୀଭୂଷଣ ମହାନ୍ତି, ବିଚିତ୍ରାନନ୍ଦ ଦଳାଇ, ସନାତନ ସ୍ୱାଇଁ, ମନ୍ଦିର ପୂଜକ ତ୍ରିନାଥ ମହାପାତ୍ର ଓ ଦିଲୀପ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

କଟକ,୧୧।୩(କାର୍ତ୍ତିକ ସାହୁ)

ଓଡ଼ିଆ ଭାଷା ଜାତୀୟସ୍ତରରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଏହା ପ୍ରତ୍ୟେକ ଓଡ଼ିଆ ପାଇଁ ଗର୍ବ ଓ ଗୌରବର ବିଷୟ। ଆମ ଭାଷା ପ୍ରତି ଆମର ମମତ୍ୱବୋଧ ଯେତେ ବଢ଼ିବ, ଆମେ ସେତେ ପରିଚୟ ଓ ପ୍ରତିଷ୍ଠା ଲାଭ କରିପାରିବା। ଏଣୁ ଆମେ ନିଜ ଭାଷାର ବ୍ୟବହାରକୁ ବ୍ୟାପକରୁ ବ୍ୟାପକତର କରିବା ଆବଶ୍ୟକ। ବୁଧବାର ପୂର୍ବାହ୍ନରେ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାଧାରଣ ସମ୍ପାଦକ ରାଜୀବ କୁମାର ଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପୂର୍ବତନ ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତଙ୍କ ସମେତ ଗଜେନ୍ଦ୍ର କୁମାର ପାଣି, ବିଦ୍ୟୁତ୍ କୁମାରୀ ଲାଲା, ଗୌତମ ଚନ୍ଦ୍ର କର, ଶରତ ଚନ୍ଦ୍ର ଦାଶ ପ୍ରମୁଖ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

# ରୋଗ ଆରମ୍ଭରୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରୀ

## ବିଶ୍ୱ କ୍ୟାନସର ସର୍ଭିକ୍ସ ନିରାକରଣ ଦିବସ ପାଳିତ



ବିଶ୍ୱ କ୍ୟାନସର ସର୍ଭିକ୍ସ ନିରାକରଣ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ସ୍ତ୍ରୀ କର୍କଟ ରୋଗ ବିଭାଗ ଓ ଏବିସି ଫାଉଣ୍ଡେଶନର ମିଳିତକ୍ରମେ ବିଶ୍ୱ କ୍ୟାନସର ସର୍ଭିକ୍ସ ନିରାକରଣ ଦିବସ ପାଳିତ ହୋଇଯାଇଛି। ଡା. ଭାଗ୍ୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଦୀପକ ରାଉତରାୟ ଯୋଗ ଦେଇ କହିଛନ୍ତି, ମହିଳା କର୍କଟ ରୋଗୀଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ କ୍ୟାନସର ସର୍ଭିକ୍ସ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ରୋଗକୁ ଆରମ୍ଭରୁ ଚିହ୍ନଟ କରି ବିହିତ ଚିକିତ୍ସା କଲେ ରୋଗ ସମ୍ପୂର୍ଣ୍ଣ ଭାବେ ଭଲ ହୋଇପାରିବ। ଏହାସହ ଝିଅମାନଙ୍କୁ ଏଚ୍‌ପିଭି ଟିକା ଦେଇ ଏହି ରୋଗ କବଳରୁ ଦୂରେଇ ରଖାଯାଇ ପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କର୍ଣ୍ଣାଟକର ଡାକ୍ତର ପ୍ରଶାନ୍ତ ମାଥୁର, ଆୟୁର୍ବିଜ୍ଞାନ ଡଟ୍ କମ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଡା. ନିରଞ୍ଜନ ରାଉତ ଯୋଗଦେଇ ହ୍ୟୁମାନ ପାପିଲୋମା ଭୂତାଣୁ ସଂକ୍ରମଣ ଯୋଗୁ କ୍ୟାନସର ସର୍ଭିକ୍ସ ରୋଗ ହେଉଛି ଏବଂ ଏଚ୍‌ପିଭି ଟିକା ଦ୍ୱାରା ଏହାକୁ ପ୍ରତିହତ କରାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଇଙ୍କୁ ଜୀବନବ୍ୟାପୀ ଅବଦାନ ପାଇଁ ପାପାନିକୋଲାଓ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ରେଭେନ୍ସା ବିଶ୍ୱବିଦ୍ୟାଳୟ ଡ. ଧନଞ୍ଜୟ ସୋରେନଙ୍କୁ ଏବିସି ଫାଉଣ୍ଡେଶନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ଡା. ଜନ୍ମେଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ମନୋରଞ୍ଜନ ମହାପାତ୍ର, ଡା. ଅଶୋକ କୁମାର ପାଢ଼ୀ, ଡା. ସୋନୀ ନନ୍ଦ, ଡା. ତୁଷାର ମହାପାତ୍ର, ଡା. ସୂର୍ଯ୍ୟକାନ୍ତ ଜୟସିଂ, ଡା. ଅନ୍ୱେଷା ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମଚାରୀଙ୍କ ପାଇଁ ସୁରକ୍ଷା, ସଚେତନତା ଉପରେ ଗୁରୁତ୍ୱ



ସୁରକ୍ଷା ନେଇ ଅଫିସର ଓ କର୍ମଚାରୀମାନେ ସାମୂହିକ ଶପଥ ପାଠ କରୁଛନ୍ତି।

## ବି.କେ. ଷ୍ଟିଲରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଖୁଣ୍ଟୁଣୀ,୧୧।୩(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲାର ବୃହତ ଶିଳ୍ପାଞ୍ଚଳ ଇଲାକା ରମ୍ଭେଇ-ଖୁଣ୍ଟୁଣୀସ୍ଥିତ ରାଜାଆଠଗଡ଼ ଷ୍ଟେଶନଠାରେ ପ୍ରତିଷ୍ଠିତ ବି.କେ. ଷ୍ଟିଲ ପ୍ଲାଣ୍ଟରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବି.କେ. ଷ୍ଟିଲ ସିନିୟର ମ୍ୟାନେଜର ସକିଲ ଅହମ୍ମଦ, ମାନବ ସମ୍ବଳ ପରିଚାଳକ ସନାତନ ସେନାପତି, ପ୍ରଶାସନିକ ବିଭାଗ ବରିଷ୍ଠ ପରିଚାଳକ ସନ୍ତୋଷ କୁମାର ସ୍ୱାଇଁ, କାରଖାନା ନିରାପତ୍ତା ଅଧିକାରୀ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ଓ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ ନିଆଯାଉଥିବା କହିଥିଲେ। ସୁରକ୍ଷା ପ୍ରତି କୌଣସି ପରିସ୍ଥିତିରେ ସାଲିସ କରାଯିବ ନାହିଁ। ଏହା ଉଭୟ ବ୍ୟକ୍ତିଗତ ଓ କାରଖାନାର ପ୍ରଭୂତ କ୍ଷତି ପହଞ୍ଚାଇ ଥାଏ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସୁରକ୍ଷା ନେଇ କାରଖାନାର ଅଫିସର ଓ କର୍ମଚାରୀମାନେ ସାମୂହିକ ଶପଥ ପାଠ କରିଥିଲେ। କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ନିରାପତ୍ତା ସମ୍ବନ୍ଧିୟ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କର୍ମଚାରୀ ଓ ଠିକାଦାରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ କାରଖାନାର ବିଭିନ୍ନ ବିଭାଗ ଅଧିକାରୀ, ଶତାଧିକ କର୍ମଚାରୀ ଓ ଠିକାଦାରମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଆଶାକର୍ମୀଙ୍କ ଭୂମିକା ପ୍ରଶଂସନୀୟ




ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ବୁଧବାର ନେତାଜୀ ସଂସ୍କୃତି ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତକ୍ରମେ ଆୟୋଜିତ ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ କହିଛନ୍ତି, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଞ୍ଚାଇବାରେ ଆଶା କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ଟିକାକରଣ, ପୌଷ୍ଟିକ ଆହାର ବୃଦ୍ଧି ଓ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶା କର୍ମୀମାନଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ସେହିପରି ୧ ମାସ ପୂର୍ବରୁ ଗର୍ଭବତୀଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଡାକ୍ତରଙ୍କ ନିକଟକୁ ନେଇ ରିପୋର୍ଟ ସଂଗ୍ରହ କରିବାକୁ ଉପସ୍ଥିତ ଆଶା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର, ଆଶାକର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ନିମନ୍ତେ କାର୍ଯ୍ୟକର୍ତ୍ତାଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ସଂଯୋଜକ କମ୍ୟୁନିଟିପ୍ରୋସେସ ନୃସିଂହ ଚରଣ ଭୂୟାଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚିନ୍ତାମଣି ମିଶ୍ର, କନସଲଟାଣ୍ଟ କମ୍ୟୁନିଟିପ୍ରୋସେସ ଡ. ବସନ୍ତ କୁମାର ସାହୁ, ଜିଲା କାର୍ଯ୍ୟ ପରିଚାଳକ ଟି. ନାରାୟଣ ରାଓଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଜିଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। କଟକ ଜିଲାପାଳ ତଥା ଜିଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟରେ ୩୩ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ତଥା ଜିଲା ଜନଗଣନା ଅଧିକାରୀ କମଳଜିତ ଦାସ ପରିଚାଳନା କରିଥିଲେ। ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ମିଳିତା ଦତ୍ତ ଓ ଅତିରିକ୍ତ ଜିଲାପାଳ ନୁରି ପରଭିନ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଇମ୍ଫା ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



ପ୍ରତିଯୋଗିତାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର, ୧୧।୩ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଇମ୍ଫା ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଜୋନ-୧ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଇଂ. ସୁଧାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଏବଂ ଇମ୍ଫାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟକିଶୋର ମହାପାତ୍ର ବାର୍ଷିକ ସୁରକ୍ଷା ବିବରଣୀ ଉପସ୍ଥାପନ କରିବା ସହ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ଦିଗରେ କାରଖାନାର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସୁରକ୍ଷା ସଚେତନତା ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀ, ଶ୍ରମିକ, ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ଇମ୍ଫାର ମାନବସମ୍ବଳ ପ୍ରବନ୍ଧକ ତଥା ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ର ମୁଖ୍ୟ ସମନ୍ୱୟକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନତା ଅଭାବରୁ ଘାତକ ସାଜୁଛି କିଡ୍‌ନୀ ରୋଗ

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଆଜି ବିଶ୍ୱ ବୃକକ ଦିବସ**

■ ଚଳିତବର୍ଷର ଥିମ୍ 'କେୟାରିଂ ଫର୍ ପିପୁଲ, ପ୍ରୋଟେକ୍ଟ ଫର୍ ଦି ପ୍ଲାନେଟ'

ପ୍ରତିବର୍ଷ ମାର୍ଚ୍ଚ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ବୃକକ ଦିବସ ଭାବେ ପାଳନ କରାଯାଉଛି। ବୃକକ ରୋଗୀଙ୍କ ଚିକିତ୍ସା ସମସ୍ତଙ୍କ ପାଇଁ ଚଳିତବର୍ଷ କେୟାରିଂ ଫର୍ ପିପୁଲ, ପ୍ରୋଟେକ ଫର୍ ଦି ପ୍ଲାନେଟ ଯଥା ଲୋକମାନଙ୍କ ଯତ୍ନ ଓ ପୃଥିବୀର ସୁରକ୍ଷା ଥିମରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଚଳିତବର୍ଷ ଏହି ଦିବସ ପାଳନ କରିବାକୁ ପ୍ରସ୍ତୁତି ହେଉଛନ୍ତି। ଏସସିବିରେ ବର୍ତ୍ତମାନ ସୁଦ୍ଧା ୨୨୦ରୁ ଅଧିକ ସାଧାରଣ ବୃକକ ପ୍ରତିରୋପଣ କରାଯାଇଥିବା ବେଳେ କାଡାଭରିକ ପ୍ରତିରୋପଣ ସଂଖ୍ୟା ୧୮ରେ ପହଞ୍ଚିଛି। ଏପରିକି ଗତବର୍ଷରେ ନେଫ୍ରୋଲୋଜି ବିଭାଗରେ ୮ ହଜାରରୁ ଅଧିକ ରୋଗୀ ୱାର୍ଡରେ ଚିକିତ୍ସିତ ହୋଇଛନ୍ତି। ଏଠାରେ ଥିବା ଡାଏଲିସିସ୍ କେନ୍ଦ୍ରରେ ଗୋଟିଏ ବର୍ଷରେ ପାଖାପାଖି ୧୪ ହଜାରରୁ ଅଧିକ ରୋଗୀ ଚିକିତ୍ସା ସେବା ପାଉଥିବା ସୂଚନା ମିଳିଛି। ତେବେ ରାଜ୍ୟରେ ବୃକକ ରୋଗୀଙ୍କ ତାଲିକା ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ସମ୍ପ୍ରତି ବୃକକ ରୋଗୀଙ୍କ ସଂଖ୍ୟା ବହୁଗୁଣିତ ହେଲାଣି। ମାତ୍ରାଧିକ ପେନକିଲର ସେବନ, ମେଦ ବହୁଳତା, ଜଳୀୟ ଅଂଶ ଅଭାବ ଭଳି ଅନେକ କାରଣ ଯୋଗୁ ବୃକକ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏପରିକି ଏହା ମଧ୍ୟ ଏକ ବଂଶଗତ ରୋଗ। ସେହିପରି ରାଜ୍ୟ ସରକାରଙ୍କ ସହଯୋଗରେ କଟକ ଏସ୍‌ସିବି ମେଡିକାଲରେ ବୃକକ ରୋଗୀଙ୍କ ଚିକିତ୍ସା ନିମନ୍ତେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗରେ ଉପଲବ୍ଧ ଅନେକ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରୋଗୀଙ୍କ ପାଇଁ ଯେପରି ବରଦାନ ପାଲଟିଛି। ତେବେ ଚିକିତ୍ସା ଅପେକ୍ଷା ପ୍ରତିକାର ହିଁ ବୃକକ ରୋଗରୁ ମୁକ୍ତ ରହିବାର ପ୍ରମୁଖ ଦିଗ। ବୃକକ ରୋଗର ଲକ୍ଷଣ ଭୟାବହତା ଏବଂ ପ୍ରତିକାର ବିଷୟରେ ଅଧିକ ଲୋକ ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ଏସ୍‌ସିବିର ନେଫାରୋଲୋଜି ବିଭାଗର ଡା. ଅରୁଣା ଆଚାର୍ଯ୍ୟ ଓ ୟୁରୋଲୋଜି ବିଭାଗର ଡା. ସମୀର ସ୍ୱାଇଁ କହିଛନ୍ତି।

## ୪୫ତମ ରାଧାକୃଷ୍ଣ ଲଉଡି ମହୋତ୍ସବ

ଚୌଦ୍ୱାର,୧୧।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୮ ନଂ. ୱାର୍ଡ ଗୋପାଳ ସାହିରେ ୪୫ତମ ଲଉଡି ଖେଳ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ଲଉଡି ସଂଘ ସଭାପତି ଶିଶିର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଆଖପାଖ ଅଞ୍ଚଳର ଗୋପାଳ ପିଲାମାନେ ଲଉଡି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଜାତୀୟ ଯୁବ ଯାଦବ ମହାସଂଘ ସଭାପତି ପ୍ରଦୀପ କୁମାର ବେହେରା, ସୋରେନ ବେହେରା, କାଉନସିଲର ବିଜୟ କୁମାର ସାହୁ, ଆଶୁତୋଷ ଦାସ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ ପ୍ରମୁଖ ଯୋଗଦେଇ ବିଜୟୀ ପ୍ରତିଯୋଗିଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବକୁ ବାଳକୃଷ୍ଣ ନାୟକ, ଟୁଟନ ପଲେଇ, ଟୁନା ବାରିକଙ୍କ ସମେତ ସାହିର ମୁରବିମାନେ ପରିଚାଳନା କରିଥିଲେ।

# ଶୈଳବାଳାରେ ଜାତୀୟ ଶିକ୍ଷାନୀତି ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକବୃନ୍ଦ।

କଟକ,୧୧।୩(କୁମାରଶ୍ରୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା 'ଜାତୀୟ ଶିକ୍ଷାନୀତି-୨୦୨୦: ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜୀବନବଲ୍ଲଭ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛତିଶଗଡ ଗୁରୁ ଘସିଦାସ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ସମ୍ବିତ କୁମାର ପାଢ଼ୀ ମୁଖ୍ୟ ଅତିଥି, ମଧ୍ୟପ୍ରଦେଶ ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜ୍ଞାନେନ୍ଦ୍ର କୁମାର ରାଉତ ମୁଖ୍ୟବକ୍ତା, ରାଜଧାନୀ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଅରୁଣ କୁମାର ସାମଲ, ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ସଂଘମିତ୍ରା ପଣ୍ଡା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ବିଦ୍ୟୁତ୍‌ପ୍ରଭା ସାହୁ, ରୂପାଲି ନାୟକ, କୃଷ୍ଣପ୍ରିୟା ଜେନା, ପ୍ରଜ୍ଞା ପରମିତା ପ୍ରିୟଦର୍ଶିନୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ପ୍ରାଚୀ ପ୍ରଜ୍ଞା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସନାତନୀ ସେନା ପକ୍ଷରୁ ପାଳନ କରାଯିବ ରାଷ୍ଟ୍ରୀୟ ନବବର୍ଷ




ଖବରଦାତା ସମ୍ମିଳନୀରେ ସନାତନୀ ସେନା ରାଜ୍ୟ ସଭାପତି ଓ ଅନ୍ୟ କର୍ମକର୍ତ୍ତା।

କଟକ ସଦର,୧୧।୩(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରୀୟ ନବବର୍ଷକୁ ଭାରତୀୟମାନେ ଭୁଲି ଯାଉଛନ୍ତି। ମାର୍ଚ୍ଚ ୧୯ ତାରିଖ ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦ ଦିନ ରାଷ୍ଟ୍ରୀୟ ନବବର୍ଷକୁ ରାଜ୍ୟ ସନାତନୀ ସେନା ପକ୍ଷରୁ ହିନ୍ଦୁ ସମ୍ମିଳନୀ ଓ ସାଧୁସନ୍ଥ ସମାବେଶ ୪୨ ମୌଜା ଅନ୍ତର୍ଗତ ବ୍ରହ୍ମପୁର ମା' ଥାନପତି ମନ୍ଦିର ପରିସରରେ ପାଳନ କରାଯିବ ବୋଲି ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ବ୍ରହ୍ମପୁରଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ପରମ୍ପରା ସଂସ୍କୃତିକୁ ସମସ୍ତେ ଭୁଲି ଯାଇ ପାଶ୍ଚାତ୍ୟ ଢାଞ୍ଚାରେ ଅନୁପ୍ରାଣିତ ହେଉଥିବାରୁ ସନାତନୀ ସେନା ରାଷ୍ଟ୍ରୀୟ ନବବର୍ଷକୁ ମନେପକାଇବା ପାଇଁ ଏହି ପ୍ରୟାସ ବୋଲି ପଣ୍ଡା କହିଥିଲେ। ଏହି ଦିନ ରଣେଷଣ୍ଡେ ମନ୍ଦିରରୁ ସନ୍ଥମାନଙ୍କ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଥାନପତି ମନ୍ଦିରରେ ପହଞ୍ଚିବ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁସନ୍ଥମାନେ ଜନସାଧାରଣଙ୍କୁ ମାର୍ଗଦର୍ଶନ କରିବେ। ଖବରଦାତା ସମ୍ମିଳନୀରେ ସନାତନୀ ସେନା ସମ୍ପାଦକ ରଘୁନାଥ ଚୌଧୁରୀ, ଅମରେନ୍ଦ୍ର ଦାସ, ପ୍ରଦୀପ୍ତ ମହାପାତ୍ର, ଅନୀଲ ଦାସ, ଅର୍ଜୁନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ସେନା ପକ୍ଷରୁ ନୂତନ ବାନର ଉନ୍ମୋଚିତ ହୋଇଥିଲା।

# ଷ୍ଟ୍ରେଚରରେ ଛଟପଟ ରୋଗୀ

**ଏସ୍‌ସିବି ମେଡିକାଲ**

■ ହୁଇଲ ଷ୍ଟ୍ରେଚରରେ ବୁହାଯାଉଛି ଖାତା

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)





ଖରାରେ ଷ୍ଟ୍ରେଚରରେ ରୋଗୀ ପଡ଼ିରହିଛନ୍ତି। ହୁଇଲ ଷ୍ଟ୍ରେଚରରେ ଖାତା ନିଆଯାଉଛି।

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଉଭୟ ଫାଟକକୁ ସଂଯୋଗ କରୁଥିବା ରାସ୍ତାରେ ଖରାରେ ଦୁଇଘଣ୍ଟା ପଡି ରହିଲେ ଯାଜପୁର ଅଞ୍ଚଳର ରୋଗୀ ଶଶିରେଖା ନାୟକ। ବ୍ୟାଟେରି ଗାଡି ଓ ମେଡିକାଲ ଆଟେଣ୍ଡାଣ୍ଟଙ୍କ ସହଯୋଗ ନ ମିଳିବାରୁ ଚକ୍ଷୁ ବିଭାଗରୁ ମେଡିକାଲର ନିଦାନ କେନ୍ଦ୍ର ଯିବାକୁ ଶଶିରେଖାଙ୍କ ସ୍ୱାମୀ ରଞ୍ଜନ ନାୟକ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ଘଟଣାକ୍ରମେ, ଶଶୀରେଖା ଆଜକୁ ୪ଦିନ ହେବ ଚିକିତ୍ସା ପାଇଁ ଉକ୍ତ ବିଭାଗରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରଙ୍କ ପରାମର୍ଶ ମୁତାବକ ବିଭିନ୍ନ ପରୀକ୍ଷା କରାଇବା ଆବଶ୍ୟକ ଥିଲା। ହେଲେ ନିଦାନ କେନ୍ଦ୍ର ଯାଏ ଚାଲିକି ଯିବା ଶଶୀରେଖାଙ୍କ ପାଇଁ ସମ୍ଭବ ନ ଥିଲା। ରଞ୍ଜନ ସକାଳୁ ବ୍ୟାଟେରି ଗାଡି ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ସୁବିଧା ପାଇ ନ ଥିଲେ। ଏହାସହ ଆଟେଣ୍ଡାଣ୍ଟଙ୍କ ସହାୟତା ଲୋଡ଼ିଥିଲେ ମଧ୍ୟ ସହାୟତା ପାଇଁ ସବୁ ମନା କରିଥିଲେ। ପରେ ରଞ୍ଜନ ନିଜ ପୁଅ ସାହାଯ୍ୟରେ ଷ୍ଟ୍ରେଚରେ ଶଶିରେଖାଙ୍କୁ ନେବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଯାହାଦ୍ୱାରା ରାସ୍ତାରେ ଷ୍ଟ୍ରେଚରରେ ଶଶୀରେଖା ଖରାରେ ପଡି ରହିଥିଲେ। ଏପରିକି ଉକ୍ତ ରାସ୍ତା ଦେଇ ବ୍ୟାଟେରି ଗାଡି ଯାଉଥିଲେ ମଧ୍ୟ ଚାଳକ ରୋଗୀଙ୍କୁ ନେବାକୁ ମନା କରିଥିଲେ। ଅନ୍ୟପଟେ ଉକ୍ତ ସ୍ଥାନରେ ମେଡିକାଲର ୨ ଜଣ କର୍ମଚାରୀ ହୁଇଲ ଷ୍ଟ୍ରେଚର ଯୋଗେ କେବଳ ଗୋଟିଏ ପଞ୍ଜୀକରଣ ଖାତା ଓ କିଛି ସାମଗ୍ରୀ ନେଇ ଯାଉଥିଲେ ମଧ୍ୟ ରୋଗୀଙ୍କୁ ସେଥିରେ ନେଇ ନ ଥିଲେ। ରଞ୍ଜନଙ୍କୁ କେତେଜଣ ସାହାଯ୍ୟ କରିବା ପରେ ନିଦାନ କେନ୍ଦ୍ରରେ ପହଞ୍ଚିଥିଲେ। ଏନେଇ ରଞ୍ଜନ କହୁନ୍ତି, ଏସ୍‌ସିବି ମେଡିକାଲରେ ହୁଇଲ ଷ୍ଟ୍ରେଚର ରୋଗୀଙ୍କୁ ଦିଆଯାଉ ନାହିଁ। ବ୍ୟାଟେରି ଗାଡି ପାଇଁ ରୋଗୀ କେବଳ ଅପେକ୍ଷା କରି ଯନ୍ତ୍ରଣା ପାଉଛନ୍ତି। ଏଭଳି ଅବ୍ୟବସ୍ଥା ପ୍ରତି ମେଡିକାଲ କର୍ତ୍ତୃପକ୍ଷ ଧ୍ୟାନ ଦିଅନ୍ତୁ। ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଙ୍ଗୁଲା ସପ୍ତଦୋଳ ମେଳଣରେ ୨୨ ଠାକୁର



**ବାଲୁଗାଁ,୧୧।୩ (ସଂଗ୍ରାମ ପାଇକରାୟ)**

ଚିଲିକା ବ୍ଲକ ଅଧୀନ ଆଙ୍ଗୁଲାଚଟ୍ଟିସ୍ଥିତ ହାଇସ୍କୁଲ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ସପ୍ତଦୋଳ ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ରାତିରେ ଆଖପାଖ ଗ୍ରାମରୁ ସୁସଜ୍ଜିତ ବିମାନରେ ୨୨ ଠାକୁର ପାଟପଟୁଆର ସହ ଶୋଭାଯାତ୍ରାରେ ସପ୍ତଦୋଳ ପଡ଼ିଆକୁ ଆଗମନ କରିଥିଲେ। ଉତ୍ସବର ସ୍ଥାନାଧିପତି ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ମୁଖ୍ୟ ଅତିଥିଭାବେ କଳିଯୁଗେଶ୍ୱର ଦେବ ପ୍ରଥମେ ମେଳଣ ପଡ଼ିଆରେ ବିଜେ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ନିମନ୍ତ୍ରିତ ଅନ୍ୟ ଠାକୁରମାନେ ପାଟପଟୁଆର ସହ ପଡ଼ିଆକୁ ବିଜେ କରିବା ସହ ଆସ୍ଥାନ ଗ୍ରହଣ କରିଥିଲେ। ବୁଧବାର ଦିନତମାମ ଠାକୁରଙ୍କୁ ଯଥାରୀତି ପୂଜାର୍ଚ୍ଚନା ଓ ଭୋଗ ଲାଗି ହେବା ସହ ଯଜ୍ଞକାର୍ଯ୍ୟ ହୋଇଥିଲା। ଅପରାହ୍ନରେ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଲୁଙ୍କେଶ୍ୱର ଦେବ ଓ କଳିଯୁଗେଶ୍ୱର ଦେବ ପଡ଼ିଆରେ ବିଜେ କରିବା ପରେ ବାଣପୁରର ଅଧିଷ୍ଠାତ୍ରୀ ମା’ ଭଗବତୀଙ୍କ ଆଜ୍ଞାମାଳ ସହ ରଘୁନାଥପୁର ଗ୍ରାମର ଗୁପ୍ତେଶ୍ୱର ଦେବ, ଶିଙ୍ଗେଶ୍ୱର ଗ୍ରାମର ଶିଙ୍ଗିନାଥ ଦେବ ଏବଂ କୁଞ୍ଜବିହାରୀ ଦେବ, ପାଇକକୁଶ ଗ୍ରାମର ଲକ୍ଷ୍ମୀନାରାୟଣ ଦେବ ଓ ରାଧାମୋହନ ଦେବ, ପ୍ରାଣଦେଈପୁର ଗୋପୀନାଥ ଦେବ, ଖଣ୍ଡୁଆଳକୋଟର ଜଳେଶ୍ୱର ଦେବ, ଧୂଆଁଳ ଗୋପାଳଜୀଉ ଦେବ, ଦାମୋଦରପୁର ଦଧିବାମନ ଦେବ, ସାମନ୍ତସିଂହାରପୁର ବୃନ୍ଦାବନ ଚନ୍ଦ୍ର ଦେବ, ରାହାଣବେଲି ଗ୍ରାମର ସୋମନାଥ ଦେବ ଆଦି ଠାକୁରମାନେ ମେଳଣ ପର୍ବରେ ସାମିଲ ହୋଇଥିଲେ। ହରିବୋଲ, ହୁଳହୁଳି, ଘଣ୍ଟ କାହାଳି ସହ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ମେଳଣ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାମ ନାଟକ ପରିବେଷଣ କରାଯାଇଥିଲା। ମେଳଣ ସରିବା ପରେ ସମସ୍ତ ଠାକୁର ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ଶିଖରପଦର ଗ୍ରାମବାସୀ ଓ ସପ୍ତଦୋଳ କମିଟିର ମିଳିତ ସହଯୋଗରେ ଏହି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ ହୋଇଥିଲା। ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏଥିସହ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା।

## ସରିଲା ଶିମୋର ପଞ୍ଚଦୋଳ

**ବାଘମାରୀ,୧୧।୩ (ମିହିର ରଞ୍ଜନ ମହାପାତ୍ର)**

ସିମୋର ଗ୍ରାମସ୍ଥିତ ମେଳଣ ପଡିଆରେ ତିନିଦିନ ଧରି ଚାଲିଥିବା ପଞ୍ଚଦୋଳ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଛି। ୧୨ ଗ୍ରାମର ୩୨ଟି ଦୋଳ ବିମାନରେ ଠାକୁରମାନେ ରବିବାର ବିଳମ୍ବିତ ରାତିରେ ଆସି ଆସ୍ଥାନରେ ଉପବେଶନ କରିଥିଲେ। ପ୍ରତ୍ୟହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଥିଲା। ବୁଧବାର ଅପରାହ୍ନରେ ଭୋଗ ଲାଗି କରାଯାଇଥିଲା। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ଖେଳ ହୋଇଥିଲା। ପରେ ଦୋଳମଣ୍ଡପ ଚାରିପଟେ ବିମାନଗୁଡିକ ବୁଲି ସ୍ୱଗ୍ରାମ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିସହ ୩ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହାର ମୁଖ୍ୟ ଆୟୋଜକ ପଣ୍ଡିତ ଜନାର୍ଦ୍ଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବେଦଜ୍ଞ ବ୍ରାହ୍ମଣମାନଙ୍କ ମନ୍ତ୍ରପାଠ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ବସ୍ତ୍ରଦାନ କରାଯାଇଥିଲା। ମନୋରଞ୍ଜନ ପାଇଁ ଅପେରା ପାର୍ଟି ନାଟକ ପରିବେଷଣ କରିଥିଲା। କମିଟି ସଭାପତି ମହେନ୍ଦ୍ର ଜେନା, ସମ୍ପାଦକ ଶିବ ପ୍ରସାଦ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରମୋଦ ସାହୁ, ଶ୍ରୀଧର ବେହେରା, ବସନ୍ତ ଜେନା, ଉପେନ୍ଦ୍ର ବେହେରା, ସୁରଥ ସାହୁ, ଗଙ୍ଗାଧର ଭୋଳ, ସୁରେନ୍ଦ୍ର ଭୋଳ, ଜଗନ୍ନାଥ ମିଶ୍ର, ଇନ୍ଦ୍ରଜିତ ଭୋଳ, ତୁଷାରକାନ୍ତ ମହାନ୍ତି, କେଶବ ପ୍ରଧାନ, ଅଜିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମା’ ଉଗ୍ରତାରାଙ୍କ ହୁଣ୍ଡିରୁ ୧୦.୪୧ ଲକ୍ଷ ମିଳିଲା



ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଉଛି।

**ଟାଙ୍ଗୀ/ନିରାକାରପୁର,୧୧।୩ (ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ମୂଳିଝରଗଡ଼ସ୍ଥିତ ମା’ ଉଗ୍ରତାରାଙ୍କ ହୁଣ୍ଡି ବୁଧବାର ଖୋଲାଯାଇଛି। ଏଥିରୁ ମୋଟ ୧୦ ଲକ୍ଷ ୪୧ ହଜାର ୬୨୦ ଟଙ୍କା ମିଳିଛି। ସୂଚନା ମୁତାବକ, ମା’ ଉଗ୍ରତାରାଙ୍କଠାରୁ ଆଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ମଧ୍ୟରେ ହୁଣ୍ଡିକୁ ନିଆଯାଇ ମନ୍ଦିର ପ୍ରଶାସନର କାର୍ଯ୍ୟାଳୟ ପରିସରରେ ଖୋଲାଯାଇଥିଲା। ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ, ଟାଙ୍ଗୀ ବ୍ଲକ କର୍ମଚାରୀ ନିତ୍ୟାନନ୍ଦ ବେହେରା, ମନ୍ଦିର ଟ୍ରଷ୍ଟର କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ସାନରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟଙ୍କ ସହ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଉପସ୍ଥିତିରେ ଗଣତି କରାଯାଇଥିଲା। ମୋଟ ୧୦,୪୧, ୬୨୦ ଟଙ୍କା ମିଳିଛି। ଦାନ ସୂତ୍ରରେ ମିଳିଥିବା ଉକ୍ତ ଟଙ୍କାକୁ ମା’ଙ୍କ ନାମରେ ଥିବା ଜମାଖାତାରେ ରଖାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବରିଷ୍ଠ ନାଗରିକଙ୍କୁ ଠେଙ୍ଗାରେ ଆକ୍ରମଣ

**ଖୋର୍ଦ୍ଧା,୧୧।୩ (ପ୍ରଭାତ ପାଣିଗ୍ରାହୀ)**

ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ନିଆଳ ଗ୍ରାମ ଛକରେ ଗତ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କୁ ମଦ ପିଇବାକୁ ଟଙ୍କା ନ ଦେବାରୁ ଗୁରୁଜଙ୍ଗ ଅଞ୍ଚଳର ବରିଷ୍ଠ ନାଗରିକ ଲକ୍ଷ୍ମୀଧର ସାହୁଙ୍କୁ ମାଡ଼ ମାରିବା ସହ ଠେଙ୍ଗାରେ ମୁଣ୍ଡକୁ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ଏନେଇ ତାଙ୍କ ପୁଅ ଜିତେନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ଲକ୍ଷ୍ମୀଧର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କୌଣସି କାମରେ ନିଆଳ ଯାଇଥିଲେ। ଗ୍ରାମଛକରେ ଛିଡ଼ା ହୋଇଥିବା ବେଳେ ଉକ୍ତ ଗ୍ରାମର ଉପରସାହିର ଦିପୁ ତାଙ୍କ ନିକଟକୁ ଆସି ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ଲକ୍ଷ୍ମୀଧର ଟଙ୍କା ଦେବାକୁ ମନା କରିବାରୁ ସମ୍ପୃକ୍ତ ଯୁବକ ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ଚାପୁଡ଼ା, ଗୋଇଠା ମାରିଥିଲେ। ପ୍ରତିବାଦ କରିବାରୁ ରାସ୍ତାରେ ପଡ଼ିଥିବା ଏକ ଠେଙ୍ଗାରେ ଲକ୍ଷ୍ମୀଧରଙ୍କୁ ଆକ୍ରମଣ କରିବା ସହ ମୁଣ୍ଡକୁ ପିଟି ଦେଇଥିଲେ। ଏପରିକି ଲକ୍ଷ୍ମୀଧରଙ୍କ ବେକରୁ ଦିପୁ ସୁନାଚେନ୍ ଛିଡ଼ାଇ ନେବାସହ ପୋଲିସକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

## ପ୍ରଗତି ପଥରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଖୋର୍ଦ୍ଧା,୧୧।୩ (ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଉପାଧ୍ୟକ୍ଷା ପୂର୍ଣ୍ଣିମା ନାୟକ ସଭାପତିତ୍ୱ କରିଥିଲେ। ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ଡ. ପ୍ରମୋଦ କୁମାର ସାମଲ, ଡ. ସୌମେନ୍ଦ୍ର ମିଶ୍ର, ଡ. ଅସୀମା ଶତପଥୀ, ଡ. ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଗଠନମୂଳକ ସମାଜ, ପ୍ରଗତି ପଥରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଆଦର୍ଶ ପରିବାର, ସମାଜ ଏବଂ ରାଷ୍ଟ୍ର ଗଠନର ପରିକଳ୍ପନା କେବଳ ମହିଳାଙ୍କ ଦ୍ୱାରା ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟାପକ ସୁବୋଧ ଜଗଦ୍ଦେବ, ଅଧ୍ୟାପିକା ଇନ୍ଦିରା ନନ୍ଦ, ଅଧ୍ୟାପିକା ତୃପ୍ତିରେଖା ପଣ୍ଡା, ବାମଦେବ ମିଶ୍ର ସଂଯୋଜନା କରିଥିବା ବେଳେ ସ୍ୱାତୀ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ହରିରାଜପୁର ମେଳଣରେ ରାଜ୍ୟସ୍ତରୀୟ କବିତା ଆସର



ଅତିଥିମାନେ ବାର୍ଷିକ ମୁଖପତ୍ର ‘ପଞ୍ଚଦୋଳ ପ୍ରସଙ୍ଗ’ ଉନ୍ମୋଚନ କରୁଛନ୍ତି।

**ଜଟଣୀ,୧୧।୩ (ରବୀନ୍ଦ୍ରନାଥ ମହାକୁଡ଼)**

ପଶ୍ଚିମାଶସ୍ତୁ ଯୁବ ସଙ୍ଗଠନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଗତ ମଙ୍ଗଳବାର ହରିରାଜପୁର ପଞ୍ଚଦୋଳ ମେଳଣ ପଡ଼ିଆର ପିତାପାଣିଆ ମଞ୍ଚରେ ରାଜ୍ୟସ୍ତରୀୟ କବିତା ଆସର ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଭିକାରୀ ଧଳଙ୍କ ସଭାପତିତ୍ୱରେ ସାହିତ୍ୟ ସଭା ହୋଇଥିଲା। ମୁଖ୍ୟ ଅତିଥି ଲେଖକ ଡ. ଅରବିନ୍ଦ ରାୟ, ସମ୍ମାନିତ ଅତିଥିଭାବେ ଲେଖକ ଅଜୟ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ, ସ୍ତମ୍ଭକାର ଅର୍ଜ୍ଜୁନ ଘଡ଼ାଇ, ପ୍ରାବନ୍ଧିକ ରଘୁନାଥ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି, ପଶ୍ଚିମାଶସ୍ତୁ ଯୁବ ସଙ୍ଗଠନର ସମ୍ପାଦକ ବାସୁଦେବ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯେକୌଣସି ଲେଖା ଲେଖିବା ପୂର୍ବରୁ ଏକାଧିକ ବହି ପଢ଼ିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ରାୟ କହିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର ‘ପଞ୍ଚଦୋଳ ପ୍ରସଙ୍ଗ’ ଉନ୍ମୋଚନ ହୋଇଥିଲା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସେନାପତି, ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ପାଟଯୋଶୀ, ଇଂ. ଦେବାଶିଷ ପାତ୍ର, ବିଭୂତି ଭୂଷଣ ସ୍ୱାଇଁ, କରୁଣାକର ପ୍ରଧାନଙ୍କୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା କବି, ଲେଖକମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତ୍ୟେକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କବି ବିପିନ ବେହେରା ଏବଂ ଡ. ରଜନୀ ରଣସିଂହ କବିତା ଆସର ସଂଯୋଜନା କରିଥିଲେ। ମେଳଣ ପରିଚାଳନା କମିଟିର ସଦସ୍ୟ ବିଜୟ ଜେନା ଓ ମାନସ ମଙ୍ଗରାଜଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଚିତ୍ରା ବେହେରା, ନିଶ୍ୱସ୍ମିତା ପ୍ରିୟଦର୍ଶିନୀ, ସନ୍ତୋଷ ମହାପାତ୍ର ସଭା ପରିଚାଳନାରେ ସହଯୋଗ କରିଥିଲେ। ନରେନ୍ଦ୍ର କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ‘ମହିଳା ନିଜ ଅଧିକାର ଜାଣନ୍ତୁ’

**ଖୋର୍ଦ୍ଧା,୧୧।୩ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ତାଲୁକା ଆଇନସେବା କମିଟି ଆନୁକୂଲ୍ୟରେ କୋର୍ଟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲାଜଜ୍ ରଞ୍ଜୁଲତା ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ସବ୍‌ଜଜ୍ ରାକେଶ ରୋଶନନନ୍ଦ, ସିଭିଲଜଜ୍ ଜୁନିୟର ଡିଭିଜନ ଶ୍ରୀପନ୍ନା ମହାପାତ୍ର, ଡେପୁଟି କଲେକ୍ଟର ରଞ୍ଜନ ମହାନ୍ତି, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ବରିଷ୍ଠ ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ଶିକ୍ଷୟିତ୍ରୀ ସୁହାସିନୀ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ମହିଳାଙ୍କ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା। ଆଇନଜୀବୀ ଆରତି ପଟ୍ଟନାୟକ, ପୁଷ୍ପାଞ୍ଜଳି ବଡଜେନା, ସ୍ମିତା ମିଶ୍ର, ମମତା ମହାନ୍ତି, ସସ୍ମିତା ଛୋଟରାୟ, ଚିନ୍ମୟୀ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି କବିତା ମାଧ୍ୟମରେ ମହିଳା ଦିବସର ବିଶେଷତା ସମ୍ପର୍କରେ କହିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇଥିଲେ।

## ଜମି ଦେବା ଆଳରେ ୨୬.୫୦ ଲକ୍ଷ ଠକେଇ

**ବାରଙ୍ଗ,୧୧।୩(ଲିଙ୍ଗରାଜ ରାଉତ)**

ଜମି ଦେବାକୁ କହି ୨୬ଲକ୍ଷ ୫୦ହଜାର ଟଙ୍କା ଠକିନେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ବୁଧବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ରାକେଶ ଧଳ (୩୫) ଏବଂ ସୌମ୍ୟ ରଞ୍ଜନ ରାଉତ। ସୌମ୍ୟ ଉକ୍ତ ଥାନା ଅଧୀନ ରଘୁନାଥପୁର ସୋମୁ କଟେଜରେ ରହୁଥିବା ବେଳେ ରାକେଶ ନନ୍ଦନ ଭିଲ୍ଲାରେ ରହି ଜମି ଦଲାଲ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ଜନ୍ମେଜୟ ରାଉତ ରଘୁନାଥପୁରରେ ପରିବାର ସହ ରହୁଥିଲେ। ଉକ୍ତ ଅଞ୍ଚଳରେ ଅଭିଯୁକ୍ତ ରାକେଶଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଏହି ସୁଯୋଗରେ ରାକେଶ ତାଙ୍କୁ ଜମି କିଣାଇଦେବାକୁ କହିଥିଲେ। ୨୦୨୩ ମସିହାରେ ଜମି କିଣିବାକୁ ରାଜିହୋଇ ଚୁକ୍ତିନାମା କରି କିସ୍ତିରେ ପ୍ରଥମେ ୨ଲକ୍ଷ ୩୫ ହଜାର ଟଙ୍କା ଓ ପରେ ୨୧ଲକ୍ଷ ଟଙ୍କା ଜନ୍ମେଜୟ ଦେଇଥିଲେ। ଏହାର କିଛିଦିନ ପରେ ସୌମ୍ୟଙ୍କୁ ଜମି ମାଲିକ ଦର୍ଶାଇ ୩ଲକ୍ଷ ୧୫ହଜାର ଟଙ୍କା ହାତେଇଥିଲେ। ଏଭଳି ମୋଟ୍ ୨୬ଲକ୍ଷ ୫୦ହଜାର ଟଙ୍କା ଦେବା ପରେ ମଧ୍ୟ ଜମି ଦେଇ ନ ଥିଲେ। ତେବେ ଜନ୍ମେଜୟଙ୍କ ସନ୍ଦେହ ହେବାରୁ ଜମି ଆବଶ୍ୟକ ନାହିଁ, ଦେଇଥିବା ଟଙ୍କା ଫେରାଇବାକୁ ରାକେଶଙ୍କୁ କହିଥିଲେ। ଏହାପରେ ରାକେଶ ଏବଂ ତାର ସାଥୀ ସୌମ୍ୟ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଜନ୍ମେଜୟଙ୍କ ଅଭିଯୋଗକ୍ରମେ ନନ୍ଦନକାନନ ଥାନା ପୋଲିସ ଏକ ମାମଲା (ନଂ.୯୬/୨୬)ରୁଜୁ କରିବା ସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସମାଜରେ ମହିଳାଙ୍କ ପ୍ରତିବଦ୍ଧତା ଜରୁରୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଇନର୍‌ହ୍ୱିଲ କ୍ଲବ୍ ଖୋର୍ଦ୍ଧା ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ସଭାନେତ୍ରୀ ମିନତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦିକା ପ୍ରଜ୍ଞା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ବି. ସୁଭର୍ଥା ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ମହିଳାମାନେ ଆତ୍ମନିର୍ଭର ହେବା ସହ ନିଜ ଅଧିକାର, ଦାୟିତ୍ୱ ପ୍ରତିସଚେତନ ହୁଅନ୍ତୁ। ମହିଳାମାନେ ଶିକ୍ଷା, ସାହିତ୍ୟ, କ୍ରୀଡ଼ା, ପ୍ରଶାସନିକ, ରାଜନୈତିକ କ୍ଷେତ୍ରରେ ବେଶ୍ ପାରଦର୍ଶିତା ଅର୍ଜନ କରିଛନ୍ତି। ଉତ୍ତମ ସମାଜ ଗଠନ ପାଇଁ ମହିଳାଙ୍କ ପ୍ରତିବଦ୍ଧତା ଜରୁରୀ ବୋଲି କହିଥିଲେ। ଶିକ୍ଷାବିତ୍ ପୂର୍ବତନ ପ୍ରଫେସର ମନ୍ଦିରା ଦେ, କବିତା ପଟ୍ଟନାୟକ, ଜ୍ୟୋତ୍ସ୍ନା ପଟ୍ଟନାୟକ, ସଙ୍ଗୀତା ସାମନ୍ତ ପ୍ରମୁଖ କବିତା ପାଠ କରିଥିଲେ। ଶ୍ରଦ୍ଧା ପଟ୍ଟନାୟକ, ଅଞ୍ଜଳି ଦାସ, ଭାରତୀ ମିଶ୍ର, ଏସ୍. ମିଶ୍ର, ସୁକାନ୍ତି ପଟ୍ଟନାୟକ, ରଶ୍ମୀ ମିଶ୍ର ସଂଯୋଜନା କରିଥିବା ବେଳେ ସ୍ୱୟଂପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସଚେତନତା କାର୍ଯ୍ୟକ୍ରମ

**କଳାପଥର,୧୧।୩ (ଗଙ୍ଗାଧର ସାହୁ)**

ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନନ୍ଦା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁଶାନ୍ତ କୁମାର ବଡୁ, ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟକ୍ରମ ଅଧିକାରୀ ସୁଶୀଲ କୁମାର ରାଉତ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିମାଇଁ ଚରଣ ସାହୁ, ଆର୍ଥିକ ସାକ୍ଷରତା ବିଭାଗୀୟ ଅଧିକାରୀ ବିକାଶ କୁମାର ମହାନ୍ତି, ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍ୟୋଗ ସ୍ଥାପନ କରି ଆତ୍ମନିର୍ଭର ହେବା ପାଇଁ ପରାମର୍ଶ ଦେଇଥିଲେ। ମାଣ୍ଡିଆ ଚୁନା, ଆରିସା ପିଠା, ଇଟା ପ୍ରସ୍ତୁତ, ଡ୍ରେସ ପ୍ରସ୍ତୁତି, ଆଇସକ୍ରିମ ଫ୍ୟାକ୍ଟ୍ରି ଚୁଡ଼ାକଳ, ମସଲା, ଧୂପ କାଠି, କଣ୍ଢେଇ ତିଆରି ଆଦି କ୍ଷୁଦ୍ର ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ଲାଭବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସାମାଜିକକର୍ମୀ ଭାଗୀରଥି ଦାଶଙ୍କ ଦ୍ୱାରା ପରିଚାଳିତ ସଚେତନତା କାର୍ଯ୍ୟକ୍ରମରେ ବହୁ ଉଦ୍ୟୋଗୀ, ମହିଳା ମଣ୍ଡଳ ପ୍ରତିନିଧି ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ମାଳୁଦ ପଞ୍ଚଦୋଳ ପଡ଼ିଆରେ ପାଇକ ଆଖଡ଼ା ପ୍ରଦର୍ଶିତ

**କୃଷ୍ଣପ୍ରସାଦ,୧୧।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ୍ ମାଳୁଦ ପଞ୍ଚଦୋଳ ଯାତ୍ରାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାଇକ ଆଖଡ଼ା ପ୍ରଦର୍ଶନୀ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୧ ତାରିଖରେ ଉଦ୍‌ଯାପନ ହୋଇଯାଇଛି। ଓଁ ବାବା ଆଖଣ୍ଡଳେଶ୍ୱର ପାଇକଆଖଡ଼ା ସଂଘ ଆନୁକୂଲ୍ୟରେ ପାରମ୍ପରିକ ସମରକଳା କ୍ରୀଡ଼ା କୌଶଳ ପ୍ରଦର୍ଶନୀ ଉତ୍ସବ ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୦ରୁ ଊର୍ଦ୍ଧ୍ୱ ପାଇକଆଖଡ଼ା ଦଳ ପ୍ରଦର୍ଶନ କରୁଛନ୍ତି। ଗତ ମଙ୍ଗଳବାର ଅନୁଷ୍ଠିତ ସଭାରେ ସଂଘର ସଭାପତି ଯୋଗେନ୍ଦ୍ର ବଇରୀଗଞ୍ଜନ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁକାନ୍ତ ବିଶ୍ୱାଳ, ବିଦ୍ୟାଧର ପଲାଇ, ଅତିଥିଭାବେ ସୀମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ମା’ମଙ୍ଗଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଡବ୍ଲ୍ୟୁ ଏକାଡେମୀ କଡ଼ବ ଚାମ୍ପିୟନ

**ବୋଲଗଡ଼,୧୧।୩ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ରାସୋଳ ଗ୍ରାମର ମା’ବାଉତି ଖେଳପଡ଼ିଆରେ ଚାଲିଥିବା ମା’ମଙ୍ଗଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କଡ଼ବର ଡବ୍ଲ୍ୟୁ ଏକାଡେମୀ ଟିମ୍ ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ କାଳଚୁଆପାଟଣା ଏବଂ ଡବ୍ଲ୍ୟୁ ଏକାଡେମୀ କଡ଼ବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ତେବେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ କେହି କାହାରିକୁଗୋଲଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୩ ଗୋଲରେ ଡବ୍ଲ୍ୟୁ ଏକାଡେମୀ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ରେଫରି ଭାବେ ଏମ୍.ଏସ୍.ବେଗ ପରିଚାଳନା କରିଥିବା ବେଳେ ଲାଇନ୍ସର ରେଫରି ଲକ୍ଷ୍ମୀଧର ଚୌଧୁରୀ ଏବଂ ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ। ରିଜର୍ଭ ରେଫରି ରବୀନ୍ଦ୍ର ଖଟାଇ ଉପସ୍ଥିତ ଥିବା ବେଳେ ମ୍ୟାଚ କମିଶନର ଭାବେ ମନୋଜ ନିଶଙ୍କ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ସାମାଜିକକର୍ମୀ ଅର୍ଜ୍ଜୁନ ପଟ୍ଟନାୟକ, ପବିତ୍ର ସାହୁ, ସତ୍ୟନାରାୟଣ ବାରିକ, ଶିକ୍ଷକ ଗଙ୍ଗାଧର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୪ହଜାର ଟଙ୍କା ଏବଂ ରନର୍ସଅପପ୍ ଟିମ୍‌କୁ ଟ୍ରଫି ସହ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଅନ୍ୟ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମୀନକେତନ ଜୟସିଂହ, ବିଜୟ ସୁବୁଦ୍ଧି ଓ ଆକାଶ ନାୟକ ସହଯୋଗ କରିଥିବା ବେଳେ ରାସୋଳ ଗ୍ରାମର ଯୁବକମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୩।୨୦୨୬

| | |
|---|---|
| ୬,୮୪,୨୧୮ ଟଙ୍କା | |
| ସୁନା | ୩ ଗ୍ରାମ୍ |
| ରୁପା | ୮୯.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଜଙ୍କିଆ ମେଳଣରେ ୨ ଯୁବଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

କଣାସ,୧୧।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଜଙ୍କିଆ ମେଳଣ ପଡ଼ିଆରେ ପଞ୍ଚଦୋଳ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗୋଲରା ଏବଂ ଚୁପୁରିଙ୍ଗ ଗ୍ରାମର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗଣ୍ଡଗୋଳରେ ଚୁପୁରିଙ୍ଗ ଗ୍ରାମର ୨ ଯୁବକ ଗୁରୁତର ହୋଇ ପ୍ରଥମେ କଣାସ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଚୁପୁରିଙ୍ଗ ଗ୍ରାମ ପକ୍ଷରୁ କଣାସ ଥାନାରେ ଏତଲା ଦିଆଯିବା ପରେ କଣାସ ଥାନାରେ ନଂ.୬୮/୨୬ରେ ଏକ ମାମଲା ରୁଜୁ କରାଯାଇ ଗୋଲରା ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଆସାମୀମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

### ବାଇକ୍‌କୁ ପିଟିଲା କାର୍, ଜଣେ ମୃତ

କଣାସ,୧୧।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଅଣ୍ଡାଳସିଂହ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍‌କୁ କାର୍ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୃତକ ସତ୍ୟବାଦୀ ମଧୁବନ ଅଞ୍ଚଳର ନାରାୟଣ ସାହୁ। ସୂଚନାଯୋଗ୍ୟ, ନାରାୟଣ ଓ ଅନ୍ୟଜଣେ ବାଇକ୍ ନଂ. (ଓଡି-୧୩-ୟୁ-୯୪୦୭) ରେ ଆସୁଥିବା ବେଳେ ଗୋଟିଏ ନାଲି ରଙ୍ଗର କାର୍ ନଂ.(ଓଡି-୦୨-ବିଜେ-୧୩୬୮) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ନାରାୟଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଯୁବକ ଗୁରୁତର ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ କଣାସ ପୋଲିସ ପହଞ୍ଚି କାରକୁ ଜବତ କରି ତଦନ୍ତ ଚଳାଇଛି।

### ଗଛରେ ଝୁଲି ପଡ଼ିଲେ ବୃଦ୍ଧ

ଗୋପ,୧୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ବୀରଚୁଙ୍ଗ ଗ୍ରାମର ଜଣେ ବୃଦ୍ଧ ଘର ନିକଟ ଏକ ଗଛରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଝୁଲିପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ବୀରଚୁଙ୍ଗ ଗ୍ରାମର ବସନ୍ତ ଦାସ (୭୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିତଦନ୍ତ କରୁଥିବା ବେଳେ ଥାନାରେ ୫।୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି। ପ୍ରକାଶ ଯେ, ବୃଦ୍ଧ ଜଣଙ୍କର କିଛିଦିନ ହେବ ମାନସିକ ସ୍ଥିତି ଭଲ ନ ଥିବା ଜଣାପଡ଼ିଛି। ମଙ୍ଗଳବାର ରାତ୍ରରେ କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ବୁଧବାର ସ୍ଥାନୀୟ ଅଞ୍ଚଳ ଲୋକେ ଜାଣିବାକୁ ପାଇଥିଲେ। ଖବର ଜଣାପଡ଼ିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି।

### ତୁଳସୀପୁର ଡାକଘର ବାରଣ୍ଡା ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

ଚାରିଛକ,୧୧।୩(ଶିଶିର କୁମାର ସ୍ୱାଇଁ)

ଚାରିଛକ ଛକ ନିକଟସ୍ଥ ତୁଳସୀପୁର ଶାଖା ଡାକଘର ବାରଣ୍ଡା ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ। ଦୈନିକ ସନ୍ଧ୍ୟା ହେଲେ ମଦୁଆମାନେ ଏଠାରେ ମଦ ପିଇବା ସହ ଖାଲି ବୋତଲ, ପାଣି ବୋତଲ ସମେତ ନିଶାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପକାଇ ଦେଇ ପଳାଉଛନ୍ତି। ଫଳରେ ଏଠାକାର ପରିବେଶ ପ୍ରଦୂଷଣ ହେଉଛି। ଡାକଘରକୁ ଆସୁଥିବା ଲୋକମାନେ ଏହାଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସନ୍ଧ୍ୟା ହେଲେ ସେଠାରେ ମଦୁଆଙ୍କ ଉପଦ୍ରବ ଯୋଗୁ ଉକ୍ତ ରାସ୍ତାଦେଇ ବିଭିନ୍ନ ଗ୍ରାମର ଲୋକମାନେ ଯାତାୟାତ କରିବାକୁ ଉଚିତ ମନେ କରୁନାହାନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

## ନୀତି ସମନ୍ୱୟ କମିଟି ବୈଠକ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)



ବୈଠକରେ ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡା, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ଅନ୍ୟମାନେ ।

ସଅଳ ବାହାରିବ ମହାପ୍ରସାଦ। ଶୃଙ୍ଖଳିତ ହେବ ନୀତି। ଦର୍ଶନ ପାଇଁ ଲମ୍ବା ପ୍ରତୀକ୍ଷା କରି ହନ୍ତସନ୍ତ ହେବେନି ଲୋକେ। ନୀତି ଶୃଙ୍ଖଳା ଉପରେ ଫୋକସ। ବିଭ୍ରାଟ କଲେ ନିଆଯିବ ଆକ୍ସନ। ଶ୍ରୀମନ୍ଦିର ନୀତି ସବ୍‌କମିଟି ବୈଠକରେ ନୀତି ଶୃଙ୍ଖଳା ନେଇ ହୋଇଛି ମାନସ ମନ୍ଥନ। ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ ହୋଇପାରୁନି। ଅନେକ ସମୟରେ ବାଦବିବାଦ ପାଇଁ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଉଛି। ଏପରିକି ସେବାୟତଙ୍କ ଭିତରେ ବିବାଦ ହେଉ କିମ୍ବା ସେବାୟତ ଏବଂ ମନ୍ଦିର କର୍ମଚାରୀଙ୍କ ଭିତରେ ବିବାଦକୁ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଗତ ୨୮ରେ ବି ଏଭଳି ଏକ ବିବାଦ ଘଟିଥିଲା। ପ୍ରୋଟୋକଲ ଦର୍ଶନକୁ ନେଇ ସେବାୟତ ଏବଂ ଜେଟିପିଙ୍କ ମଧ୍ୟରେ ବିବାଦ ଯୋଗୁ ପ୍ରାୟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଠାକୁରଙ୍କ ନୀତିକାନ୍ତି ବନ୍ଦ କରିଦେଇଥିଲେ ସେବାୟତ। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ବୁଧବାର ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ନୀତି ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଯଦି ଠାକୁରଙ୍କ ନୀତିକାନ୍ତି ଠିକ୍ ରୁହେ ତେବେ ଅନ୍ୟସବୁ ବ୍ୟବସ୍ଥା ମଧ୍ୟ ଶୃଙ୍ଖଳିତ ହୋଇପାରିବ। ଯଦି ସମୟରେ ନୀତି ସମ୍ପନ୍ନ ହୁଏ ତେବେ ଭକ୍ତଙ୍କ ଦର୍ଶନ ଏବଂ ମହାପ୍ରସାଦ ମଧ୍ୟ ଠିକ୍ ଭାବେ ବାହାରିପାରିବ। ଫଳରେ ଶ୍ରଦ୍ଧାଳୁମାନେ ଭଲଭାବେ ଶ୍ରୀଜୀଉଙ୍କୁ ଦର୍ଶନ ସହ ମହାପ୍ରସାଦ ସେବନକରି ଆନନ୍ଦରେ ଫେରିପାରିବେ। ତେଣୁ ସମସ୍ତେ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଶ୍ରୀମନ୍ଦିରରେ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ସେଥିଲାଗି ଏକ ୩୫ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଅଧିକାରୀଙ୍କ ସମେତ ବିଭିନ୍ନ ନିଯୋଗର ସେବାୟତ, ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ଏଣିକି ପ୍ରତି ବୁଧବାର ଏହି କମିଟିରେ ବୈଠକ ବସି ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରି ଠିକ୍ ସମୟରେ ମହାପ୍ରସାଦ ପାଇବେ ତା' ଉପରେ ଆଲୋଚନା ସହ ଯୋଜନା ପ୍ରସ୍ତୁତ ହେବ। ସେହି ଯୋଜନା ୭ ଦିନ ଭିତରେ କେତେଦୂର କାର୍ଯ୍ୟକାରୀ ହୋଇଛି, ପର ବୈଠକରେ ତାହାର ତର୍ଜମା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଯେଉଁମାନେ ନୀତିକାନ୍ତିରେ ବିଶୃଙ୍ଖଳା ସୃଷ୍ଟି କରିବେ, ଠାକୁରଙ୍କ ନୀତି ବନ୍ଦ କରିଦେବେ ଏବଂ ଜାଣିଶୁଣି ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ କରିବେ ସେମାନଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଅମିତ ଦାସମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବେ ନୀତି ପ୍ରଶାସକ ଦାୟିତ୍ୱ ନେଇଥିବା ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ ଏବଂ ବିଭିନ୍ନ ନିଯୋଗର ସେବାୟତମାନେ ଉପସ୍ଥିତ ଥିଲେ।

# ଦିଲ୍ଲୀରୁ ଆସି ପୁରୀରେ ଚେନ୍ ଲୁଟ

## ସିରିଜ ଲୁଟ୍ ଯୋଜନା ପଣ୍ଡ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ମଙ୍ଗଳବାର ଦ୍ୱିପ୍ରହରରେ ମାଟିଆପଡ଼ାଠାରୁ ଗିରି ଗୋସ୍ୱାମୀ ମଠ ଆଡ଼କୁ ଯାଉଥିବା ଜଣେ ବୃଦ୍ଧାଙ୍କଠାରୁ ୨ ଦୁର୍ବୃତ୍ତ ଚେନ୍ ଝାମ୍ପିନେଇ ଫେରାର ହୋଇଥିଲେ। ୧୧୨କୁ କଲ୍ କରିବା ପରେ ସବୁ ପୋଲିସ ଷ୍ଟେଶନ ଜଣାଇବା ସହ ଗାଡ଼ିଟି ଭୁବନେଶ୍ୱର ହାଇୱେରେ ଯାଉଥିବା ଖବର ପାଇଥିଲେ। ପରେ ଫିଲ୍ମ ଷ୍ଟାଇଲରେ ଚେଜ୍ କରିଥିଲା ପୋଲିସ। ଶେଷରେ ଉଭୟଙ୍କୁ ପିପିଲି ପୂର୍ବରୁ କାବୁ କରିଥିଲା ପୋଲିସ। ଉଭୟ ଦିଲ୍ଲୀରେ ରହୁଥିଲେ। ଅନ୍ୟ ରାଜ୍ୟରେ ମଧ୍ୟ ଲୁଟ୍ କରୁଥିଲେ। ଟ୍ରେନ୍ ଯୋଗେ କେଟିଏମ୍ ବାଇକ୍‌କୁ ଆଣି ଭୁବନେଶ୍ୱରରେ ଏକ ହୋଟେଲରେ ଚେକ୍ ଇନ୍ କରିଥିଲେ ଉଭୟ। ଗାଡ଼ିର ନମ୍ବର ବଦଳାଇ ଲୋକାଲ ନମ୍ବରଯୁକ୍ତ ପ୍ଲେଟ୍ ଲଗାଇଥିଲେ। ଭୁବନେଶ୍ୱରରେ ରହି କିଛିଦିନ ଲୁଟ୍ କରି ପୁଣି ଫେରିଯିବାକୁ ଯୋଜନା କରିଥିଲେ। ପୁରୀ ଆସି ରଚିଥିଲେ କାଣ୍ଡ। ଉଭୟଙ୍କଠାରୁ ପୋଲିସ ଦିଲ୍ଲୀ ରେଜିଷ୍ଟ୍ରେଶନଯୁକ୍ତ ଗାଡ଼ି, ବାଇକ୍ ଚାବି ଏବଂ ୨ଟି ସୁନାଚେନ୍ ଜବତ କରିଛି। ଚେନ ଛଡ଼ାଇନେବା ସମୟରେ ଜଣେ ବୃଦ୍ଧଙ୍କୁ ଦୁର୍ଘଟଣା ମଧ୍ୟ କରିଥିବା ନେଇ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି। ସେହିପରି ଉଭୟ ଚଲାଉଥିବା ଗାଡ଼ି ମଧ୍ୟ ଚୋରି ଗାଡ଼ି ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

# ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ପାଇଁ ଦାବି




ସଂଘର ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଉଛି।

## ସିନିୟର ସିଟିଜେନ ଫୋରମ୍‌ର ସପ୍ତମ ବାର୍ଷିକ ସମ୍ମିଳନୀ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ସଂସ୍କୃତି ଭବନଠାରେ ପୁରୀ ଜିଲା ସିନିୟର ସିଟିଜେନ୍ ଫୋରମ୍‌ର ସପ୍ତମ ବାର୍ଷିକ ସମ୍ମିଳନୀ ଜିଲା ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିନିୟର ସିଟିଜେନ୍ ଫୋରମ୍‌ର ରାଜ୍ୟ ସମ୍ପାଦକ ଯୁଗଳ କିଶୋର ସାହୁ, ମୂତ୍ରରୋଗ ବିଶେଷଜ୍ଞ ଡା. ଆଦିତ୍ୟ ମହାପାତ୍ର, ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଟହଲି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ସମ୍ମିଳନୀରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କ ଯାତ୍ରା ପାଇଁ ଯେଉଁ ରେଲ୍‌ୱେ ରିହାତି ମିଳୁଥିଲା ତାହା କରୋନା ସମୟଠାରୁ ବନ୍ଦ ରହିଛି। ଏହାକୁ ପୁନଃପ୍ରଚଳନ ପାଇଁ ଦାବି କରାଯାଇଛି। ସରକାର ବାହାର ଜିଲାର ବରିଷ୍ଠ ନାଗରିକଙ୍କ ପାଇଁ ଯୋଜନା କରି ପରିବହନ, ଖାଦ୍ୟ ଓ ପାନୀୟ ଦେଇ ପୁରୀ ଶ୍ରୀମନ୍ଦିରରେ ସୁରକ୍ଷିତ ସୁବିଧା ଜଗନ୍ନାଥ ଦର୍ଶନ କରାଉଥିବା ବେଳେ ଜିଲାର ବରିଷ୍ଠ ନାଗରିକମାନେ ଏହି ସୁବିଧାରୁ ବଞ୍ଚିତ। ଜିଲାର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସୁବିଧାରେ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଶୀଘ୍ର ବ୍ୟବସ୍ଥା କରିବା ଲାଗି ସମ୍ମିଳନୀରେ ଦାବି କରାଯାଇଥିଲା। ଏହି ଅବସରରେ ଫୋରମ୍‌ର ସ୍ୱତନ୍ତ୍ର ପୁସ୍ତିକା 'ଅସ୍ତରାଗ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଗୋସେବକ ସୁଜିତ କୁମାର ଦେଓ, ଚିନ୍ମୟୀ ଦେଓ, ସୁରେନ୍ଦ୍ର କୁମାର ସାହୁ, ହୃଷୀକେଶ ତ୍ରିପାଠୀ, ଫଟୋ ସାମ୍ବାଦିକ ଯଜ୍ଞେଶ୍ୱର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଦେବେନ୍ଦ୍ର କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ସନ୍ତୋଷ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଯୋଗଗୁରୁ ମନମୋହନ ମହାପାତ୍ର ଯୋଗ ପ୍ରଦର୍ଶନ କରିଥିଲେ। କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫେବୃଆରୀ ଅପରାଧ ସମୀକ୍ଷା ବୈଠକ



ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ।

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଦ୍ୱାରା ଫେବୃଆରୀ -୨୦୨୬ ମାସିକ ଅପରାଧ ସମୀକ୍ଷା ବୈଠକ ବୁଧବାର ପୁରୀ ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବିଭିନ୍ନ ଥାନାର ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ତଦନ୍ତ ପ୍ରଗତି, ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରାଯାଇଥିଲା। ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକଙ୍କ ସହିତ ସମସ୍ତ ସବ୍‌ଡିଭିଜନର ଅଧିକାରୀ, ଥାନାଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଏସ୍‌ପି ସିଂ ଜିଲାରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ତଦନ୍ତର ଗୁଣତ୍ୱ ବଢ଼ାଇବା, ସମୟରେ ଚାର୍ଜଶିଟ ଦାଖଲ କରିବା ଓ କୋର୍ଟ ମାମଲାକୁ ଦୃଢ଼ ଭାବେ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱାସ ଗଢ଼ି ଉଠିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଆଧୁନିକ ପୋଲିସିଂ ପ୍ରଣାଳୀକୁ ଆହୁରି ସକ୍ରିୟ କରିବା ପାଇଁ ସିସିଟିଭି ମନିଟରିଂ, ସାଇବର ଟୁଲ୍, ଡିଜିଟାଲ ତଦନ୍ତ ପ୍ରଣାଳୀ ଓ ଡାଟା ବିଶ୍ଳେଷଣର ବ୍ୟବହାରକୁ ବଢ଼ାଇବାକୁ କୁହାଯାଇଥିଲା। ଏଥିସହ ଜରୁରୀ ସେବା ୧୧୨କୁ ଶୀଘ୍ର ସେବା ଦେବା, କମ୍ୟୁନିଟି ପୋଲିସିଂକୁ ଆହୁରି ଶକ୍ତିଶାଳୀ କରିବା ଓ ପୋଲିସ କର୍ମଚାରୀଙ୍କ କଲ୍ୟାଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷରେ ଏସ୍‌ପି ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରି ଜିଲାରେ ଆଇନ ଶୃଙ୍ଖଳାକୁ ଆହୁରି ଶକ୍ତିଶାଳୀ କରିବା ସହିତ ସୁରକ୍ଷିତ ଓ ଅପରାଧମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ କରିଥିଲେ।

# ସମାଜ ସଂସ୍କାର ପାଇଁ ରୁଚିକର ଯାତ୍ରା ଆବଶ୍ୟକତା

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ଆଜି ଯାତ୍ରାର ଅରୁଚିକର ନୃତ୍ୟ, ଦୃଶ୍ୟ ଓ ସଂଳାପ ସମାଜକୁ କଳୁଷିତ କରୁଛି। ହେଲେ ବାଟ ହୁଡୁଥିବା ସମାଜରେ ସଂସ୍କାର ଆଣିବା ପାଇଁ ରୁଚିକର ଯାତ୍ରା ଆବଶ୍ୟକତା ବୋଲି ସଙ୍ଗୀତ ସଂଯୋଜକ ବଦ୍ରି ମିଶ୍ର କହିଛନ୍ତି। ଖଡ଼ିପଦା ମେଳଣ ଅବସରରେ ମା' ଜାଗେଶ୍ୱରୀ ଯୁବକ ସଂଘ ଓ ଖଡ଼ିପଦା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଯାତ୍ରା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗେଦଇ ମିଶ୍ର ଖଡ଼ିପଦା ଗ୍ରାମବାସୀ ଓ ଯୁବକ ସଂଘ ସହ ଯାତ୍ରା ମହୋତ୍ସବର ନେତୃତ୍ୱ ନେଉଥିବା ଓଡ଼ିଶାର ବିଶିଷ୍ଟ ଅଭିନେତା ଦିବାକର ପାତ୍ରଙ୍କ ପ୍ରୟାସର ପ୍ରଶଂସା କରିଥିଲେ। ପୁରୀ ବ୍ଲକ୍ ଚେୟାରମ୍ୟାନ ଦିବାକର ପାତ୍ରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷା, ସଦର ଥାନାଧିକାରୀ ସୁନୀଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ମାମିନା ଦାସ, ପ୍ରସନ୍ନ ମିଶ୍ର, ସରପଞ୍ଚ ମୀନା କୁମାରୀ ସାହୁ, ଗାଁ ସଭାପତି ଦେବେନ୍ଦ୍ର ମହାନ୍ତି, କ୍ଲବ ସଭାପତି ସୋମନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଚଳିତ ବର୍ଷ ଶ୍ରେଷ୍ଠ ନାଟକ ରଙ୍ଗମହଲ ଗଣନାଟ୍ୟର 'କଟି କଟି ଡବଲ କଟି'କୁ ମଞ୍ଚସ୍ଥ କରିଥିଲେ ଖଡ଼ିପଦାର କଳାକାରମାନେ। ବିଶିଷ୍ଟ ସଂଗଠକ ପୀତବାସ ନାୟକ, ବାଲୁଙ୍କେଶ୍ୱର ସାହୁ ଓ କ୍ଲବ୍‌ର ଯୁବପିଢ଼ି ବୃନ୍ଦ ଏହି ଯାତ୍ରା ପରିଚାଳନା କରିଥିଲେ।

# ବିଶ୍ୱହିନ୍ଦୁ ପରିଷଦ ପୁରୀ ଜିଲା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ବିଶ୍ୱହିନ୍ଦୁ ପରିଷଦ ପୁରୀ ଜିଲା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରିଷଦର ପୁରୀ ଜିଲା ସଭାପତି ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହୋଟେଲ ଅତିଥି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ଓଡ଼ିଶା ପୂର୍ବପ୍ରାନ୍ତ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ଏବଂ ବଜରଙ୍ଗଦଳ ସଂଯୋଜକ ପ୍ରଭାତଭୂଷଣ ତ୍ରିପାଠୀ ପ୍ରାନ୍ତ ପ୍ରତିନିଧି ଭାବେ ଉପସ୍ଥିତ ଥିଲେ। ବୈଠକରେ ପୁରୀ ଜିଲାର ନୂତନ ଉପସଭାପତି ଭାବେ ଚିତ୍ତରଞ୍ଜନ ଆଚାର୍ଯ୍ୟ ଓ ଶାନ୍ତିଲତା ନାୟକ, ସହସମ୍ପାଦକ ଗୌରବ କର ଓ ବିଭୂତି ସାମନ୍ତରାୟ, ପ୍ରଚାରପ୍ରସାର ପ୍ରମୁଖ ନାରାୟଣ ଦାଶ, ଧର୍ମଯାତ୍ରା ମହାସଂଘ ପ୍ରମୁଖ ସୋମନାଥ ମହାପାତ୍ର, ବଜରଙ୍ଗ ଦଳ ସଂଯୋଜକ ଶାନ୍ତନୁ କୁମାର ପାଣ୍ଡେ, ସହସଂଯୋଜକ ଗଣେଶ ଚନ୍ଦ୍ର ମହାପାତ୍ର, ସୁରକ୍ଷା ପ୍ରମୁଖ ଦିଲ୍ଲୀପ କୁମାର ବୈଶାକ୍, ଦୁର୍ଗାବାହିନୀ ସଂଯୋଜିକା ରୋଶନୀ ପାଢ଼ୀ, ଧର୍ମପ୍ରଚାର ପ୍ରମୁଖ ପ୍ରମୋଦ କୁମାର ପ୍ରଧାନ ଏବଂ ସତ୍‌ସଙ୍ଗ ପ୍ରମୁଖ ଜୟକୃଷ୍ଣ ମୁଦ୍ରାଙ୍କ ନାମକୁ ପ୍ରାନ୍ତ ସମ୍ପାଦକ ଆଚାର୍ଯ୍ୟ ଘୋଷଣା କରିଥିଲେ। ପରେ ପରେ ସଭାପତି ମହାପାତ୍ର ସନାତନ ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ଧାମ ଶ୍ରୀକ୍ଷେତ୍ର ବା ପୁରୀନଗରର ନୂତନ ସଭାପତି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ନାମକୁ ଘୋଷଣା କରାଯାଇଛି। ପୁରୀନଗରରେ ୧୦ଟି ବସତିର ସମ୍ପାଦକ, ସହସମ୍ପାଦକ ଓ ବଜରଙ୍ଗ ଦଳର ସଂଯୋଜକଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ନିଜନିଜ ଅଞ୍ଚଳରେ ଜନସମ୍ପର୍କ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କ ସହ ମୁଖ୍ୟ ପ୍ରଶାସକଙ୍କ ଆଲୋଚନା

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)



ଏଏସ୍‌ଆଇର ମହାନିର୍ଦ୍ଦେଶକ ଡ. ଯଦୁବୀର୍ ସିଂ ରାଓ୍ୱତ୍‌ଙ୍କୁ ମୁଖ୍ୟ ପ୍ରଶାସକ ସମ୍ବର୍ଦ୍ଧିତ କରୁଛନ୍ତି ।

ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କ ସହ ଶ୍ରୀମନ୍ଦିରର ବିଭିନ୍ନ ସଂରକ୍ଷଣ କାର୍ଯ୍ୟନେଇ ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ଦିଲ୍ଲୀ ଗସ୍ତ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଏଏସ୍‌ଆଇର ମହାନିର୍ଦ୍ଦେଶକ ଡ. ଯଦୁବୀର୍ ସିଂ ରାଓ୍ୱତ୍‌ଙ୍କ ସହ ଭେଟି ଆଲୋଚନା କରିଛନ୍ତି। ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଡ. ପାଢ଼ୀ ଶ୍ରୀମନ୍ଦିର ଭୋଗ ମଣ୍ଡପର ତୁରନ୍ତ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ଏଏସ୍‌ଆଇକୁ ଅନୁରୋଧ କରିଥିଲେ। ସେହିପରି ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଜଗମୋହନର ବାହ୍ୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ଲୁହାବିମ୍‌ଗୁଡ଼ିକର ଦୃଢ଼ତା ଓ ସ୍ଥିରତା ଯାଞ୍ଚ ପାଇଁ ଏକ ପ୍ରଯୁକ୍ତି ଦଳ ପଠାଇବାକୁ ମଧ୍ୟ ଅନୁରୋଧ କରିଥିଲେ। ବୈଠକରେ ମନ୍ଦିରର ହେରିଟେଜ୍ ଇଲୁମିନେଶନ ପ୍ରକଳ୍ପ ସହିତ ମୁଖ୍ୟ ମନ୍ଦିର ଗଠନର ବାହ୍ୟ ପୃଷ୍ଠଭାଗର ଜଏଣ୍ଟ ସିଲିଂ ଏବଂ କେମିକାଲ ଟ୍ରିଟ୍‌ମେଣ୍ଟ ସହ ଅନ୍ୟାନ୍ୟ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟରେ ତାହାର ଗଠନାତ୍ମକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏଏସ୍‌ଆଇର ପ୍ରୟାସ ଓ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କୃତଜ୍ଞତା ଜଣାଇଛନ୍ତି।

# ୨ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ହିନ୍ଦୁ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାରେ ହିନ୍ଦୁଧର୍ମର ପ୍ରାସଙ୍ଗିକତା' ଶୀର୍ଷକ ୨ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସତ୍ରରେ ପରିସରର ନିର୍ଦ୍ଦେଶକଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ୍ ଓ ଅତିଥିମାନେ ଯୋଗଦେଇ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ, ରାଷ୍ଟ୍ରଗୀତ ଓ କୁଳଗୀତ ଗାନ କରାଯାଇଥିଲା। ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହିନ୍ଦୁ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡ. ସନ୍ଦୀପ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଡ. ଦୁର୍ଗାପ୍ରସାଦ ଦାଶଶର୍ମା, ପ୍ରଫେସର ଖଗେଶ୍ୱର ମିଶ୍ର ଯୋଗଦେଇ ଥିବାବେଳେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦେଶ କୁମାର ଶର୍ମା ଏବଂ ସାରସ୍ୱତ ଅତିଥି ଭାବେ ଡ. ଚକ୍ରଧର ମେହେର ଯୋଗଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଡ. ସିଦ୍ଧାର୍ଥ ଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ହିନ୍ଦୁ ଦର୍ଶନରେ ବିଶ୍ୱ ମାନବବାଦ, ଧର୍ମ ଓ ସାମାଜିକ ସଦ୍‌ଭାବନା ଏବଂ ଆନ୍ତଃଧର୍ମୀୟ ସଂଳାପ ଭଳି ବିଭିନ୍ନ ଉପ-ବିଷୟବସ୍ତୁ ଉପରେ ଦେଶ ବିଦେଶର ଗବେଷକ ଓ ବିଦ୍ୱାନମାନେ ନିଜର ପ୍ରବନ୍ଧ ଉପସ୍ଥାପନ କରିବେ। ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

# ହରିନାମରେ କମ୍ପିଲା ପଶ୍ଚିମାଶମ୍ଭୁଙ୍କ ମେଳଣ ପଡ଼ିଆ

## ଗୁରୁବାର ଗୋଧୂଳି ଲଗ୍ନରେ ହେବ ହରିହର ଭେଟ

ଡେଲାଙ୍ଗ,୧୧।୩ (ରଶ୍ମିରଞ୍ଜନ ପ୍ରଧାନ)



ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଆଳତି କରାଯାଉଛି ।

ହରିରାଜପୁର ମେଳଣର ୪ର୍ଥ ଦିବସ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣ ପଡ଼ିଆ ହରିନାମରେ କମ୍ପିଥିଲା। ଶ୍ରୀଜଗନ୍ନାଥ ନାମସଂକୀର୍ତ୍ତନ, ଓଡ଼ିଶା ପକ୍ଷରୁ ଖୋର୍ଦ୍ଧା, ପୁରୀ ସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ମୃଦଙ୍ଗ, ରାଣୀହାଟି, ଝାଁ ବାଦ୍ୟ ସହିତ ହରେ ରାମ ହରେ କୃଷ୍ଣରେ ମେଳଣପଡ଼ିଆ କମ୍ପିଥିଲା। ଏହି ହରିହାଟ ସମାବେଶରେ ମେଳଣ କମିଟି ସମ୍ପାଦକ ପ୍ରସନ୍ନ ମହାରଥି, ଜିଲା ପରିଷଦ ପ୍ରସନ୍ନ ସାହୁ, ବାସନ୍ତୀ ସାହୁ, ନିରୁପମା ପାତ୍ର, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

ଶେଷ ସନ୍ଧ୍ୟାଆଳତି ବୁଧବାର ଅନୁଷ୍ଠିତ ହୋଇଛି। ଆଳତି ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟା ଆଳତି ଦର୍ଶନ କଲେ ଅନେକ ପାପରୁ ମୁକ୍ତି ମିଳିବା ସହିତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଆଳତି ପରେ ଖୁଣ୍ଟିଲାଗି ଠାକୁରଙ୍କୁ ରଙ୍ଗ ବେରଙ୍ଗର ଫଗୁ ଅର୍ପଣ କରିବା ସହ ଆଳତି ସମୟରେ ଭକ୍ତମାନେ ହସ୍ତଯୋଡ଼ି ଠାକୁରଙ୍କ ଆଳତି ଦର୍ଶନ କରିଥିଲେ। ଗୁରୁବାର ଦିଅଁ ମେଳଣ ହେବାକୁ ଥିବାବେଳେ ମେଳଣପଡ଼ିଆରେ ବିଭିନ୍ନ ରଙ୍ଗର ଫଗୁ ଦୋକାନ ଖୋଲିଛି। ଦୋକାନୀଙ୍କଠାରୁ ଫଗୁ କିଣିନେଇ ଠାକୁରଙ୍କ ନିକଟରେ ଅର୍ପଣ କରିବା ପାଇଁ ଦୋକାନଗୁଡ଼ିକରେ ଭିଡ଼ ହୋଇଥିଲା। ଗୁରୁବାର ଅପରାହ୍ନରେ ଗୋଧୂଳି ଲଗ୍ନରେ ହରିହର ଭେଟ ଅନୁଷ୍ଠିତ ହେବ। ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ, ଅରାଗଡ଼ର ଶ୍ରୀ କୁଞ୍ଜେଶ୍ୱର ଦେବ, କୁସୁମାଟି ଶ୍ରୀଗଡେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଭିଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମୁକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ଅନୁଷ୍ଠିତ ହେବ।

# ହାଣ୍ଡିଶାଳକୁ ଏଲ୍‌ପିଜି ଚିନ୍ତା
# ଗ୍ୟାସ୍ ଏଜେନ୍ସିରେ ଗ୍ରାହକଙ୍କ ଗହଳି



ଝାରପଡ଼ାସ୍ଥିତ ବର୍ଷା ଏଣ୍ଟରପ୍ରାଜେସ୍‌ର ଭାରତ ଗ୍ୟାସ୍ ଡିପୋ କାର୍ଯ୍ୟାଳୟରେ ରନ୍ଧନ ଗ୍ୟାସ୍ ପାଇଁ ଲୋକଙ୍କ ଭିଡ଼।



ଖଣ୍ଡଗିରି ଲିଙ୍ଗରାଜ ଗ୍ୟାସ୍ ଏଜେନ୍ସିରେ ବୁକିଂ କରିଥିବା ଗ୍ରାହକମାନେ ଧାଡ଼ିରେ ରହି ଗ୍ୟାସ୍ ନେଉଛନ୍ତି।

**ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ହାଣ୍ଡିଶାଳ ଉପରେ ପଡିଛି। କିଛିଦିନ ତଳେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ିଥିବାବେଳେ ଆଗକୁ ଗ୍ୟାସ୍ ଅଭାବ ଆଶଙ୍କାକୁ ନେଇ ଲୋକଙ୍କ ମନରେ ଛନକା ପଶିଛି। ଗୋଟିଏ ପଟେ ଗ୍ୟାସ୍ ବୁକିଂ ଅବଧି ୨୫ ଦିନକୁ ବୃଦ୍ଧି ପାଇଥିବାବେଳେ ଅନ୍ୟପଟେ ବୁକିଂ ସତ୍ତ୍ୱେ ଠିକ୍ ସମୟରେ ହୋମ୍ ଡେଲିଭରି ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଗ୍ୟାସ୍ ଏଜେନ୍ସିରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ସକାଳ ନ ହେଉଣୁ ଗ୍ରାହକମାନେ ଗ୍ୟାସ୍ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ଏଭଳି ସ୍ଥିତିରେ ହାଣ୍ଡିଶାଳ ଚଳାଉଥିବା ଗୃହିଣୀ ଚିନ୍ତାରେ ପଡିଛନ୍ତି। ଯେଉଁମାନଙ୍କ ଘରେ ଗୋଟିଏ କିମ୍ବା ଦୁଇଟି ସିଲିଣ୍ଡର ସେମାନେ ଏବେ ବିକଳ୍ପ ଖୋଜିଲେଣି। ସହରରେ ରହୁଥିବା ପରିବାର ପାଇଁ କାଠ ଚୁଲି କାଠିକର ପାଠ ହୋଇଥିବାରୁ ସେମାନେ ଏବେ ଇଣ୍ଡକ୍ସନ ଚୁଲା କିଣିବାକୁ ଦୋକାନ ମୁହାଁ ହେଉଥିବା ଦେଖିବାକୁ ମିଳୁଛି।**

### ବୁକିଂର ୧୫ଦିନ ପରେ ବି ଗ୍ୟାସ୍ ମିଳୁନି



ଆଗରୁ ଗ୍ୟାସ୍ ବୁକିଂ କଲେ ୩/୪ ଭିତରେ ହୋମ୍ ଡେଲିଭରି ହେଉଥିଲା। ମାତ୍ର ଏବେ ବୁକିଂର ୧୫ଦିନ ପରେ ବି ଗ୍ୟାସ୍ ମିଳୁନି। ଗ୍ୟାସ୍ ମହଜୁଦ ଅଛି ବୋଲି ସରକାର କହୁଛନ୍ତି, ତେବେ ଗ୍ୟାସ୍ ମିଳୁନି କାହିଁକି। ସାଧାରଣ ଲୋକେ କିଭଳି ସୁବିଧାରେ ଗ୍ୟାସ୍ ପାଇବେ ସେ ନେଇ ସରକାର ବ୍ୟବସ୍ଥା କରିବା ଦରକାର।

**– ସୋନମ ବେହେରା, କର୍ମଜୀବୀ**



କାଠ ଚୁଲିରେ ରୋଷେଇ ସମ୍ଭବ ନୁହେଁ। ବିକଳ୍ପ ଭାବେ ଇଣ୍ଡକ୍ସନ ଚୂଲା କିଣିବା ପାଇଁ ନିଷ୍ପତ୍ତି ନେଇଛୁ। ଗ୍ୟାସ୍ ଦର ହଠାତ୍ ୬୦ଟଙ୍କା ବଢି ଯାଇଥିବାବେଳେ ଏବେ ବୁକିଂ କଲେ ବି ଠିକ୍ ସମୟରେ ଗ୍ୟାସ୍ ମିଳୁନି।

**–ଜୁଲି ବେହେରା, ଗୃହିଣୀ, ଭୁବନେଶ୍ୱର**

### ଗ୍ୟାସ୍ ନ ମିଳିଲେ ଭୋକରେ ରହିବାକୁ ପଡ଼ିବ



ଗତ ୭ଦିନ ତଳେ ଗ୍ୟାସ୍ ବୁକିଂ କରିଥିଲେ ମଧ୍ୟ ଏଯାଏ ଗ୍ୟାସ୍ ଆସି ନ ଥିଲା। ତେଣୁ ବୁଧବାର ସକାଳୁ ଏଜେନ୍ସି ଆଗରେ ଲାଇନ୍ ଦେଇ ଗ୍ୟାସ୍ ସିଲିଣ୍ଡର ଆଣିଲି। ଏଭଳି ଯୁଦ୍ଧ ସ୍ଥିତି ଲାଗି ରହିଲେ ଆଗକୁ ଗ୍ୟାସ୍ ମିଳିବନି ଏବଂ ଭୋକରେ ରହିବାକୁ ପଡିବ। ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

**–କମଳାକାନ୍ତ ବେହେରା, କର୍ମଜୀବୀ**

### ବିକଳ୍ପ ଭାବେ ଇଣ୍ଡକ୍ସନ ଚୁଲା କିଣିବାକୁ ପଡ଼ିବ

ଗ୍ୟାସ୍ ନ ଥିଲେ ରୋଷେଇ ହେବ କେମିତି। ମୋ ପରିବାର କେମିତି ଖାଇବେ। ଏବେ ମୋତେ ସେହି ଚିନ୍ତା ଘାରିଛି। ଦୁଇତିନି ପ୍ରକାର ତରକାରି ଜାଗାରେ ଗ୍ୟାସ୍ ବଞ୍ଚାଇବା ପାଇଁ ଗୋଟେ ତରକାରିରେ କାମ ଚଳାଇବାକୁ ପଡୁଛି। ଗାଁରେ ଥିଲେ ଚୁଲିରେ ରୋଷେଇ କରି ହୋଇଥାନ୍ତା। ମାତ୍ର ଭୁବନେଶ୍ୱରରେ

### ଡୋମେଷ୍ଟିକ୍ ଗ୍ୟାସ୍ ମହଜୁଦ୍ ଅଛି



କମର୍ସିଆଲ ଗ୍ୟାସ୍‌ରେ ଟିକେ ଅସୁବିଧା ହେଉଛି। ମାତ୍ର ଡୋମେଷ୍ଟିକ୍ ଗ୍ୟାସ୍‌ରେ କୌଣସି ସମସ୍ୟା ନାହିଁ। ଏଲ୍‌ପିଜି ଗ୍ୟାସ୍ ମହଜୁଦ ଅଛି, ଗ୍ୟାସ୍ ସପ୍ଲାଏ ଠିକ୍ ଅଛି। ପୂର୍ବପରି ଯେମିତି ଅର୍ଡର ଆସୁଥିଲା ସେମିତି ଆସୁଛି। ତେବେ ଲୋକମାନେ ଭୟଭୀତ ହୋଇ ଗ୍ୟାସ୍ କାଉଣ୍ଟର ଆଗରେ ଗହଳି ଲଗାଉଛନ୍ତି। ଗ୍ୟାସ୍ ବୁକ୍ କରିବା ପରେ ସାଙ୍ଗେସାଙ୍ଗେ ଦେବାକୁ ଜିଦ୍ କରି ବସୁଛନ୍ତି। ନ ଦେଲେ ଏଜେନ୍ସିକୁ ଆସି ଗହଳି କରୁଛନ୍ତି। ସିରିଏଲ୍ ଅନୁଯାୟୀ ଗ୍ୟାସ୍ ଦିଆଯିବ ବୋଲି କହିଲେ ବି ସ୍ଥାନୀୟ ଲୋକମାନେ କାଉଣ୍ଟର ଆଗରେ ଭିଡ଼ ଲଗାଇ ପାଟିତୁଣ୍ଡ କରୁଛନ୍ତି।

**–ଦେବରାଜ ନାୟକ, ଆକାଉଣ୍ଟାଣ୍ଟ, ବର୍ଷା ଏଣ୍ଟରପ୍ରାଇଜେସ୍ (ଭାରତ ଗ୍ୟାସ୍)**

## କାଠ, କୋଇଲା ଚୁଲା ଉପରୁ କଟକଣା ହଟାଇଲା ବିଏମ୍‌ସି

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ଅଞ୍ଚଳରେ କାଠ ଓ କୋଇଲା ଚୁଲାରେ ରୋଷେଇକୁ ନେଇ ରହିଥିବା କଟକଣାକୁ ବିଏମ୍‌ସି ପକ୍ଷରୁ ହଟାଇ ଦିଆଯାଇଛି। ବାୟୁ ପ୍ରଦୂଷଣ ରୋକିବାକୁ ସହରରେ କାଠ ଓ କୋଇଲା ଚୁଲା ବ୍ୟବହାରକୁ ନିଷେଧ କରାଯାଇଥିଲା। ଏପରିକି ଯେଉଁ ବ୍ୟବସାୟ ପ୍ରତିଷ୍ଠାନ ଏହା ବ୍ୟବହାର କରୁଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲା। ତେବେ ମଧ୍ୟପ୍ରାଚ୍ୟର ଯୁଦ୍ଧ ପ୍ରଭାବରେ ରନ୍ଧନ ଗ୍ୟାସ୍ ସଙ୍କଟ ଯୋଗୁ ରୋଷେଇଘରେ, ହୋଟେଲ, ରେଷ୍ଟୁରାଣ୍ଟରେ ଏହାର ପ୍ରଭାବ ପରିଲକ୍ଷିତ ହେଲାଣି। ସାଧାରଣ ଲୋକଙ୍କଠାରୁ ହୋଟେଲ ବ୍ୟବସାୟୀ ଏବଂ ଚା', ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନୀଙ୍କ ଚିନ୍ତା ବଢ଼ିଲାଣି। ଏ ପରିସ୍ଥିତିର ମୁକାବିଲା ପାଇଁ ବିକଳ୍ପ ସ୍ୱରୂପ ବିଏମ୍‌ସି ପକ୍ଷରୁ ରନ୍ଧନ ଗ୍ୟାସ୍‌କୁ ନେଇ ରହିଥିବା କଟକଣା ହଟାଯାଇଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟ ତଥା ଖାଦ୍ୟ ପ୍ରସ୍ତୁତକାରୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ସାମୟିକ ଭାବେ ବିକଳ୍ପ ଇନ୍ଧନ ଭାବେ ଏହାକୁ ବ୍ୟବହାର କରିପାରିବେ। ଯୁଦ୍ଧ ସ୍ଥିତି ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବାବେଳେ ଗ୍ୟାସ୍ ସଙ୍କଟ ଟଳିବା ପର୍ଯ୍ୟନ୍ତ ବ୍ୟବସାୟୀମାନେ କାଠ ଓ କୋଇଲା ଚୁଲା ବ୍ୟବହାର କରିପାରିବେ। ତେବେ ସ୍ଥିତି ସୁଧୁରିଲେ ପୁଣି ଥରେ ଏହା ଉପରେ କଟକଣା ଲାଗୁ କରାଯିବ ବୋଲି ମେୟର କହିଛନ୍ତି।

## ସତ୍ୟନଗର ଶ୍ମଶାନରେ ଗ୍ୟାସ୍ ଚୁଲାରେ ଶବଦାହ ବନ୍ଦ

ରାଜଧାନୀ ଭୁବନେଶ୍ୱରରେ ରନ୍ଧନ ଗ୍ୟାସ୍‌ର ସଙ୍କଟ ଦେଖା ଦେଇଥିବାବେଳେ ସତ୍ୟନଗର ଶ୍ମଶାନରେ ଶବଦାହ ପ୍ରଭାବିତ ହୋଇଛି। ଗ୍ୟାସ୍ ନ ଥିବାରୁ ଗତ ୫ଦିନ ହେବ ଗ୍ୟାସ୍‌ଚୁଲାରେ ଶବଦାହ ବନ୍ଦ ରହିଥିବା ସୂଚନା ଦିଆଯାଇଛି। ମାର୍ଚ୍ଚ ୫ରୁ ବିଏମ୍‌ସିକୁ ଗ୍ୟାସ୍ ସପ୍ଲାଏ ଏଜେନ୍ସି ଗ୍ୟାସ୍ ଦେଉନାହିଁ। ବିଏମ୍‌ସି ଅଧୀନରେ ୪ଟି ଗ୍ୟାସ୍ ଚୁଲା ଥିବା ଶ୍ମଶାନ ରହିଛି। ସେଥିମଧ୍ୟରୁ ୩ଟିରେ ଗେଲ୍ ଇଣ୍ଡିଆର ଗ୍ୟାସ୍ ସଂଯୋଗୀକରଣ ରହିଛି। ମାତ୍ର ସତ୍ୟନଗର ଶ୍ମଶାନରେ ଗେଲ୍ ଗ୍ୟାସ୍ ସଂଯୋଗୀକରଣ ହେଉନାହିଁ। ଶ୍ମଶାନରେ ସପ୍ତାହକୁ ୧୪ଟି ଗ୍ୟାସ୍ ଦରକାର ପଡୁଥିବାବେଳେ ସପ୍ତାହେ ହେବ ବିଏମ୍‌ସିକୁ ଏଜେନ୍ସି ଗ୍ୟାସ୍ ଦେଉନାହିଁ। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବା ସହ ପୂର୍ବଭଳି ସ୍ୱାଭାବିକ ଭାବେ ଗ୍ୟାସ୍ ଚୁଲାରେ ଶବଦାହ କରାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।




@ ହେନା



@ ଦୀପକ



@ ତପନ



@ ଗୁଡୁ



@ ପ୍ରଜ୍ଞାଦୀପ



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀରେ ହୋଟେଲ, ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ

ପୁରୀ ୧୧।୩ ( ଅଜିତ କୁମାର ମହାନ୍ତି)

କମର୍ସିଆଲ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ବାଧା ଉପୁଜିଥିବାରୁ ପୁରୀର ହୋଟେଲ ଏବଂ ପର୍ଯ୍ୟଟନ ଶିଳ୍ପ ବଡ଼ ସଙ୍କଟରେ ପଡ଼ିଛି। ରନ୍ଧନ ଗ୍ୟାସ୍ ଅଭାବରୁ ସହରର ଅନେକ ହୋଟେଲ ଓ ରେସ୍ତୋରାଁ ବନ୍ଦ ହେବାକୁ ଲାଗିଛି। ଯଦି ଏହି ସମସ୍ୟା ଶୀଘ୍ର ସମାଧାନ ନ ହୁଏ, ତେବେ ପୁରୀର ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଗୁରୁତର କ୍ଷତି ସହିବ ବୋଲି ହୋଟେଲ ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତିର ପ୍ରଭାବରେ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ବାଧା ଉପୁଜିଥିବା କୁହାଯାଉଛି। ଏହାର ସିଧାସଳଖ ପ୍ରଭାବ ପୁରୀର ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ଉପରେ ପଡ଼ିଛି। ସରକାର ପକ୍ଷରୁ କମର୍ସିଆଲ ଗ୍ୟାସ ଉପରେ କଟକଣା ଲଗାଇବା ପରେ ଅଧିକାଂଶ ହୋଟେଲ ଓ ରେସ୍ତୋରାଁ ଅସୁବିଧାରେ ପଡ଼ିଛନ୍ତି। ହୋଟେଲ ମାଲିକମାନଙ୍କ କହିବା ଅନୁସାରେ, ଯେଉଁ ହୋଟେଲରେ ଅଳ୍ପ ସିଲିଣ୍ଡର ମହଜୁତ ରହିଛି, ସେଗୁଡ଼ିକ ମଧ୍ୟ ଖୁବ୍ କମ୍ ଦିନରେ ଶେଷ ହୋଇଯିବ। ଏପରି ସ୍ଥିତିରେ ହୋଟେଲରେ ରହୁଥିବା ପର୍ଯ୍ୟଟକମାନଙ୍କୁ ଖାଦ୍ୟ କିପରି ଯୋଗାଇ ଦିଆଯିବ, ସେନେଇ ହୋଟେଲ ବ୍ୟବସାୟୀ ଚିନ୍ତାରେ ରହିଛନ୍ତି। ପୁରୀ ହୋଟେଲ ଆସୋସିଏଶନର ତଥ୍ୟ ଅନୁଯାୟୀ, ସହରରେ ଆସୋସିଏଶନ ଅଧୀନରେ ପ୍ରାୟ ୧୬୬ଟି ବଡ଼ ହୋଟେଲ ରହିଛି। ଲଜ୍, ଗେଷ୍ଟ ହାଉସ ଓ ହୋମ୍ ଷ୍ଟେକୁ ମିଶାଇଲେ ପ୍ରାୟ ୧ହଜାରରୁ ଅଧିକ ଆତିଥ୍ୟ ସଂସ୍ଥା ଏଲ୍‌ପିଜି ଗ୍ୟାସ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାରେ ରହିବା ସହ ହୋଟେଲ ରେସ୍ତୋରାଁରେ ଖାଦ୍ୟ ଗ୍ରହଣ କରନ୍ତି। ଏବେ ଗ୍ୟାସ୍ ଯୋଗାଣରେ ବାଧା ହୋଇଥିବା କାରଣରୁ କାଠରେ ରୋଷେଇ ପାଇଁ କେତେକ ହୋଟେଲରେ ପ୍ରସ୍ତୁତି ଚାଲିଥିବା ଜାଣିବାକୁ ମିଳିଛି।

### ଖାଦ୍ୟ ମେନୁ ବଦଳିଲା, କାଠରେ ରୋଷେଇ ପାଇଁ ପ୍ରସ୍ତୁତି

ହୋଟେଲିୟର ଭବେଶ ନାୟକ କହିଛନ୍ତି, ହୋଟେଲକୁ ଗତ ଚାରି ଦିନ ଧରି ଏଲ୍‌ପିଜି ସିଲିଣ୍ଡର ମିଳିନାହିଁ। ଏହି କାରଣରୁ ୨ ଦିନ ହେଲା ରେସ୍ତୋରାଁ ବନ୍ଦ କରିବାକୁ ପଡ଼ିଛି। ହୋଟେଲରେ ପର୍ଯ୍ୟଟକ ରହୁଥିବାବେଳେ ଗ୍ୟାସ ନ ଥିଲେ ଖାଦ୍ୟ ଯୋଗାଣ କିପରି କରାଯିବ ବୋଲି ଚିନ୍ତା ବ୍ୟକ୍ତ କରିଛନ୍ତି ଭବେଶ। ଅନ୍ୟ ଜଣେ ହୋଟେଲିୟର ଦେବାଶିଷ କୁମାର କହିଛନ୍ତି, ଗ୍ୟାସ ସଙ୍କଟ ଯୋଗୁ ହୋଟେଲରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବା ସମ୍ଭବ ହେଉନାହିଁ। ତେଣୁ ଅତିଥିଙ୍କୁ ସୀମିତ ମେନୁ ଦେବାକୁ ପଡୁଛି। ଏଭଳି ସ୍ଥିତି ଲାଗି ରହିଲେ ପର୍ଯ୍ୟଟକମାନେ ପୁରୀକୁ ଆସିବାରୁ ବିରତ ହେବେ ଏବଂ ପର୍ଯ୍ୟଟନ ଶିଳ୍ପ ଗୁରୁତର କ୍ଷତିଗ୍ରସ୍ତ ହେବ। ଏପଟେ ପୁରୀ ମୋଚିସାହି ଛକରେ ଥିବା ଇଣ୍ଡେନ ଗ୍ୟାସ୍ ବିତରକ ଗୌରବ ପାଣୋରିଆ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କମର୍ସିଆଲ ଗ୍ୟାସ ଯୋଗାଣ ବନ୍ଦ ରହିଛି। ତଥାପି ମେଡିକାଲ, ସ୍କୁଲ ଓ କଲେଜ ଭଳି ଜରୁରିକାଳୀନ ସେବାକୁ ଗ୍ୟାସ୍ ଯୋଗାଣ ଜାରି ରହିଛି। ତେବେ ଘରୋଇ ଗ୍ରାହକମାନେ ଭୟଭୀତ ହେବାର ଆବଶ୍ୟକତା ନାହିଁ, ଘରୋଇ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ପୂର୍ବଭଳି ଚାଲିଛି ବୋଲି ପାଣୋରିଆ କହିଛନ୍ତି।



ଗ୍ୟାସ୍ ଓ ତେଲ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଅଭିନବ ବିକ୍ଷୋଭ।

## ଏଲ୍‌ପିଜି ଦରବୃଦ୍ଧି ଯୋଗୁ ହାଣ୍ଡିଶାଳରେ ଚଡ଼କ: ବିଜେଡି

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ଏଲ୍‌ପିଜି ସିଲିଣ୍ଡର, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏଥିରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ ଏହି ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଭାଜପା ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ ଦେଇ ବିଜେଡି ରାସ୍ତା ଉପରେ କାଠଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲା। ମାର୍ଚ୍ଚ ୭ରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର୍ ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି। ଏଲପିଜି ଯୋଗାଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ରାଜ୍ୟରେ ବିଶାଳ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

## ତୁରନ୍ତ ପଦକ୍ଷେପ ନିଆଯାଉଥିବା ଦର୍ଶାଇଲେ ଏଜି

### ଓଏଚ୍‌ଆର୍‌ସି ଅଧ୍ୟକ୍ଷଙ୍କ ସମେତ କର୍ମଚାରୀ ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

କଟକ, ୧୧।୩(କାର୍ତ୍ତିକ ସାହୁ)

ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଓଡ଼ିଶା ମାନବାଧିକାର କମିଶନରେ ଖାଲି ପଡ଼ିଥିବା ଅଧ୍ୟକ୍ଷ, ସଦସ୍ୟ, ସଚିବ, ତଦନ୍ତ ନିର୍ଦ୍ଦେଶକ ଓ କର୍ମଚାରୀ ନିଯୁକ୍ତି ପାଇଁ ଆଇନଜୀବୀ ଓ ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ବୁଧବାର ହୋଇଛି। ଆଡଭୋକେଟ ଜେନେରାଲ(ଏଜି) ହାଜର ହୋଇ କିଛି ଗୋପନୀୟ ଦସ୍ତାବିଜ ଦେଖାଇଥିଲେ, ଯାହା ସୂଚାଇଛି ଯେ ସରକାରଙ୍କ ଦ୍ୱାରା କିଛି ତୁରନ୍ତ ପଦକ୍ଷେପ ନିଆଯାଉଛି। ତେଣୁ ଖଣ୍ଡପୀଠ ଆସନ୍ତା ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ମାନବାଧିକାର ସୁରକ୍ଷା ଅଧିନିୟମ ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ଦୁଇଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିଶନ ଗଠନ ହୋଇଛି। ଗତ ଫେବୃଆରୀ ୯ରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶ ତାଙ୍କ କାର୍ଯ୍ୟକାଳ ପୂରା କରିବା ହେତୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ କମିଶନ କାର୍ଯ୍ୟ କରୁଛି। ତେଣୁ ତୁରନ୍ତ ଖାଲିପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ମାମଲାରେ ପ୍ରାର୍ଥନା କରାଯାଇଛି। ପୁନଶ୍ଚ ଏହି କମିଶନର ପୂର୍ବତନ ସଚିବ ୩୧।୦୮।୨୦୨୩ରେ ଓ ପୂର୍ବତନ ତଦନ୍ତ ନିର୍ଦ୍ଦେଶକ ୩୧।୦୫।୨୦୨୪ରେ ଅବସର ନେଇଥିବାରୁ ଖାଲି ପଡ଼ିଥିବା ସଚିବ ଓ ତଦନ୍ତ ନିର୍ଦ୍ଦେଶକ ପଦ ପୂରଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ସେହିପରି କମିଶନରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନୁମୋଦିତ ପଦବୀରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ କମିଶନରେ ବର୍ତ୍ତମାନ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ିରହିଛି ଏବଂ କମିଶନ ଦକ୍ଷତାର ସହିତ କାର୍ଯ୍ୟ କରିବାକୁ ଉପରୋକ୍ତ ପଦ ପୂରଣ କରିବା ଅତ୍ୟନ୍ତ ଜରୁରୀ।

# ମହିଳା ଅପରାଧ ମାମଲା ସମାଧାନରେ ଓଡ଼ିଶା ଆଗରେ: ଡିଜିପି

## ନୂତନ ନ୍ୟାୟ ସଂହିତା କାର୍ଯ୍ୟକାରୀରେ ଓଡ଼ିଶା

ଭୁବନେଶ୍ୱର,୧୧।୩
(ରବିନାରାୟଣ ଜେନା)

ନୂତନ ନ୍ୟାୟ ସଂହିତା ୨୦୨୫ ଜୁଲାଇରେ ଦେଶରେ ଲାଗୁହେବା ପରେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜାତୀୟସ୍ତର ଅପେକ୍ଷା ଓଡ଼ିଶାର ହାର ଅଧିକ ରହିଛି। ୨୦୨୫ରେ ରାଜ୍ୟର ହାର ୭୮.୩ପ୍ରତିଶତ ରହିଥିଲା। ତେବେ ମହିଳା ଅପରାଧ ମାମଲା ସମାଧାନରେ ଓଡ଼ିଶା ଦେଶରେ ସର୍ବାଗ୍ରେ ରହିଛି। ଏ କ୍ଷେତ୍ରରେ ଓଡ଼ିଶାର ହାର ୯୩.୩୩% ରହିଛି ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ୍ ବାହାଦୁର ଖୁରାନିଆ କହିଛନ୍ତି।

ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ନ୍ୟାୟ ସଂହିତା ପ୍ରଦର୍ଶନୀ ଅବସରରେ ବୁଧବାର ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାବ ବିନିମୟ ଅବସରରେ ଡିଜିପି ଖୁରାନିଆ କହିଛନ୍ତି, ୧୦ ବର୍ଷରୁ କମ୍ ଦଣ୍ଡ ମାମଲା ଓଡ଼ିଶାରେ ୫୭.୦୭ପ୍ରତିଶତ ରହିଥିବାବେଳେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦଣ୍ଡବିଧାନ ମାମଲାରେ ରାଜ୍ୟର ହାର ୪୪.୦୪ପ୍ରତିଶତ ରହିଛି। ତେବେ ଦେଶରେ 'ଜିରୋ' ଏତଲା କାର୍ଯ୍ୟକାରୀ କ୍ଷେତ୍ରରେ ଓଡ଼ିଶାର ଭଲ ପ୍ରଦର୍ଶନ ରହିଛି। ପ୍ରଥମ ତ୍ରୈମାସରେ ୧୬୬ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ଡିଜିପି କହିଥିଲେ, 'ଜିରୋ' ଏତଲା ନିୟମ ଅନୁସାରେ ଦେଶର ଯେକୌଣସି ସ୍ଥାନରୁ ଏତଲା ହୋଇପାରିବ। ପ୍ରଥମେ ଏହା 'ଜିରୋ' ଏତଲା ଭାବେ ପଞ୍ଜୀକରଣ ହେବ। ଏତଲାର ଅନୁଧ୍ୟାନ ପରେ ଏହା ନମ୍ବରକୁ



ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ନ୍ୟାୟ ସଂହିତା ପ୍ରଦର୍ଶନୀ ଅବସରରେ ବୁଧବାର ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାବ ବିନିମୟ କରୁଛନ୍ତି ଡିଜିପି ଯୋଗେଶ୍ ବାହାଦୁର ଖୁରାନିଆ।

ପରିବର୍ତ୍ତନ ହେବ। ତେବେ ବାହାର ରାଜ୍ୟର ୫୨୭ଟି ଏତଲା ଏହି 'ଜିରୋ' ଏତଲା ବଳରେ ଇତିମଧ୍ୟରେ ପଞ୍ଜୀକରଣ ହୋଇଛି। ଏହାବାଦ୍ ଅନ୍‌ଲାଇନ ଜରିଆରେ ୧୫୭୩ ମାମଲା ରୁଜୁ ହୋଇଛି ବୋଲି ଡିଜିପି କହିଥିଲେ।

ଡିଜିପି ଆହୁରି କହିଥିଲେ, ରାଜ୍ୟରେ ଚାଲିଥିବା ନିଶାମୁକ୍ତି ଅଭିଯାନରେ ଅଦ୍ୟାବଧି ୬୨ ହଜାର ୬୮୧ ଏକର ଗଞ୍ଜେଇଚାଷ ନଷ୍ଟ କରାଯାଇଛି, ଯାହାକି ୨,୧୯୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେହିପରି ୪୨ କୋଟି ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଥିବାବେଳେ ୧୦ କୋଟି ଟଙ୍କାର କଫ ସିରପ୍ ଏବଂ ଅନ୍ୟାନ୍ୟ ମାଦକଦ୍ରବ୍ୟ ଜବତ ହୋଇଛି। ଏହି ଅବସରରେ ଡିଜିପି ନୂତନ ଆଇନ ବ୍ୟବସ୍ଥାରେ ପୀଡ଼ିତଙ୍କୁ ତ୍ୱରିତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବା ସହିତ ତଦନ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି ନିର୍ଭର ଓ ପ୍ରଭାବଶାଳୀ କରାଯାଇଛି ବୋଲି କହିଥିଲେ। ଏହାସହ ଫରେନ୍‌ସିକ୍ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଅବସରରେ ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଆପରାଧିକ ଆଇନରେ ତଦନ୍ତ ପ୍ରକ୍ରିୟା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ କୌଶଳ ପ୍ରୟୋଗ ଓ ଶୀଘ୍ର ନ୍ୟାୟ ପ୍ରଦାନ ସମ୍ପର୍କରେ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ସଚେତନ କରାଯାଇଥିଲା। କଳାକାରମାନେ ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରିଥିଲେ, ଯାହା ସମାଜର ସମସ୍ତ ବର୍ଗର ବ୍ୟକ୍ତିଙ୍କ ପାଇଁ ଶିକ୍ଷଣୀୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସହିତ ବିଭିନ୍ନ ଗଣମାଧ୍ୟମର ସମ୍ପାଦକ, ବାର୍ତ୍ତା ସମ୍ପାଦକ ଓ ବ୍ୟୁରୋ ଚିଫ୍ ଉପସ୍ଥିତ ଥିଲେ।

# ମଧ୍ୟପ୍ରାଚ୍ୟରେ ଅଟକିଥିବା ଓଡ଼ିଆଙ୍କ ଫେରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ସେଠାରେ ଅନେକ ଓଡ଼ିଆ ଅଟକି ରହିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁରକ୍ଷିତଭାବେ ସେଠାରୁ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଘଟଣା ଉପରେ ଟ୍ରାକ୍ ରଖିବା ସହ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଓ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଆ ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତୀଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ ଟେଲିଫୋନ ଆସିଛି। ଓଡ଼ିଶା ଏବଂ ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ଟୋଲ୍ ଫ୍ରି ନମ୍ବର ୧୮୦୦-



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

୧୧୮-୭୯୭ ଜାରି କରାଯାଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବି ଓ ବାହାରିନ୍‌ରେ ଥିବା ଓଡ଼ିଆ ଆସୋସିଏଶନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ସେଠାକାର ବାସ୍ତବ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ସୂଚନାଯୋଗ୍ୟ, ଦୁବାଇରେ ୩୫ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୯ଜଣ କେରଳର କୋଚି ଦେଇ ମାର୍ଚ୍ଚ ୭ରେ ଭୁବନେଶ୍ୱର ଫେରିଛନ୍ତି। ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ ଜରିଆରେ ୮ ତାରିଖରେ ଭୁବନେଶ୍ୱର ଫେରିଛନ୍ତି।

# ସବୁ ଜିଲାରେ ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ: ମନ୍ତ୍ରୀ

ଭୁବନେଶ୍ୱର,୧୧।୩ (ରବିନାରାୟଣ ଜେନା)

ରାଜ୍ୟର ସବୁ ଜିଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ହେବ ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ଉଦ୍ୟୋଗୀମାନଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ୍ ପ୍ରତିଶତ ସୁଧ ଛାଡ଼ ବ୍ୟବସ୍ଥା ଲାଗୁ କରାଯାଇଛି। ସେହିପରି ୨୫ ଲକ୍ଷରୁ ୧ କୋଟି ଟଙ୍କା ଋଣରେ ୭୫ପ୍ରତିଶତ, ୧ କୋଟିରୁ ୩ କୋଟି ପ୍ରକଳ୍ପରେ ୫୦% ଏବଂ ୩ରୁ ୫କୋଟି ମୂଲ୍ୟର ପ୍ରକଳ୍ପରେ ୨୫ପ୍ରତିଶତ ପର୍ଯ୍ୟନ୍ତ ସୁଧ ଛାଡ଼ କରାଯାଉଛି। 'ୱାନ୍ ଡିଷ୍ଟ୍ରିକ୍ଟ- ୱାନ୍ ପ୍ରଡକ୍ଟ' ବ୍ୟବସ୍ଥା ଲାଗୁ କରାଯାଇ ଯେଉଁ ଅଞ୍ଚଳରେ ଯେଉଁ ଉତ୍ପାଦ



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଅଧିକ ରହିଛି ତାକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଗଣ୍ଡମୁଣ୍ଡାରେ ୧୮୪ କୋଟି ଟଙ୍କାରେ 'ଏକତା ମହଲା' ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ କହିଥିଲେ, ପୂର୍ବ ସରକାର ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୬ ହଜାର କୋଟି ଟଙ୍କାର ଦ୍ରବ୍ୟ କିଣୁଥିଲେ। ଆମ ସରକାର ଆସିବା ପରେ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେମାନେ ସ୍ଥାନୀୟ ଉଦ୍ୟୋଗୀଙ୍କଠାରୁ ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ଉପକରଣ କିଣିବେ। ବିଜେଡି ସଦସ୍ୟ କଳିକେଶ ନାରାୟଣ ସିଂହଦେଓଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ପୂର୍ବ ସରକାର ପିଏମ୍-ବିଶ୍ୱକର୍ମା ଯୋଜନାରେ ମାତ୍ର ୧୮୦୦ ଜଣଙ୍କୁ ଯୋଡ଼ିଥିଲେ। କିନ୍ତୁ ଆମ ସରକାର ଆସିବା ପରେ ଏହି ଯୋଜନାରେ ୧ ଲକ୍ଷ ୫ ହଜାର ଲୋକଙ୍କୁ ଯୋଡ଼ିସାରିଛୁ। ଫଳରେ ଗ୍ରାମାଞ୍ଚଳରେ କୌଳିକ ବୃତ୍ତିର ପୁନରୁଦ୍ଧାର ହୋଇପାରିଛି। ସେହିପରି କଂଗ୍ରେସ ସଦସ୍ୟ ରାମଚନ୍ଦ୍ର କାଡାମ କୋରାପୁଟ ସେମିଳିଗୁଡାରେ ଏମ୍‌ଏସ୍‌ଏମ୍‌ଇ ହବ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତାହା କେବେ ହେବ ବୋଲି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି।

# ବ୍ଲକ୍ ଅଧ୍ୟକ୍ଷଙ୍କୁ ହସ୍ପିଟାଲରେ ଭେଟିଲେ ନବୀନ



ବ୍ଲକ ଅଧ୍ୟକ୍ଷଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ହସ୍ପିଟାଲରେ ଭେଟୁଛନ୍ତି।

## ■ ଏହି ଘଟଣାରେ ୫ ଗିରଫ, ୫ ଫେରାର
## ■ ସରକାର ରାଜ୍ୟ ସଭା ଘୋଡ଼ାବେପାରରେ ବ୍ୟସ୍ତ

ଶେରଗଡ଼,୧୧।୩
(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ମଙ୍ଗଳବାର ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ବିଜେଡି ସଭାପତି ନବୀନ ପଟ୍ଟନାୟକ ହସ୍ପିଟାଲରେ ପହଞ୍ଚି ବ୍ଲକ ଅଧ୍ୟକ୍ଷଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଡାକ୍ତରୀ ଟିମ୍‌ଙ୍କଠାରୁ ପଚାରି ବୁଝିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ତାଙ୍କ ନିର୍ବାଚନମଣ୍ଡଳୀର ଜଣେ ବ୍ଲକ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ ହୋଇଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିଷୟରେ ଏଥିରୁ ବୁଝିହେବ। ବିରୋଧୀ ଦଳ ନେତାଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଦୁର୍ଭାଗ୍ୟଜନକ। ମଧ୍ୟପ୍ରାଚ୍ୟ ଦେଶଗୁଡିକରେ ଫସିଥିବା ଓଡିଆ ଲୋକମାନଙ୍କୁ ଫେରାଇ ଆଣିବା କଥା ଚିନ୍ତା ନ କରି ରାଜ୍ୟର ଭାଜପା ସରକାର ରାଜ୍ୟସଭାରେ କିପରି ଘୋଡାବେପାର କରିହେବ ସେଥିପ୍ରତି ବିଶେଷ ଆଗ୍ରହ ଦେଖାଉଥିବା ନବୀନ କହିଛନ୍ତି। ଏହି ଘଟଣାରେ ବୁଧବାର ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଆସିକା ଜେଲ୍ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶୋଳସଲା ଗ୍ରାମର ଜିତେନ୍ଦ୍ର ମହାରଣା, ଶିବାନନ୍ଦ ଗୌଡ, କାହ୍ନା ବରାଡ, ରାଜା ବରାଡ ଓ କାହ୍ନା ବରାଡ। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷ ନାୟକ ମଙ୍ଗଳବାର ନିଜ ଚାମ୍ବରରେ କାର୍ଯ୍ୟରତ ଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ହଠାତ୍ ସନ୍ଧ୍ୟା ସାଢେ ୫ଟାରେ ସେଠାରେ ପହଞ୍ଚିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥାବାର୍ତ୍ତା ବେଳେ ସେମାନଙ୍କ ସହ ନାୟକଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ବ୍ଲକ ଅଧ୍ୟକ୍ଷ ନାୟକଙ୍କୁ ଅଚାନକ ଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ନଂ. ୮୧/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏତଲାରେ ୧୦ ଜଣଙ୍କ ନାମ ଥିବା ବେଳେ ୫ଜଣଙ୍କୁ ଗିରଫ କରାଯିବା ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଅନ୍ୟ ୫ ଜଣଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ବିଜେଡି କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ବିକାଶ କଥାରେ ବିରୋଧୀ-ଶାସକ ମୁହାଁମୁହିଁ

## ■ ପ୍ରଚାର, ମେଳା, ଭାଷଣରେ ସରକାରୀ ଦଳକୁ କେହି କାଟିପାରିବେନି: ପ୍ରମିଳା
## ■ ଯୁବକଙ୍କୁ ଆଜି ରୋଜଗାର, ମହିଳାଙ୍କୁ କମ୍ ଦାମ୍‌ରେ ଗ୍ୟାସ୍ ଦରକାର: ସୋଫିଆ
## ■ ସୁଭଦ୍ରା ତୁମମାନଙ୍କୁ ମାରିବ: ଦୁଷ୍ମନ୍ତ

ଭୁବନେଶ୍ୱର, ୧୧।୩ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ(ଡବ୍ଲ୍ୟୁ ଆଣ୍ଡ୍ ସିଡି) ଏବଂ ମିଶନ ଶକ୍ତି ବିଭାଗ ପ୍ରତି ଆନ୍ତରିକତା ନାହିଁ। ଏହି ବିଭାଗର ବଜେଟ ସମ୍ପର୍କିତ ବହିରେ ଯେମିତି ଓଲଟା ଛପା ଯାଇଛି ତାହା ହିଁ ଆନ୍ତରିକତା ଅଭାବର ପ୍ରମାଣ ଦେଉଛି। ଏ ବିଭାଗ ପ୍ରତି କାହାର ନିଘା ନାହିଁ। ଏପର୍ଯ୍ୟନ୍ତ ବିଭାଗ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଯେଉଁ ଅର୍ଥ ବରାଦ ହୋଇଥିଲା ସେଥିରୁ ଅଧା ଟଙ୍କା ସରକାର ଖର୍ଚ୍ଚ କରିପାରିନାହାନ୍ତି। ୧୯୯୩ ମସିହାରେ ବିଜୁ ପଟ୍ଟନାୟକ ନୂଆକରି ମହିଳା ଓ ଶିଶୁ ବିକାଶ ବିଭାଗ ଆରମ୍ଭ କରିଥିଲେ। ସେବେଠାରୁ ଏହି ବିଭାଗର ଉନ୍ନତି ହୋଇ ଚାଲିଥିଲା। ମାତ୍ର ଗତ ୨ ବର୍ଷ ହେଲା ଉକ୍ତ ବିଭାଗ ଉନ୍ନତି ପଥରୁ ତଳକୁ ଖସିଚାଲିଛି। ଏହି ବିଭାଗରେ ବିଜେଡି ସରକାର ସମୟରେ ଯାହା ହୋଇଥିଲା ତା'ପରେ ନୂଆ କିଛି ହୋଇନାହିଁ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ପ୍ରମିଳାଙ୍କ ଏଭଳି ମନ୍ତବ୍ୟ ପରେ ଶାସକ ଏବଂ ବିରୋଧୀ ବିଭାଗୀୟ ବିକାଶକୁ ନେଇ ମୁହାଁମୁହିଁ ହୋଇଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ଖର୍ଚ୍ଚଦାବି ଆଲୋଚନା ବେଳେ ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ପ୍ରବଳ କଥା କଟାକଟି ଦେଖିବାକୁ ମିଳିଛି। ଗୋଟିଏ ପରେ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ସରକାରୀ ଦଳକୁ ଟାର୍ଗେଟ କରିଥିବା ବେଳେ ଶାସକ ଦଳ ସଦସ୍ୟମାନେ ବିକାଶ ଦେଖି ବିରୋଧୀ ସହିପାରୁ ନାହାନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ଏହି ଅବସରରେ ପ୍ରମିଳା ଆହୁରି କହିଛନ୍ତି, ରାଜ୍ୟରେ ଏସ୍‌ଏଚ୍‌ଜି କିଏ ଆରମ୍ଭ କରିଥିଲା, ସତ କଥା ମାନନ୍ତୁ ସରକାର। ଅଙ୍ଗନୱାଡି କେନ୍ଦ୍ରରେ ଜଳଖିଆ ପାଇଁ ୧ ଟଙ୍କା ୨୪ ପଇସା ଦିଆଯାଉଛି। ଏତିକି ଟଙ୍କାରେ କି ପ୍ରକାର ଜଳଖିଆ ହେବ ସମସ୍ତେ ବୁଝୁଥିବେ। ମଧ୍ୟାହ୍ନଭୋଜନ ପାଇଁ ଜଣଙ୍କ ଲାଗି ସରକାର ୬ ଟଙ୍କା ୪୦ ପଇସା ଦେଉଛନ୍ତି। ଏ ସରକାର କେବଳ ପ୍ରଚାର, ମେଳା, ଭାଷଣ ଦେବାରେ ସବୁଠାରୁ ଆଗରେ। ଏସବୁଥିରେ ଏମାନଙ୍କୁ କେହି କାଟିପାରିବେନି ବୋଲି ପ୍ରମିଳା କହିଛନ୍ତି।

କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ ଆଲୋଚନାରେ ଭାଗନେଇ କହିଛନ୍ତି, ଏ ସରକାର ୨୦୩୬ ଏବଂ ୨୦୪୭ କଥା କହୁଛନ୍ତି। ଦୂରଦୃଷ୍ଟି ରଖିବା ଭଲ କଥା। ହେଲେ ଯୁବକମାନଙ୍କୁ ଏବେ ରୋଜଗାର ଦରକାର, ମହିଳାମାନଙ୍କୁ ଆଜି ରୋଷେଇ ଘରେ କମ୍ ଦାମ୍‌ରେ ଗ୍ୟାସ୍ ଦରକାର। ରାଜ୍ୟର ସବୁ ଅଙ୍ଗନୱାଡି କେନ୍ଦ୍ରରେ ଭିତ୍ତିଭୂମି ଠିକ୍ ନାହିଁ। ଖାଦ୍ୟ ବଣ୍ଟନ ବ୍ୟବସ୍ଥାରେ ଟଙ୍କା ବୃଦ୍ଧି କରି ଭଲ ଖାଇବା ପିଲାଙ୍କୁ ଦିଆଯିବା ଦରକାର। ସୁଭଦ୍ରା ଯୋଜନାରେ ଏବେ ମଧ୍ୟ ତାଙ୍କ ନିର୍ବାଚନମଣ୍ଡଳୀର ବହୁ ମହିଳା ଟଙ୍କା ପାଉ ନ ଥିବା ସୋଫିଆ କହିଛନ୍ତି।

ଭାଜପା ସଦସ୍ୟ ଦୁଷ୍ମନ୍ତ କୁମାର ନାଏକ କହିଛନ୍ତି, ବିଜେଡି ଓ କଂଗ୍ରେସ ନେତାମାନେ ଧଳା ପରିବର୍ତ୍ତେ ଆଜି କଳା ଚଷମା ପିନ୍ଧିଆସିଛନ୍ତି। ଭାଜପା ସରକାରର ସବୁ ଯୋଜନା ଏମାନଙ୍କୁ ଓଲଟା ଦେଖାଯାଉଛି। ସୁଭଦ୍ରା ଏମାନଙ୍କୁ ଖାଇବ। ସମୃଦ୍ଧ ଅଙ୍ଗନୱାଡି ଯୋଜନା ଯେତେବେଳେ ଆରମ୍ଭ ହେବ, ଉପମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ପ୍ରମିଳା ଏବଂ ସୋଫିଆଙ୍କୁ ସାଙ୍ଗରେ ନେଇକି ଯିବା ପାଇଁ ଯୋଜନା କରାଯିବ। ତା'ପରେ ସେଠାରେ ଆପଣମାନେ ବୁଲି ଦେଖିବା ପରେ ନିଜ ଫେସ୍‌ବୁକ୍‌ରେ ଭଲ ଫଟୋଉଠାଇ ଛାଡ଼ିବେ ବୋଲି ଦୁଷ୍ମନ୍ତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୀମାରାଣୀ ନାୟକ, ଗୌତମବୁଦ୍ଧ ଦାସ, ଅଶୋକ କୁମାର ମହାନ୍ତି ଏବଂ ଜଲେନ୍ ନାଏକ ପ୍ରମୁଖ ଆଲୋଚନାରେ ଭାଗ ନେଇଛନ୍ତି।

### ସୁଭଦ୍ରା ବିରୋଧୀଙ୍କୁ ପୀଡ଼ା ଦେଇଛି

**ମହାସଂଘ ବନ୍ଦ ନେଇ କିଛି ନିଷ୍ପତ୍ତି ହୋଇନାହିଁ**

ବିରୋଧୀ ଦଳର ସଦସ୍ୟ ଏତେ ମିଛ କହିବା କଥା ନୁହେଁ। ମହିଳା ଓ ଶିଶୁ ବିକାଶ ବିଭାଗର ୯୨ ପ୍ରତିଶତ ଅର୍ଥ ଖର୍ଚ୍ଚ ସରିଥିବା ବେଳେ ମାର୍ଚ୍ଚ ମାସ ଶେଷ ହେବାକୁ ଆହୁରି ୧୯ ଦିନ ବାକି ରହିଛି। ମିଶନ ଶକ୍ତି ବିଭାଗର ଖର୍ଚ୍ଚ



ପ୍ରଭାତୀ ପରିଡ଼ା

ମଧ୍ୟ ମାର୍ଚ୍ଚ ଶେଷ ସୁଦ୍ଧା ୮୨ ପ୍ରତିଶତ ଅତିକ୍ରମ କରିବ। ମହିଳା ସ୍ୱୟଂ ସହାୟିକାଙ୍କ ମହାସଂଘ ବନ୍ଦ ହେବା ପାଇଁ କୌଣସି ନିଷ୍ପତ୍ତି ହେଇନାହିଁ। ବିରୋଧୀ ଯେଉଁ ଅପପ୍ରଚାର କରୁଛନ୍ତି, ସେଥିରେ ସେମାନଙ୍କୁ କିଛି ଲାଭ ମିଳିବ ନାହିଁ। ମିଶନ ଶକ୍ତି ବିଭାଗ ଅଚଳ କି ସଚଳ ନୁହେଁ, ଦୌଡ଼ିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଉପମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟରେ କହିଛନ୍ତି, ମହିଳା କମିଶନର ସବୁ ପଦବୀ ପୂରଣ ହୋଇଛି। ଯଦି କୌଣସି ସ୍ଥାନରେ କିଛି ସମସ୍ୟା ହେଉଛି, ତାକୁ ସଙ୍ଗେସଙ୍ଗେ ସମାଧାନ କରାଯାଉଛି। ସୁଭଦ୍ରା ଯୋଜନା ବିରୋଧୀଙ୍କୁ 'ପୀଡ଼ା' ଦେଉଛି। ସୁଭଦ୍ରା ଯୋଜନାରେ ବାରମ୍ବାର ଏନ୍‌କ୍ୱାରି ହେଉଛି। ୧୪୬ ଜଣ ବିଧାୟକ ସୁଭଦ୍ରା ଯୋଜନାରେ ହିତାଧିକାରୀ ଚୟନଠାରୁ ଆରମ୍ଭକରି କୌଣସି କଥାରେ ପ୍ରଶ୍ନ ଉଠାଇବାର ସୁଯୋଗ ପାଇନାହାନ୍ତି। ଶେଷରେ ଉଭୟ ବିଭାଗର ଖର୍ଚ୍ଚଦାବିକୁ ଗୃହରେ ପାରିତ କରାଯାଇଛି।

# ୬୪.୭ ଲକ୍ଷ ଉପଭୋକ୍ତା ଦେବେ ୬୫୬ କୋଟି: ଉପମୁଖ୍ୟମନ୍ତ୍ରୀ ସିଂଦେଓ

ଭୁବନେଶ୍ୱର,୧୧।୩
(ରବିନାରାୟଣ ଜେନା)

ଟାଟା ପାୱାର(ଡିସ୍‌କମ୍ସ) ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ବାବଦକୁ ରାଜ୍ୟର ୬୪ ଲକ୍ଷ ୭୦ ହଜାର ୭୮୨ ଉପଭୋକ୍ତାଙ୍କୁ ନୋଟିସ କରାଯାଇଛି। ଏହି ଅତିରିକ୍ତ ସୁରକ୍ଷା ଜମା ବାବଦକୁ ଟାଟା ପାୱାର ୬୫୬.୧୧ କୋଟି ଟଙ୍କା ଆଦାୟ କରିବ ବୋଲି ନୋଟିସ ଦେଇଥିବା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। କଂଗ୍ରେସ ସଦସ୍ୟ ସୋଫିଆ ଫିର୍ଦୋସଙ୍କ ତାରକା ପ୍ରଶ୍ନର ଉତ୍ତରରେ ବୁଧବାର ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଟାଟା ପାୱାରର ସର୍ବାଧିକ ସିଓଡିଏଲ୍ ୧୯ ଲକ୍ଷ ୮୬ ହଜାର ଉପଭୋକ୍ତାଙ୍କଠାରୁ ୨୮୪.୮୭ କୋଟି ଟଙ୍କା ଆଦାୟ କରିବ। ସେହିପରି ଟାଟା ପାୱାରର ଡବ୍ଲୁଓଡିଏଲ୍ ୧୩ ଲକ୍ଷ ୯୧ ହଜାର ୧୯ ଜଣ ଉପଭୋକ୍ତାଙ୍କ ନିକଟରୁ ୧୬୫ କୋଟି ୯୬ ଲକ୍ଷ ଟଙ୍କା ଆଦାୟ କରିବାକୁ ନୋଟିସ ଦେଇଥିବାବେଳେ ଏନ୍‌ଓଡିଏଲ୍ ୧୪ ଲକ୍ଷ ୪୯ ହଜାର ୧୯୯ ଉପଭୋକ୍ତାଙ୍କଠାରୁ ୧୦୭.୦୪ କୋଟି ଏବଂ ଏସ୍‌ଓଡିଏଲ୍‌ର ୧୬ ଲକ୍ଷ ୪୪ ହଜାର ୫୬୪ ଉପଭୋକ୍ତାଙ୍କଠାରୁ ୯୮.୨୪ କୋଟି ଟଙ୍କା ଆଦାୟ କରିବା ଲାଗି ନୋଟିସ ଦେଇଛି ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଟିପି-ଡିସ୍‌କମ୍ସ ପୂର୍ବବର୍ଷର ଆର୍ଥିକ ବର୍ଷର ସର୍ବମୋଟ୍ ସେବାର ମାନ ଆଧାରରେ ଗ୍ରାହକଙ୍କ ପାଖରୁ ସୁରକ୍ଷା ଜମା ସଂଗ୍ରହ କରିବା ନିୟମ ରହିଛି। ଏଥିପୂର୍ବରୁ ଟାଟା ପାୱାର ପକ୍ଷରୁ ପୁନଃପରୀକ୍ଷା କରି ଅତିରିକ୍ତ ସୁରକ୍ଷା ଜମା ଦାବି



କନକ ବର୍ଦ୍ଧନ ସିଂଦେଓ

କରାଯାଇଥାଏ। ଏହା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ବିଦ୍ୟୁତ୍ ଯୋଗାଣ କୋଡ୍-୨୦୧୯ର ନିୟମ ୫୩ ଓ ୫୪ ଅନୁସାରେ କରାଯାଉଛି। ତେବେ ଅତିରିକ୍ତ ସୁରକ୍ଷା ଜମା ଦେବା ପୂର୍ବରୁ ଗ୍ରାହକମାନଙ୍କୁ ୩୦ ଦିନ ପୂର୍ବରୁ ନୋଟିସ ଦିଆଯାଇଥାଏ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଏସ୍‌ଡି ଦେୟ ଆଦାୟ ନ କରାଗଲେ, ବିଦ୍ୟୁତ୍ ଯୋଗାଣ କୋଡ୍‌ର ଧାରା-୫୬ ଅନୁସାରେ ଡିସ୍‌କମ୍ସ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଟାଟା ପାୱାର ପକ୍ଷରୁ ଏଏସ୍‌ଡି ମୂଲ୍ୟାୟନ, ଆଡ୍‌ଜଷ୍ଟମେଣ୍ଟ ଓ ଫେରସ୍ତ କରିବା ସମୟରେ ସପ୍ଲାଇ କୋଡ୍ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକୁ କଠୋର ଭାବରେ ପାଳନ କରାଯାଉଛି, ଯାହାଦ୍ୱାରା ପାରଦର୍ଶିତା ନିଶ୍ଚିତ ହୁଏ ବୋଲି ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଟାଟା ପାୱାରର ଏଏସ୍‌ଡି ଆଦାୟକୁ ନେଇ ଉପଭୋକ୍ତାଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ଉପରେ ଅଯଥା ବୋଝ ପକାଯାଉଥିବା ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସରକାରଙ୍କୁ ଟାର୍ଗେଟ୍ କରାଯାଉଛି।

# ଭିଜିଲାନ୍ସ ଜାଲରେ କଣ୍ଟାପଡ଼ା ତହସିଲଦାର

କଣ୍ଟାପଡ଼ା,୧୧।୩(ସୁରନାରାୟଣ ସାହୁ)

■ଏକକାଳୀନ ୭ ସ୍ଥାନରେ ଚଢ଼ାଉ
■୨.୧୫ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସମ୍ପତ୍ତି ଠାବ

କଟକ ଜିଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ପ୍ରସନ୍ନଙ୍କ ପୈତୃକ ଘର ସମତେ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଚଢ଼ାଉ ସମୟରେ ପ୍ରସନ୍ନ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ୨ଟି ପ୍ଲଟ୍, ୭ଟି ପ୍ଲଟ୍‌ର କାଗଜପତ୍ର ଓ ୨ ଲକ୍ଷ ୧୫ ହଜାର ୮୯୦ ଟଙ୍କା ଜବତ ହୋଇଥିବା ଜଣାପଡିଛି। ପ୍ରସନ୍ନ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଭୁବନେଶ୍ୱର ଶହୀଦନଗର ଥାନା ଅଧୀନ କେଶୁରାରେ ୪୦୫୬ ବର୍ଗଫୁଟ ଜମିରେ ଏକ ୩ ମହଲା ବିଶିଷ୍ଟ କୋଠା ଓ ୬୭୫୦ ବର୍ଗଫୁଟ ଜମିରେ ଅନ୍ୟ ଏକ କୋଠା ନିର୍ମାଣ ଚାଲିଥିବା ଭିଜିଲାନ୍ସ ତଦନ୍ତ ବେଳେ ଜଣାପଡିଛି। ସେହିପରି କେଶୁରା ମୌଜାରେ ଅନ୍ୟ ୩ଟି ପ୍ଲଟ ସମେତ ମେହେର ପଲ୍ଲୀରେ ୨ଟି, ବାଙ୍କୁଆଳ ଓ କୋରଡକଣ୍ଟାରେ ଥିବା ୨ଟି ପ୍ଲଟର କାଗଜପତ୍ର, ପୋଷ୍ଟାଲ ଓ ବ୍ୟାଙ୍କ ପାସ୍‌ବୁକ ଭିଜିଲାନ୍ସ ଜବତ କରିଥିବା ଜଣାପଡଛି। ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଏଗୁଡିକର


କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ।

ଯାଞ୍ଚ କରୁଥିବା କୁହାଯାଇଛି। ଚଢ଼ାଉ ସମୟରେ ଗୋଟିଏ କାର ଓ ୩ଟି ବାଇକ୍ ତହସିଲଦାର ସାମନ୍ତରାୟ ଓ ପରିବାର ଲୋକଙ୍କ ନାମରେ ଥିବା ଜଣାପଡିଛି। ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର କେଶୁରା, ଲକ୍ଷ୍ମୀସଗରଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ପୁରୀ ଜିଲା ଗଡିଶଗଦା ଥାନାସ୍ଥିତ ଦୁଛିଆ ଅଲିବାଡ ଗ୍ରାମର ପୈତୃକ ଘର, କଣ୍ଟାପଡାସ୍ଥିତ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ କଟକ ଏବଂ କେନ୍ଦ୍ରାପଡା ଆଦି ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଜବତ ପ୍ଲଟଗୁଡିକ ବହୁମୂଲ୍ୟ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୦୦ରେ ପ୍ରସନ୍ନ ୫୧୩୦ ଟଙ୍କା ଦରମାରେ ଜଣେ ଲୋକାଲ ଫଣ୍ଡ ଅଡିଟର ଭାବେ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି ଆରମ୍ଭ କରିଥିଲେ। ଚଢ଼ାଉରେ ଭିଜିଲାନ୍ସର ୨ଜଣ ଆଡିସନାଲ ଏସ୍‌ପିଙ୍କ ସମେତ ୮ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୫ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିବା ଜଣାପଡିଛି।

## ପୁତୁରା ଟାଙ୍ଗିଆ ଚୋଟରେ ଖୁଡ଼ୀ ମୃତ

ଟେନ୍‌ସା,୧୧।୩(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ସଣୁଆ ଗ୍ରାମରେ ମଙ୍ଗଳବାର ରାତିରେ ଘରୋଇ କଳିକୁ କେନ୍ଦ୍ରକରି ପୁତୁରାଙ୍କ ଟାଙ୍ଗିଆ ଚୋଟରେ ଖୁଡ଼ୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ତପସ୍ୱିନୀ ସେଠୀ(୪୦)। ଏନେଇ କୋଇଡ଼ା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ହତ୍ୟା ପରେ ପୁତୁରା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କୌଣସି କଥାକୁ କେନ୍ଦ୍ରକରି ତପସ୍ୱିନୀ ଓ ପୁତୁରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପୁତୁରା ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତପସ୍ୱିନୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଡାକ୍ତରଖାନା ପଠାଇଥିଲା।

## ୨ ଯୁବକଙ୍କୁ ବାନ୍ଧି ନିସ୍ତୁକ ମାଡ଼

**ଜିଲାପାଳ, ଏସ୍‌ପିଙ୍କ ହସ୍ତକ୍ଷେପ ଦାବି**

ଯାଜପୁର,୧୧।୩(ହର୍ଷବର୍ଦ୍ଧନ ବେହେରା)



୨ ଯୁବକଙ୍କୁ ଘରୁ ଉଠାଇନେଇ ବାନ୍ଧି ନିସ୍ତୁକ ମାଡ଼ ମରାଯାଇଛି। ଏହାପରେ ପୋଲିସ କଷ୍ଟୋଡିରେ ୩ ଦିନ ରଖି ଶାରୀରିକ ନିର୍ଯାତନା ଦିଆଯାଇଛି। ତେଣୁ ନ୍ୟାୟ ପାଇଁ ବୁଧବାର ନିର୍ଯାତିତ ଯୁବକଙ୍କ ପରିବାରବର୍ଗଙ୍କ ସମେତ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଯାଜପୁର ଏସ୍‌ପି ଓ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରାଯାଇଛି।

ଅଭିଯୋଗ ଅନୁସାରେ, ଯାଜପୁର ସଦର ଥାନା ମହେଶ୍ୱରପୁର ଗ୍ରାମରେ ଏକ ବାଇକ୍ ଚୋରି ହୋଇଥିବାନେଇ ଥାନାରେ ଗତ ୪ ତାରିଖରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାରକରି ଯାଜପୁର ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାପରେ ମହେଶ୍ୱରପୁର ଗ୍ରାମର ଦେବାଶିଷ ମଲ୍ଲିକଙ୍କୁ ପୋଲିସ ଉଠାଇନେଇଥିଲା। ମାଡ଼ ଭୟରେ ଦେବାଶିଷ ଏହି ଘଟଣାରେ ରାଜେନ୍ଦ୍ର ମହାରଣାଙ୍କ ସଂପୃକ୍ତି ଥିବା ସୂଚନା ଦେଇଥିଲେ। ଏହାପରେ ଉକ୍ତ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସଂଘବଦ୍ଧ ହୋଇ ରାଜେନ୍ଦ୍ର ମହାରଣା ଓ ସ୍ନେହାଶିଷ ମହାରଣାଙ୍କୁ ଧମକଚମକ ଦେବା ସହ ତାଙ୍କୁ ଘରୁ ଉଠାଇ ନେଇଥିଲେ। ଗ୍ରାମର ଏକ ସ୍ଥାନରେ ଦଉଡ଼ିରେ ବାନ୍ଧି ସେମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ ସ୍ନେହାଶିଷଙ୍କ ବାପା ପୋଲିସକୁ ଜଣାଇବା ପରେ ସେହିଦିନ ରାତି ୧୦ଟାରେ ବନ୍ଧାହୋଇଥିବା ଦୁଇ ଯୁବକଙ୍କୁ ଉଦ୍ଧାରକରି ପୋଲିସ ଥାନାକୁ ନେଇଥିଲା। ସେଠାରେ ୩ ଦିନ ପର୍ଯ୍ୟନ୍ତ ପୋଲିସ ହେପାଜତରେ ଉଭୟ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଏଭଳି ଅମାନୁଷିକ କାର୍ଯ୍ୟ ବିରୋଧରେ ନିର୍ମଳା ମଲ୍ଲିକ, କାମିନୀ ମହାରଣା, ରାନି ମହାରଣାଙ୍କ ପରିବାର ସହ ମୂଳ ନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ଆଇନଜୀବୀ ବିଭ୍ରାନ୍ତ ବିଶ୍ୱଜିତ, କେଶବ ଚନ୍ଦ୍ର ଦାସ, ଅନିଲ ମଲ୍ଲିକ, ଗୌତମ ମଲ୍ଲିକ ପ୍ରମୁଖ ଯାଜପୁର ଏସ୍‌ପି ଓ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏସ୍‌ପି ଯସ୍‌ପ୍ରତାପ ଶ୍ରୀମଲ ପ୍ରତିନିଧି ଦଳଙ୍କୁ ତୁରନ୍ତ ତଦନ୍ତକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଯୁବତୀଙ୍କୁ ପ୍ରତାରଣା, ଅଧ୍ୟାପକ ଗିରଫ

ବ୍ରହ୍ମପୁର,୧୧।୩ (ସୁବାସ ଚନ୍ଦ୍ର ପାଢ଼ୀ)

**୪ ଥର ଗର୍ଭନଷ୍ଟ ଅଭିଯୋଗ**

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ପ୍ରତାରିତ କରିଥିବା ଜଣେ ଅଧ୍ୟାପକଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବ୍ରହ୍ମପୁରର ଏକ ସରକାରୀ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ସୁଜିତ୍ କନ୍ଧ(୩୦)। ସଂପୃକ୍ତ ଯୁବତୀଙ୍କ ସେ ୪ଥର ଗର୍ଭ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୋଲିସ ବୁଧବାର ଉକ୍ତ କଲେଜକୁ ଯାଇ ଅଭିଯୁକ୍ତ ଅଧ୍ୟାପକ କନ୍ଧଙ୍କୁ ମାମଲା ନଂ.୯୯/୨୬ରେ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି।

ବ୍ରହ୍ମପୁରରେ ରହି ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା କନ୍ଧମାଳ ଜିଲାର ଜଣେ ଯୁବତୀଙ୍କ ସହ ଅଧ୍ୟାପକ କନ୍ଧ ୪ ବର୍ଷ ହେବ ସମ୍ପର୍କରେ ରହିଥିଲେ । ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେ ବିଭିନ୍ନ ସ୍ଥାନକୁ ବୁଲାଇ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଯୁବତୀଙ୍କଠାରୁ ୨ ଲକ୍ଷ ଟଙ୍କା ସହ ବିଭିନ୍ନ ସମୟରେ ସୁନା ଚେନ ଓ ମୁଦି ମଧ୍ୟ ନେଇଥିଲେ। ଯୁବତୀ ଜଣଙ୍କ ବିବାହ କଥା କହିଲେ ନାନା ବାହାନା କରି ଦିନ ଗଡାଉଥିଲେ। ୧୦ ଦିନ ତଳେ ସୁଜିତ୍ ବିବାହ କରିବେ ନାହିଁ ବୋଲି ମନା କରି ଦେଇଥିଲେ। ଜିଦ ଧରିଲେ ହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣଙ୍କ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ୬୩୧ କଇଁଛ ଜବତ, ୭ ବ୍ୟବସାୟୀ ଗିରଫ

ଏମ୍‌ଭି– ୭୯, ୧୧।୩ (ଆଶିଷ କୁମାର ବାଇନ)

ଆନ୍ଧ୍ରରୁ ମାଲକାନଗିରିକୁ ଏକ ବୋଲେରୋ ପିକ୍‌ଅପ୍ ଯୋଗେ କଇଁଛ ଚୋରା ଚାଲାଣ ବେଳେ ମୋଟୁ ବନ ବିଭାଗ ବୁଧବାର ଗାଡ଼ିକୁ ଅଟକାଇ ୬୩୧ କଇଁଛ ଜବତ କରିଛି। ସେଥିମଧ୍ୟରୁ ୭୦ଟି କଇଁଛ ମୃତ ଥିବା ଜଣାପଡ଼ିଛି। ଚୋରାଚାଲାଣରେ ସମ୍ପୃକ୍ତ ୭ ଜଣ ବ୍ୟବସାୟୀଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ଅଶ୍ୱିନୀ କୁମାର, ଆଦିତ୍ୟ କୁମାର, ବୀରା କାବାସୀ, ସୁକୁମାର ତରଫଦାର,ଲକ୍ଷ୍ମନ ମାଡକାମୀଙ୍କ ସହ ପଡିଆ ଅଞ୍ଚଳର ଯୁଗଳ ଚନ୍ଦ୍ର ଦେ, ଏମ୍‌ଭି ୧୨୯ର ଗୋପାଲ ରାୟ । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇ ଥିବା ବନ ବିଭାଗ ସୂଚନା ଦେଇଛି ।


ଗିରଫ ଅଭିଯୁକ୍ତଙ୍କ ସହ ଜବତ କଇଁଛ।

ଆନ୍ଧ୍ରରୁ ମାଲକାନଗିରି କଇଁଛ ଚାଲାଣ ହେଉଥିବା କୌଣସି ସୂତ୍ରରୁ ମୋଟୁ ବନ ବିଭାଗ ଖବର ପାଇଥିଲା। ରେଞ୍ଜର ତନୁଜା କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ମୁରଲିଧର ଅନୁଗୁଳିଆ, ଫରେଷ୍ଟ ଗାର୍ଡ ବାପି ମାଝୀ, ବନିତା ଦଳେଇ, ବାସୁଦେବ ବାସ୍କର ଏବଂ ଜଗା ମାଡିଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଜିଲାର ସୀମାନ୍ତ ମୋଟୁସ୍ଥିତ କାଲେରୁ ବ୍ରିଜ୍ ନିକଟରେ ଜଗି ରହିଥିଲେ। ଏହି ସମୟରେ ଆନ୍ଧ୍ର ଆଡୁ ଏକ ବୋଲେରୋ ପିକ୍‌ଅପ୍ ଦ୍ରୁତ ଗତିରେ ଆସୁଥିବାବେଳେ ସେମାନେ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ କଇଁଛ ଥିବା ଜଣାପଡ଼ିଥିଲା। ବୋଲେରୋ ପିକ୍‌ଅପ୍ ସହ ୨ଟି ମୋଟରସାଇକେଲ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫକରି ଏମ୍‌ଭି ୭୯ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏମ୍‌ଭି ୭୯ ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ବନାନୀ ହାଲ୍‌ଦାର ଓ ଏଲ୍. ଆଇ. ସୁଖରଞ୍ଜନ ବୈଦ୍ୟ ଜବତ କଇଁଛଗୁଡ଼ିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାଲକାନଗିରି ସତିଗୁଡା ଡ୍ୟାମ୍‌ଠାରେ ଛଡ଼ାଯିବ ବୋଲି ସୂଚନା ରହିଛି ।

## ତଣ୍ଟି କାଟି ମହିଳାଙ୍କୁ ହତ୍ୟା

ବାଲେଶ୍ୱର,୧୧।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଫକୀରମୋହନ ନଗରରେ ଜଣେ ମହିଳାଙ୍କ ତଣ୍ଟି କାଟି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ବୁଧବାର ଭଡ଼ାଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ବସ୍ତା ଅଞ୍ଚଳର ମମତା ଦେବନାଥ (୨୯)। ମମତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୮୬/୨୬) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଅରମ୍ଭ କରିଛି।

ସୂଚନା ଅନୁସାରେ, ଫକୀରମୋହନ ନଗର ଅଞ୍ଚଳର ଏକ ଭଡ଼ା ଘରେ ମମତା ଏକୁଟିଆ ରହୁଥିଲେ। ସେ ବାଲେଶ୍ୱରର ଏକ ବିୟୁଟି ପାର୍ଲରରେ କାମ କରୁଥିଲେ। ସହଦେବଖୁଣ୍ଟା ଅଞ୍ଚଳରେ ରହୁଥିବା ତାଙ୍କ ଭାଇ ଅରବିନ୍ଦ ତାଙ୍କୁ ଫୋନ କରିଥିଲେ ହେଁ ସେ ଉଠାଇ ନ ଥିଲେ। ଫଳରେ ତାଙ୍କର ସନ୍ଦେହ ହୋଇଥିଲା। ଅରବିନ୍ଦ ଭଡ଼ା ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମମତା ଶୋଇଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମମତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ପାଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# ଅନ୍ୟାନ୍ୟ ଖବର

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଏୟାର ଇଣ୍ଡିଆର ୧୩୩ ଯାତ୍ରୀ



ନୂଆଦିଲ୍ଲୀ,୧୧।୩

ହାଇଦ୍ରାବାଦ୍‌ରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଅବତରଣ ସମୟରେ ଯାନ୍ତ୍ରିକ ତ୍ରୁଟିରେ ସମ୍ମୁଖୀନ ହେବା ଯୋଗୁ ଏଥିରେ ଥିବା ୧୩୩ ଯାତ୍ରୀ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏହି ବିମାନଟି ଫୁକେଟ୍ ବିମାନ ବନ୍ଦରରେ ଅବତରଣ କରିବା ସମୟରେ ଏହାର ନୋଜ୍ ଲ୍ୟାଣ୍ଡିଂ ଗିଅର୍ ଭାଙ୍ଗି ଯାଇଥିଲା। ଫଳରେ ବିମାନଟି ହାର୍ଡ ଲ୍ୟାଣ୍ଡିଂ କରିବାକୁ ବାଧ ହୋଇଥିଲା। ତେବେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି ଏବଂ ସମସ୍ତେ ସୁରକ୍ଷିତ ରହିଥିଲେ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ହାର୍ଡ ଲ୍ୟାଣ୍ଡିଂ ଦ୍ୱାରା ରନ୍‌ୱେ କିଛି ମାତ୍ରାରେ ନଷ୍ଟ ହେବା ଯୋଗୁ ଏହାକୁ ପ୍ରାୟ ୬ ଘଣ୍ଟା ଧରି ବନ୍ଦ କରିଦିଆଯାଇଥିଲା। ବିମାନ ବନ୍ଦର କର୍ତ୍ତୃପକ୍ଷ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

## ସିଇସିଙ୍କୁ ହଟାଇବା ପାଇଁ ବିରୋଧୀଙ୍କ ଦସ୍ତଖତ ଅଭିଯାନ

ନୂଆଦିଲ୍ଲୀ,୧୧।୩

ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ଲାଗି ବିରୋଧୀ ଦଳର ସଦସ୍ୟମାନେ ବହିଷ୍କାର ପ୍ରସ୍ତାବ ଆଣିବା ଲକ୍ଷ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ସିଇସିଙ୍କ ପକ୍ଷପାତିତା ଏବଂ ଭେଦଭାବ ନୀତିକୁ ବିରୋଧକରି ତାଙ୍କୁ ହଟାଇବା ଉଦ୍ଦେଶ୍ୟରେ ତାଙ୍କ ବିରୋଧରେ ନୋଟିସ ଆଣିବାକୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ତାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ୭ଟି ଅଭିଯୋଗ ଅଣାଯାଇଛି। ଆଗାମୀ ୨ ଦିନ ମଧ୍ୟରେ ଏହି ନୋଟିସ ଲୋକ ସଭା ଏବଂ ରାଜ୍ୟ ସଭାରେ ଦାଖଲ କରାଯିବ। ସାମ୍ବିଧାନିକ ନିୟମ ଅନୁସାରେ ସିଇସିଙ୍କୁ ବହିଷ୍କାର କରିବା ଲାଗି ଲୋକ ସଭାର ୧୦୦ ଏବଂ ରାଜ୍ୟ ସଭାର ୫୦ ସଦସ୍ୟଙ୍କ ସହମତି ଆବଶ୍ୟକ ରହିଛି।

## ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ନୌସେନା ଅଧିକାରୀ ଗିରଫ

ନୂଆଦିଲ୍ଲୀ ,୧୧।୩

ପାକିସ୍ତାନର ଆଇଏସ୍‌ଆଇକୁ ପ୍ରତିରକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ଯୋଗାଇବା ଅଭିଯୋଗରେ ଉତ୍ତରପ୍ରଦେଶ ଏଟିଏସ୍ ଭାରତୀୟ ନୌସେନାର ଜଣେ ଅଧିକାରୀଙ୍କୁ ଆଗ୍ରାରୁ ଗିରଫ କରିଛି। ଗିରଫ ଅଧିକାରୀ ଜଣକ ନୌସେନାର ଲାନ୍ସ ନାଏକ ଆଦର୍ଶ କୁମାର ଓରଫ୍ ଲକି ବୋଲି ଜଣାପଡ଼ିଛି। ଆଦର୍ଶ ଭାରତୀୟ ନୌସେନାର କୋଚିସ୍ଥିତ ସଦର୍ନ ନାଭାଲ୍ କମାଣ୍ଡରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିଲେ। ସେ ଭାରତୀୟ ନୌସେନାର ବହୁ ଗୁରୁତ୍ୱପୂର୍ଣ୍ଣ ଫଟୋ ସମେତ ଯୁଦ୍ଧ ଜାହାଜ ସମ୍ପର୍କରେ ତାଙ୍କର ଆଇଏସ୍‌ଆଇ ହ୍ୟାଣ୍ଡଲରଙ୍କୁ ତଥ୍ୟ ଯୋଗାଇଥିଲେ। ଆଦର୍ଶଙ୍କଠାରୁ ଜବତ ହୋଇଥିବା ଦସ୍ତାବିଜ୍ ଏବଂ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ରୁ ସେ ଆଇଏସ୍‌ଆଇକୁ ତଥ୍ୟ ଯୋଗାଇଥିବା ପ୍ରମାଣିତ ହୋଇଛି।

## କ୍ୟାମ୍ପରେ ରହିବେ ବିରୋଧୀ ବିଧାୟକ

**ଭୁବନେଶ୍ୱର ନ ଛାଡ଼ିବାକୁ ବିଜେଡିର ହୁଇପ୍**

ଭୁବନେଶ୍ୱର,୧୧।୩ (ସୁନିତ୍ ମିଶ୍ର)

ଆସନ୍ତା ୧୬ ତାରିଖରେ ହେବ ରାଜ୍ୟ ସଭା ନିର୍ବାଚନ। ଓଡ଼ିଶାର ୪ ଆସନ ପାଇଁ ୫ ପ୍ରାର୍ଥୀ ରହିଛନ୍ତି। ତେଣୁ କ୍ରସ୍ ଭୋଟିଂକୁ ନେଇ ବିଜେଡି ଓ କଂଗ୍ରେସ ନେତୃତ୍ୱ ଚିନ୍ତାରେ ପଡ଼ିଛନ୍ତି। ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ବୁଧବାର ଭାଜପାରେ ଯୋଗଦେବା ପରେ ଆଗକୁ ଯେପରି କୌଣସି ବିଧାୟକ ଏପଟ ସେପଟ ନ ହେବେ ସେଥିପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଜନା ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳୀୟ ବିଧାୟକମାନଙ୍କ ପାଇଁ ଭୁବନେଶ୍ୱର ନ ଛାଡ଼ିବାକୁ ହୁଇପ୍ ଜାରି କରିଛନ୍ତି। ୧୨ ତାରିଖଠାରୁ ରାଜ୍ୟ ସଭା ନିର୍ବାଚନ ସରିବା ପର୍ଯ୍ୟନ୍ତ ସବୁ ବିଧାୟକ ଭୁବନେଶ୍ୱରରେ ରହିବାକୁ ବାଧ ବୋଲି ହୁଇପ୍‌ରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ବିଜେଡି ବିଧାୟକମାନଙ୍କୁ ନେଇ ଗୋଟିଏ ସ୍ଥାନରେ କ୍ୟାମ୍ପ କରିବାକୁ ଦଳ ସ୍ଥିର କରିଛି। ସେହିପରି କଂଗ୍ରେସ ବିଧାୟକମାନଙ୍କ ପାଇଁ ମଧ୍ୟ ଅନୁରୂପ ଭାବେ ଭୁବନେଶ୍ୱର ନ ଛାଡ଼ିବା ପାଇଁ ମୌଖିକ ଭାବେ କୁହାଯାଇଥିବା ଜଣାପଡ଼ିଛି। କଂଗ୍ରେସ ବିଧାୟକମାନଙ୍କୁ ମଧ୍ୟ ଗୋଟିଏ ସ୍ଥାନରେ ରଖିବାକୁ ଦଳ ଭିତରେ ଚୂଡ଼ାନ୍ତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## କଂଗ୍ରେସକୁ ଫେରିଲେ ସତ୍ୟବ୍ରତ



ଭୁବନେଶ୍ୱର,୧୧।୩ (ରବିନାରାୟଣ ଜେନା)

ସ୍ୱାଧୀନତା ସଂଗ୍ରାମୀ ଓ ଅବିଭକ୍ତ ପୁରୀ ଜିଲାର କଂଗ୍ରେସ ବିଧାୟକ ସ୍ୱର୍ଗତ ବୃନ୍ଦାବନ ପାତ୍ରଙ୍କ ପୁତ୍ର ସତ୍ୟବ୍ରତ ପାତ୍ର କଂଗ୍ରେସକୁ ଫେରିଛନ୍ତି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳରେ ଯୋଗଦେଇଥିବା ସତ୍ୟବ୍ରତଙ୍କ ସହିତ ସମସ୍ତ ନବାଗତଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ହଜାର ହଜାର ସମର୍ଥକଙ୍କ ସହ ପାତ୍ର କଂଗ୍ରେସକୁ ବାହୁଡ଼ି ଆସିଥିବାରୁ ପୁରୀ ଜିଲା କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ତେଲ, ଗ୍ୟାସ୍ କଳାବଜାର ପାଇଁ ସରକାରଙ୍କ ମସୁଧା: ଭକ୍ତ

ଭୁବନେଶ୍ୱର,୧୧।୩ (ରବିନାରାୟଣ ଜେନା)

ଭାରତକୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏକ ମହାସଙ୍କଟ ଆଡ଼କୁ ଟାଣି ନେଉଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରାଜ୍ୟ କଂଗ୍ରେସ ଭବନରେ ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ଯୋଗୁ ଭାରତ ଉପରେ ଗ୍ୟାସ୍ ଏବଂ ତେଲ ସଙ୍କଟ ସମ୍ଭାବନା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ସବୁ ନିୟନ୍ତ୍ରଣରେ ଅଛି ବୋଲି ଘୋଷଣା ହେଉଛି। କିନ୍ତୁ ଏପଟେ ଗ୍ୟାସ୍ ଭର୍ତ୍ତି ଅବଧି ୧୫ରୁ ୨୧ ଦିନ କରିଥିଲେ। ଏବେ କହିଲେଣି ୨୫ ଦିନ ପୂର୍ବରୁ ବୁକିଂ କରିପାରିବ ନାହିଁ। ପୁଣି ଘରୋଇ ସିଲିଣ୍ଡର ପିଛା ୬୦ ଏବଂ ବ୍ୟବସାୟିକ ସିଲିଣ୍ଡର ପିଛା ୧୧୫ ଟଙ୍କା ବୃଦ୍ଧିକରି ଜନତାଙ୍କ ପେଟକୁ ଲାତ ମାରିବା କାମ କରୁଛନ୍ତି। ପ୍ରଥମ ୩ ଦିନ ମୋବାଇଲ ଓ ହ୍ୱାଟ୍‌ସଆପ୍ ବୁକିଂ ବନ୍ଦ କରିଦେଇ କଳାବଜାରିମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦେଇଛନ୍ତି। ସେ ପୁଣି କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୟରେ ପ୍ରଧାନମନ୍ତ୍ରୀ ସମସ୍ତ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପଙ୍କୁ ଡରି ଅପରେଶନ ସିନ୍ଦୂର ଅଧାରୁ ବନ୍ଦ କରିଦେଲେ। ବର୍ତ୍ତମାନ ଟ୍ରମ୍ପଙ୍କ ନିର୍ଦ୍ଦେଶାନୁସାରେ ରୁଷିଆରୁ ତୈଳ ଆମଦାନୀ କରିବାକୁ ଯାଉଛନ୍ତି। ଏ ସବୁ କ'ଣ ନରେନ୍ଦ୍ର ମୋଦିଙ୍କ ଟ୍ରମ୍ପଙ୍କ ଆଗରେ ସମର୍ପଣ ନୁହେଁ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଯଦି ଗ୍ୟାସ୍ ଓ ପେଟ୍ରୋଲ ଯୋଗାଣ ବିଧିବଦ୍ଧଭାବେ ନ ହେବ ଏବଂ ଲୋକେ ହଇରାଣ ହେବେ, ତେବେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଭକ୍ତ କହିଛନ୍ତି।

## ବଳଭଦ୍ର ଜୈବିକ ମିଶନ ଚାଷକୁ ସରକାରଙ୍କ ଗୁରୁତ୍ୱ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୧।୩(ରବିନାରାୟଣ ଜେନା)

ରାଜ୍ୟରେ ଜୈବିକ ଚାଷକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ଚାଷ ମିଶନ ଶୁଭାରମ୍ଭ ହୋଇଛି। ଏହି ଯୋଜନା ୨୦୨୫–୨୬ରୁ ୨୦୨୯–୩୦ ଦୀର୍ଘ ୫ ବର୍ଷ ମଧ୍ୟରେ ୯୦ ହଜାର ୬୭୦ ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ପ୍ରଶ୍ନକାଳରେ କହିଛନ୍ତି। ସଦସ୍ୟ ଦୁର୍ଗା ଚରଣ ତନ୍ତିଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପକ୍ଷରୁ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୧୧ଟି ଜିଲାରେ ଏହି ଚାଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। ଏହି ଯୋଜନାର 'ଅମୃତ ଅନ୍ନ' ବିଭାଗ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଓ ମହାପ୍ରସାଦ ନିମନ୍ତେ ରସାୟନମୁକ୍ତ, ଜୈବିକ ସୁଗନ୍ଧିତ ଚାଉଳ ଓ ଡାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି। ଏହା ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବ। ଚଳିତବର୍ଷ ରାଜ୍ୟରେ ମୋଟ ୧୬,୮୭୦ ହେକ୍ଟର ଜମିରେ ଜୈବିକ ଚାଷ କରାଯାଇଛି। ତନ୍ମଧ୍ୟରେ ୨୭୦ ହେକ୍ଟରରେ ଅମୃତ ଅନ୍ନ ଚାଷ କରାଯାଉଛି । ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ଚାଷୀମାନଙ୍କ ସଚେତନତା କାର୍ଯ୍ୟକ୍ରମ ସହିତ ଦକ୍ଷତା ବୃଦ୍ଧି, ଜୈବ ଇନ୍‌ପୁଟ ଉତ୍ପାଦନ ଓ ସେଗୁଡ଼ିକର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜୈବିକ ଚାଷର ପ୍ରମାଣୀକରଣ ସହିତ ଚାଷୀମାନଙ୍କ ଆୟ ବଢ଼ାଇବା ପାଇଁ ଜୈବିକ ଉତ୍ପାଦଗୁଡ଼ିକର ପ୍ରାଥମିକ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଏବଂ ଜୈବିକ ଉତ୍ପାଦର ବଜାର ସମ୍ପର୍କ ସ୍ଥାପନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଉଦ୍ଧାର ବେଳେ ସାପ କାମୁଡ଼ାରେ ଯୁବକ ମୃତ

ଆନନ୍ଦପୁର,୧୧।୩ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା କଳରାଗଡ଼ିଆ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମାଛ ଜାଲରେ ପଡ଼ିଯାଇଥିବା ସାପକୁ ଉଦ୍ଧାର ସମୟରେ ଅଘଟଣ ଘଟିଥିଲା। ମୃତ ଯୁବକ ହେଲେ ସୁଜିତ ନାଏକ (୪୫)। ସୂଚନା ଅନୁଯାୟୀ, ସୁଜିତ ମାଛ ଧରିବା ପାଇଁ ଗ୍ରାମ ନିକଟସ୍ଥ ବୈତରଣୀ ନଦୀରେ ଜାଲ ପକାଇଥିଲେ। ବୁଧବାର ସକାଳୁ ଜାଲ କାଢ଼ିବାକୁ ଯାଇଥିଲେ। ଜାଲରେ ଏକ ବିଷଧର ସାପ ଫସିରହିଥିଲା। ସାପଟିକୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ସମୟରେ ସାପ ଚୋଟ ମାରିଥିଲା। ଖବର ପାଇ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଯିବା ବାଟରେ ତଥା ଚଣ୍ଡିଖୋଲ ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ବିଶୁଦ୍ଧ ପାନୀୟଜଳ ପାଇଁ ବେଲଗାଁ ପଞ୍ଚାୟତ ପୁରସ୍କୃତ



କେନ୍ଦ୍ର ଜଳ, ଶକ୍ତିମନ୍ତ୍ରୀ ସି.ଆର୍. ପାଟିଲଙ୍କଠାରୁ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି। (ଫଟୋ– ଚମନ ଗୌତମ)

ହିଞ୍ଜିଳିକାଟୁ, ୧୧ ।୩(ଦ୍ୱିତୀକୃଷ୍ଣ ପଣ୍ଡା)

ପଞ୍ଚାୟତରେ ଜଳ ଜୀବିକା ମିଶନ ଆନୁକୁଲ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପରିଚାଳନାରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁ ପଞ୍ଚାୟତ ପୁରସ୍କୃତ ହୋଇଛି। ବୁଧବାର ଦିଲୀ ବିଜ୍ଞାନ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିବା ବେଳେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର୍ , ପାଟିଲଙ୍କଠାରୁ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ପୁରସ୍କାର ଗ୍ରହଣ କରିଛନ୍ତି। ଗ୍ରାମ ପଞ୍ଚାୟତ ପୁରସ୍କୃତ ହେବା ପରେ ବ୍ଲକ୍, ପଞ୍ଚାୟତରେ ଖୁସି ପ୍ରକାଶ ପାଇଛି।

## ‘ସଂଖ୍ୟା ନ ଥାଇ ନିର୍ବାଚନ ଜିତିବୁ କହିବାର ଅର୍ଥ ଘୋଡ଼ା ବେପାର’

### ରାଜ୍ୟ ସଭା ନିର୍ବାଚନକୁ ନେଇ ନରସିଂହ ମିଶ୍ରଙ୍କ ପ୍ରତିକ୍ରିୟା

ବଲାଙ୍ଗୀର,୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ସମ୍ପ୍ରତି ରାଜ୍ୟ ସଭା ନିର୍ବାଚନ ପ୍ରସଙ୍ଗ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ପ୍ରସଙ୍ଗରେ ଗଣମାଧ୍ୟମ ପ୍ରତିନିଧିମାନେ ବୁଧବାର ସ୍ଥାନୀୟ ସର୍କିଟ ହାଉସଠାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ପ୍ରଶ୍ନ କରିଥିଲେ। ନରସିଂହ କହିଥିଲେ, କଂଗ୍ରେସ ଓ ବିଜେଡି ପାଖରେ ୬୩ଟି ଭୋଟ ରହିଛି। ଦୁଇଟି ପ୍ରାର୍ଥୀ ଜିତିବା ପାଇଁ ୬୦ଟି ଭୋଟ ଆବଶ୍ୟକ। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି–କଂଗ୍ରେସର ୨ ପ୍ରାର୍ଥୀ ନିର୍ବାଚନ ଜିତିପାରିବେ। ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ଜଣେ ପ୍ରାର୍ଥୀ ହେବା ଏବଂ ନିର୍ବାଚନ ଜିତିବୁ ବୋଲି କହିବାର ଅର୍ଥ ‘ଘୋଡ଼ାବେପାର’ ବୋଲି ମିଶ୍ର କହିଥିଲେ। ଆବଶ୍ୟକ ସଂଖ୍ୟା ନ ଥାଇ ଯେଉଁ ବନ୍ଧୁ ପ୍ରାର୍ଥୀ ହୋଇଛନ୍ତି, ତାଙ୍କ ପ୍ରାର୍ଥିତ୍ୱକୁ ଭାଜପା ମୋହର ମାରୁଛି। ତେବେ ଘୋଡାବେପାରକୁ ସମର୍ଥନ କରୁଛି ବୁଝିବାକୁ ହେବ ବୋଲି ସେ କହିଛନ୍ତି। ସବୁ କିଛି ଠିକ୍‌ଠାକ୍ ଚାଲିଲେ କଂଗ୍ରେସ ଓ ବିଜେଡିର ମିଳିତ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା ରାଜ୍ୟ ସଭା ନିର୍ବାଚନ ଜିତିବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

# କିଡ୍‌ନୀର ସୁରକ୍ଷା ଜରୁରୀ



## ଆଜି ବିଶ୍ୱ କିଡ୍‌ନୀ ଦିବସ

ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାର ପାଳିତ ହୋଇଆସୁଛି ବିଶ୍ୱ କିଡ୍‌ନୀ ଦିବସ। କିଡ୍‌ନୀ ବା ବୃକ୍କ କିପରି ସୁସ୍ଥ ରହିବ ସେ ସମ୍ବନ୍ଧରେ ସଚେତନ କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତବର୍ଷ ଉକ୍ତ ଦିବସ ଲାଗି ବାର୍ତ୍ତା ରହିଛି– ‘ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ – ଲୋକଙ୍କ ଯତ୍ନ ନେବା, ଗ୍ରହକୁ ସୁରକ୍ଷା ଦେବା।’ ଏକ ସର୍ଭେରୁ ଜଣାପଡିଛି, ସାରା ବିଶ୍ୱରେ ପାଖାପାଖି ୮୫ କୋଟି ବ୍ୟକ୍ତି କୌଣସି ନା କୌଣସି କିଡ୍‌ନୀ ରୋଗରେ ଆକ୍ରାନ୍ତ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, କିଡ୍‌ନୀ ସମସ୍ୟା ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ମୃତ୍ୟୁର ଅନ୍ୟତମ ପ୍ରଧାନ କାରଣ। ବୃକ୍କ ଅକ୍ଷମତା ବା କିଡ୍‌ନୀ ଫେଲିଓର ଲାଗି ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହାକୁ ମଧ୍ୟ ସୁଗମ କରିଦେଇଛି ପୃଥୁଳତା ଓ ବୟସ ବୃଦ୍ଧି, ପାରିବାରିକ ପ୍ରଭାବ ଏବଂ ନିଶାଦ୍ରବ୍ୟ ସେବନ। କିଡ୍‌ନୀଦ୍ୱୟ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନ କାର୍ଯ୍ୟ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ।

ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ଏଥିପାଇଁ ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭–୮ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରନ୍ତୁ। ଏହାର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହାୟତା ନିଅନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

# ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ

### ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ, ସଦସ୍ୟ ନିଯୁକ୍ତି ମାମଲା

କଟକ,୧୧।୩(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ସ୍ଥାୟୀ ଉପାଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପ୍ରସଙ୍ଗରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାରେ ଅଦାଲତଙ୍କ ପୂର୍ବ ଆଦେଶ ଅନୁସାରେ ବୁଧବାର ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ସତ୍ୟପାଠ ଦାଖଲ ହୋଇଛି। ଏହି ସତ୍ୟପାଠରେ ସ୍ୱୀକାର କରାଯାଇଛି, ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦରେ ରାଜ୍ୟର ଉଚ୍ଚ ଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ରହିଥିବା ବେଳେ ସ୍ଥାୟୀ ଉପାଧ୍ୟକ୍ଷ ନାହାନ୍ତି ଏବଂ ୧୫ରୁ ୧୩ ସଦସ୍ୟ ପଦବୀ ଖାଲି ପଡ଼ିଛି। ପୁନଶ୍ଚ ସତ୍ୟପାଠରେ ଉଲ୍ଲେଖ ରହିଛି, ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଅଧିନିୟମ ୨୦୧୭ ଧାରା ୪ (୪) ଅନୁସାରେ ଉପାଧ୍ୟକ୍ଷ ନିଯୁକ୍ତି ପାଇଁ ସରକାର ତା ୨୦।୦୨।୨୦୨୫ରିଖରେ ବିଜ୍ଞପ୍ତି ଜାରି କରି ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବଶା (ସଦସ୍ୟ) ଓ ଉଚ୍ଚଶିକ୍ଷା ବିଭାଗର ସଚିବ (ଆବାହକ ସଦସ୍ୟ)ଙ୍କୁ ନେଇ ଏକ ସର୍ଚ୍ଚ କମିଟି ଗଠନ କରିଛନ୍ତି। ଉକ୍ତ ସର୍ଚ୍ଚ କମିଟି ୦୩–୦୯–୨୦୨୫ରେ ଏକ ମିଟିଂ କରି ଉପାଧ୍ୟକ୍ଷ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଜରିଆରେ ଆଶାୟୀ ପ୍ରାର୍ଥୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଅନୁସାରେ ୨୫।୦୨।୨୦୨୬ ତାରିଖରେ ଦୁଇଟି ଇଂଲିଶ ଓ ଦୁଇଟି ଓଡ଼ିଆ ଖବରକାଗଜରେ ଉପାଧ୍ୟକ୍ଷ ପଦ ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଛି। ସ୍ଥାୟୀ ଉପାଧ୍ୟକ୍ଷ ଓ ୧୩ଟି ସଦସ୍ୟ ପୂରଣ କରିବା ନିମନ୍ତେ ବୈଧାନିକ ସର୍ତ୍ତ ପୂରଣ ସହିତ ଏକ ବିସ୍ତୃତ ପ୍ରକ୍ରିୟା ଜଡ଼ିତ ଥିବାରୁ ଏଥିନିମନ୍ତେ ସରକାରଙ୍କ ପକ୍ଷରୁ ୪ ମାସ ସମୟ ଦେବାକୁ ଅଦାଲତଙ୍କୁ ନିବେଦନ କରାଯାଇଛି। ଏହା ମଧ୍ୟ ଦର୍ଶାଯାଇଛି, ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ୦୮।୦୮।୨୦୨୪ରେ ଇସ୍ତଫା ପରେ ପ୍ରଶାସନିକ ବାଧ୍ୟବାଧକତାରେ ଏକ ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଉଚ୍ଚ ଶିକ୍ଷା ବିଭାଗର ସଚିବଙ୍କୁ ୦୬।୦୯।୨୦୨୪ରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଥିଲା। ଅଦାଲତ ଆବେଦନକରୀଙ୍କୁ ପ୍ରତିଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।


**ROURKELA DEVELOPMENT AUTHORITY**
UDITNAGAR : ROURKELA-769012
No. 318 /RDA., dated 06.03.2026
**PROCLAMATION**
**No.13001/567/2526** : It is hereby informed to the General public that, **Smt. Anita Das**, has applied for mutation of **House No. M/21**, under CHP-I, in her favour consequent upon death of she **husband Late Chittaranjan Das**. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
OIPR-13001/13250/1/25-26/0051 Rourkela Development Authority

**ROURKELA DEVELOPMENT AUTHORITY**
UDITNAGAR : ROURKELA-769012
No. 284 /RDA., dated 05.03.2026
**PROCLAMATION**
**No.13001/568/2526** : It is hereby informed to the General public that, **Suvendu nath Praharaj, Vijay Laxmi Nath, Aprajita Nath** have applied for mutation of **House site No. M/50**, under Site & Services Scheme, Phase-I, Chhend, Rourkela-15, in his favour consequent upon death of their **Nephew & Neice Late Raghunath Nath**. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
OIPR-13001/13250/1/25-26/0052 Rourkela Development Authority

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051:
Phones:06861-232581(O)/ 232641(R), Fax-06861-232541, Email- unit.head_balimela@yahoo.com
REGD.OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, Fax:2542102,
GRAM:HYDROPOWER, E-Mail:ohpc.co@gmail.com/md@ohpcltd.com, WEB: www.ohpcltd.com,
CIN: U40101OR1995SGC003963, GSTIN-21AAACO2575P1Z9
TENDER CALL NOTICE No.BHEP/TECH/71/2025-26, Dated 09.03.2026
**No.4001/62/2526:** The Sealed tenders are invited in single part bid basis from the Manufacturer/ Reputed Suppliers/ Authorised Dealers for supply of materials as detailed below.

| Sl.No. | Description of Items | Cost of Tender Paper (in Rs.) |
|---|---|---|
| 1 | Supply of 02 Nos. of 20 HP (15 KW) Kirloskar Make Mono Block Pump Set for BHEP, Balimela | Rs.2360/- Inclusive of GST @ 18% |

The Sale of Tender Paper will be from: 13.03.2026 to 23.03.2026 (upto 11.00 hrs.). The Last date & time of receipt of tenders: Upto 12.00 Hrs. of 23.03.2026. Date and Time of Opening of the Bid: 23.03.2026 at 12.30 Hrs.
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com.
OIPR-4001/4019/1/25-26/0008 Sd./- C & P Head, BHEP, Balimela

No.32001/198/2526
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SORO CANAL DIVISION, SORO**
E-mail id : eescdsoro@gmail.com
E-procurement Notice No.SESCD-12 of 2025-26

| E-Procurement officer | Name of the work | Bid id No | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender online for bidding: From | To | Date of opening of Bid |
|---|---|---|---|---|---|---|---|---|---|---|
| Superintending Engineer Soro Canal Division, Soro | Hiring of one no. of Vehicle for the period from 01.04.2026 to 31.03.2027 to be used in the office of the Assistant Executive Engineer, Soro Canal Sub-Division No.-II, Nilgiri | SESCD-12/01 of 2025-26 | 4.47 Lakhs | Rs.5000/- | Nil | Travel Agencies/Tour Operators or Private individuals | 12 (Twelve) calendar months | 13.03.26 11.00 AM | 23.03.26 3.30 PM | 23.03.26 04.30 PM |
| | Hiring of one no. of Vehicle for the period from 01.04.2026 to 31.03.2027 to be used in the office of the Assistant Executive Engineer, Soro Canal Sub-Division No-III, Balasore | SESCD-12/02 of 2025-26 | 4.47 Lakhs | Rs.5000/- | Nil | Travel Agencies/Tour Operators or Private individuals | 12 (Twelve) calendar months | 13.03.26 11.00 AM | 23.03.26 3.30 PM | 23.03.26 04.30 PM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancellation if any required will be published in Govt. website only.
Sd./- Superintending Engineer
OIPR-32001/32265/1/25-26/0001 Soro Canal Division, Soro

**ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**
ବ୍ଲକସ୍ତରୀୟ ସମୀକ୍ଷା ଜନଶୁଣାଣି
No. 19001/79/2526: ଏତଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨ (ବାଇଶିଟି) ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସମଗ୍ର ଶିକ୍ଷାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମ ଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ। ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୨୦୨୫–୨୬ (୧ ଏପ୍ରିଲ ୨୦୨୫ଠାରୁ ୩୦ ସେପ୍ଟେମ୍ବର ୨୦୨୫) (MGNREGS), (ସମଗ୍ର ଶିକ୍ଷା, ୨୦୨୪–୨୫) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣୀ ଦ୍ୱାରା କରାଯିବ।
ଏଣୁ ଆପଣଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗ ଦେଇ ଉପରୋକ୍ତ କାର୍ଯ୍ୟକାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ରମିକ ନଂ. | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ. | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୧୧।୦୩।୨୦୨୬ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୧୯।୦୩।୨୦୨୬ |
| ୨ | ବେଗୁନିଆପଡ଼ା | ୧୨।୦୩।୨୦୨୬ | | | ୧୩ | କବିସୂର୍ଯ୍ୟନଗର | ୦୮।୦୪।୨୦୨୬ |
| ୩ | ବେଲଗୁଣ୍ଠା | ୨୩।୦୩।୨୦୨୬ | | | ୧୪ | ଖଲ୍ଲିକୋଟ | ୨୫।୦୩।୨୦୨୬ |
| ୪ | ଭଞ୍ଜନଗର | ୩୦।୦୩।୨୦୨୬ | | | ୧୫ | କୁକୁଡ଼ାଖଣ୍ଡି | ୨୬।୦୩।୨୦୨୬ |
| ୫ | ବୁଗୁଡ଼ା | ୨୪।୦୩।୨୦୨୬ | | | ୧୬ | ପାତ୍ରପୁର | ୦୨।୦୪।୨୦୨୬ |
| ୬ | ଛତ୍ରପୁର | ୦୭।୦୪।୨୦୨୬ | | | ୧୭ | ପୋଲସରା | ୨୦।୦୩।୨୦୨୬ |
| ୭ | ଚିକିଟି | ୧୬।୦୩।୨୦୨୬ | | | ୧୮ | ପୁରୁଷୋତ୍ତମପୁର | ୧୩।୦୪।୨୦୨୬ |
| ୮ | ଧରାକୋଟ | ୩୧।୦୩।୨୦୨୬ | | | ୧୯ | ରଙ୍ଗେଇଲୁଣ୍ଡା | ୦୯।୦୪।୨୦୨୬ |
| ୯ | ଦିଗପହଣ୍ଡି | ୧୭।୦୩।୨୦୨୬ | | | ୨୦ | ସାନଖେମୁଣ୍ଡି | ୦୬।୦୪।୨୦୨୬ |
| ୧୦ | ଗଞ୍ଜାମ | ୧୩।୦୩।୨୦୨୬ | | | ୨୧ | ଶେରଗଡ଼ | ୦୪।୦୪।୨୦୨୬ |
| ୧୧ | ହିଞ୍ଜିଳିକାଟୁ | ୧୮।୦୩।୨୦୨୬ | | | ୨୨ | ସୋରଡ଼ା | ୧୦।୦୪।୨୦୨୬ |

ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-19001/19372/1/25-26/0003 ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର

**OFFICE OF THE NOTIFIED AREA COUNCIL, BANPUR**
Phone No.06756 253091, Email Id: ulbnac.banpur@gmail.com
No.520/ Dt.10.3.26
QUOTATION CALL NOTICE
No.13001/597/2526: Sealed quotations in plain paper/ letter pad are invited from the intending Registered Firms/ Authorized distributors/ dealers having valid PAN Card and GSTIN for supply and installation of following items, complete in all respect of Banpur NAC (Non Schedule works). The details of Quotation, Term and Condition are available in office website www.banpurnac.in and in office during office hour from 12.03.2026, 11.00 AM to 20.03.2026, 4.00 P.M.
Sd./- Executive Officer
OIPR-13001/13177/1/25-26/0024 Banpur NAC

**OFFICE OF THE MUNICIPAL COUNCIL : BALANGIR**
Address: Office of the Municipal Council, Balangir,
Opp of Rajendra Park, Balangir, Pin-767001,
Ph.No.:06652-232790, E-Mail id: bgrmc1972@gmail.com
Letter No.1527/BM/ Date:07.03.2026
No.13001/576/2526: The Executive Officer, Balangir Municipality, Balangir (Odisha) on behalf of Balangir Municipality invites Expression of Interest (EOI) for “Conducting drone aided survey and preparation of orthomosaic drawings for storm water drainage master plan of Balangir Municipality area” from the engineering consultants/Consulting registered architectural firms that have requisite experience in drone aided Arial survey and preparation of orthomosaic drawing for preparation of drainage/Sewerage network plan.
1. Intending bidders have to download the documents from the District Web portal i.e. https://balangir.odisha.gov.in or municipality web portal i.e. http://www.balangirmunicipality.in and submit their bids through regd. Post/ Speed Post to the Office of the undersigned.
2. The bid documents is to be submitted offline from 10.30 A.M. of Dt.07.03.2026 to 5.00 P.M. of Dt.17.03.2026 through Regd. Post/ Speed Post to the Office of the undersigned.
3. Bids received through offline mode will be opened at 11.00 A.M. on Dt.18.03.2026 in the Office of the undersigned.
Sd./-
OIPR-13001/13169/1/25-26/0009 Executive Officer, Balangir Municipality

**GOVERNMENT OF ODISHA**
**OFFICE OF THE PANCHAYAT SAMITI, DASARATHPUR, JAJPUR**
No.19001/78/2526
e-PROCUREMENT NOTICE NO.
Tender Online 03 DASARATHPUR of 2025-26
1. Name of work : **Building Works**
2. Total No. of Work : **03 Nos. Building Works**
3. Estimated Cost (Approx) : **Rs.25.05 to 25.82 Lakhs**
4. Period of Completion : **180 Days**
5. Class of contractors : **“C & B” Class**
**Other details as follows :**
a) Procurement officer : **Block Development Officer, Dasarathpur, Jajpur**
b) Availability of tender online & submission of bid : **16.03.2026 at 10.00 A.M. to 25.03.2026 upto 5.00 P.M.**
c) Last date & time of seeking of tender clarification : **25.03.2026 up to 5.00 P.M.**
d) Opening of Technical Bid : **26.03.2026 at 11.30 A.M.**
Further details can be seen from the Govt. website www.tendersodisha.gov.in
Note : If situation arises the transparent lottery will be held on 30.03.2026, at 11:30 A.M.
Sd./- Block Development Officer
OIPR-19001/19353/1/25-26/0001 Dasarathpur

No.34001/164/2526
GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No.CCE, S.C. (R&B)-BAM-17/2025-26 No.677 / Dated : 05.03.2026
1) The **Chief Construction Engineer, Southern (R&B) Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Building and Road works** as detailed in the table below.
2) Nature of work : Building and Road Works
3) No. of work : 05 Nos.
4) Tender Cost : Rs.10,000/- (online)
5) Class of Contractor : ‘B’ Class / ‘A’ Class / Special Class
6) Availability of Bid document in the Website : 23.03.2026, 10.00 A.M. to 06.04.2026 5.30 P.M.
7) Date of Opening of Bid : 07.04.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.
Sd./- (Damodar Kaibartta)
Chief Construction Engineer
OIPR-34001/34103/1/25-26/0028 Southern (R&B) Circle, Berhampur

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
*Office Order No. : 64/1F (Account), Dated 10.03.2026*
**No.8001/148/2526** : The tender for Supply and Commissioning of Cafe-Cum-Souvenir Shops for Different Nature Camps Under Similipal North Wildlife Division, Jashipur, Mayurbhanj, Odisha During 2025-26 vide this office tender call notice No.1093, dtd.06.03.2026 is hereby cancelled due to following reason.

| Sl. No. | Name of the work | Remarks |
|---|---|---|
| 01 | Supply and Commissioning of Cafe-Cum-Souvenir Shops for Different Nature Camps Under Similipal North Wildlife Division, Jashipur, Mayurbhanj, Odisha During 2025-26 | Tender Cancelled due to Administrative Exigency |

Sd./- (Sri Prashant Patel, IFS) Deputy Director,
OIPR-8001/8133/1/25-26/0021 Similipal (North) WL Division, Jashipur

ପରିପତ୍ର ସଂଖ୍ୟା 1410 ତା.10.3.26 ରିଖ
**ବାଲେଶ୍ୱର ପୌରପରିଷଦ, ବାଲେଶ୍ୱର**
Corrigendum Auction Call Notice (ସଂଶୋଧନ ପତ୍ର) Connected to previous ACN No. 727/Dt.06.02.2026 & 1189/25.02.2026 (ଉକ୍ତ ସଂଶୋଧନ ପତ୍ରଟି ପୂର୍ବବର୍ତ୍ତୀ ନିଲାମ ପତ୍ର ସଂଖ୍ୟା 727/Dt.06.02.2026 & 1189/25.02.2026 ସହିତ ସମ୍ପର୍କିତ ଅଟେ ।
No.13001/575/2526: ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ । ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.୧୧.୦୨.୨୦୨୬ ରିଖରୁ ତା.୧୨.୦୩.୨୦୨୬ ରିଖ ମଧ୍ୟରେ ଯାହାକି ଅପରାହ୍ନ ୦୩.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଥିଲା, ତାହା ବର୍ଦ୍ଧିତ କରାଯାଇ ତା.୨୩.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନ୍ୟସ୍ତ କରାଗଲା । ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା:୨୩.୦୩.୨୦୨୬ ରିଖ ପର୍ଯ୍ୟନ୍ତ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୦୩.୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ସଂଶୋଧନ ପତ୍ର ଅନୁସାରେ ତା.୨୪.୦୩.୨୦୨୬ ରିଖ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ ।
(Can also be Obtained in detail from Govt. Website- http://balasore.odisha.gov.in)
Sd./- Executive Officer
OIPR-13001/13154/1/25-26/0018 Balasore Municipality

**OFFICE OF THE NOTIFIED AREA COUNCIL, DASPALLA**
Tender Call Notice No.791, Dt.10.03.2026
E-mail: nacdaspalla@gmail.com
Bid Identification No.NAC-Daspalla/05/2025-26
**No.13001/593/2526:** The Executive Officer, NAC, Daspalla, Dist-Nayagarh inviting percentage rate bid in offline mode for the work mentioned below from eligible contractors as detailed in the table below.
1. Nature of Work : Supply and Installation of 3 Nos. of Bus Shelters as per Diagram with Structural



and Basement work and other Ornamental Lights and Decorative Items.
2. No. of Work : 1 No.
3. Class of Contractor : D Class/C Class/MSME Registered Firm
4. Available of Bid document : From Dt.12.03.2026 11.00 AM at the Office of NAC, Daspalla
5. Paper Cost to be Deposited : Rs.4000.00 through Cash
6. EMD to be Deposited : 1 % of the Project Cost
7. Last Date of availability : Dt.19.03.2026 Upto 5.00 PM
8. Date and Time of Opening of Bid : Dt.20.03.2026 at 11.00 AM
The Bidders have to participate through Register Post or Speed Post only to the Office of NAC, Daspalla, District- Nayagarh, Pincode- 752084.
Sd./- Executive Officer
OIPR-13001/13141/1/25-26/0008 NAC, Daspalla

**OFFICE OF THE NOTIFIED AREA COUNCIL, JUNAGARH**
No-406/NAC(J) Date : 10.03.2026
“e” Procurement Notice
Bid Identification No.-JNG/NAC/03/2025-26
**No.13001/599/2526** : Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.
1. Name of the work : Civil works under NAC Junagarh
2. Eligibility : “C” & “D” Class Contractor
3. No of works : 05 (Five)
4. Value of works : 2.00 Lakhs to 4.00 lakhs
5. Completion Period : 30 Days
6. Date and Time of Availability Bid Documents in the Portal : From 10 A.M. of 12.03.2026 to 5 PM of 18.03.2026
7. Last Date and time for Submission : 18.03.2026 up to 5 PM
8. Bid opening date/time : 19.03.2026 at 11 AM
9. Bid opening place : NAC Office NAC Junagarh
Further details can be seen from the procurement portal i.e. www.tendersorissa.gov.in.
Sd./- Executive Officer
OIPR-13001/13133/1/25-26/0013 NAC Junagarh

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ବ୍ରଜରାଜନଗର,୧୧।୩(ବିଜୟ ବରାଡ଼):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ସାନଯୋବ-ବେଲପାହାଡ଼ ରାସ୍ତାର ଏକ ସ୍ଥାନରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ପତ୍ରାପାଲିର ପ୍ରତାପ ମୁଣ୍ଡା(୧୯) ଓ ଜିତେନ ମୁଣ୍ଡା(୨୦)। ପ୍ରତାପ ଓ ଜିତେନ ଏକ ବାଇକ୍‌ରେ ବେଲପାହାଡ଼ ପଟୁ ବ୍ରଜରାଜନଗର ଅଭିମୁଖେ ଦ୍ରୁତଗତିରେ ଯାଉଥିଲେ। ହେଲେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯିବାରୁ ଉଭୟ ଗୁରୁତର ହୋଇଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ସମ୍ପାଦକଙ୍କ ପୁଅ ସମ୍ପାଦକ, ଜ୍ୱାଇଁ ସହସମ୍ପାଦକ

- ମରାଡୁଗୋଛା ପାକ୍ସରେ ବେଆଇନ ନିଯୁକ୍ତି
- ନିଯୁକ୍ତି ଦେଇଛନ୍ତି ସୁବର୍ଣ୍ଣପୁର ଡିଆର୍‌ସିଏସ୍

**ସୋନପୁର,୧୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ବେଆଇନ ନିଯୁକ୍ତି ହୋଇଛି। ଅଞ୍ଚଳର ଚାଷୀ ଓ ବୁଦ୍ଧିଜୀବୀ ଏ ନେଇ ଜିଲାପାଳ ଡ. ନୃପରାଜ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମରାଡୁଗୋଛା ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶଙ୍କ ପୁଅ ଅମ୍ବରିଶ ଦାଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକଭାବେ ନିଯୁକ୍ତ କରାଯାଇଛି। ସେହିପରି ଜ୍ୱାଇଁ ତଥା ବରଗଡ଼ ଜିଲା ବରପାଲି ବ୍ଲକ୍ ରେମେଡ ଗାଁର ଅନିଲ କୁମାର ଦାଶଙ୍କୁ ସହସମ୍ପାଦକଭାବେ ଗତ ଫେବୃଆରୀରେ ନିଯୁକ୍ତି ଦିଆଯାଇଛି। ସହସମ୍ପାଦକ ଅନିଲ ସମିତିର କାର୍ଯ୍ୟକାରୀ ସୀମା ବାହାର ପଡ଼ୋଶୀ ବରଗଡ଼ ଜିଲାର। ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଏହି ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି।

ସରକାରଙ୍କ ନିୟମ ଅନୁସାରେ, ପାକ୍ସ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସେହି ପାକ୍ସରେ ନିଯୁକ୍ତି ମିଳିପାରିବନାହିଁ। କିନ୍ତୁ ଏଠାରେ ସରକାରୀ ନିୟମକୁ ଅଣଦେଖା କରାଯାଇଛି। ବିଜ୍ଞାପନ ପ୍ରକାଶ ନ କରି ବେଆଇନ ଭାବେ ଲୁଚାଛପାରେ ଏହି ନିଯୁକ୍ତି ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁସାରେ ଏଥିପାଇଁ ନିଯୁକ୍ତି କମିଟି ମଧ୍ୟ ଗଠନ କରାଯାଇନାହିଁ। ଏ ସମ୍ପର୍କରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସୋନପୁର ମଣ୍ଡଳ(ଏଆରସିଏସ୍) ଭବାନୀ ଶଙ୍କର ଦାଶ କୁହନ୍ତି, ମୋ ଅଜାଣତରେ ଏହି ନିଯୁକ୍ତି ଦିଆଯାଇଛି। ଏ




ମରାଡୁଗୋଛା ପାକ୍ସ

ସମ୍ପର୍କରେ ଏଆରସିଏସ୍ ଅଫିସରେ କୌଣସି ତଥ୍ୟ ନାହିଁ। ସୁବର୍ଣ୍ଣପୁର ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ କହିଛନ୍ତି, ପାକ୍ସ ସମ୍ପାଦକ ନବୀନ ଦାଶ ନିଜର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଠିକ୍ ଭାବେ କାମ କରିପାରୁ ନ ଥିଲେ। ଏଥିପାଇଁ ସ୍ୱେଚ୍ଛାକୃତ ଅବସର(ଭିଆର୍) ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର ସୁପାରିସ୍‌କୁ ମୁଁ କେବଳ ଅନୁମୋଦନ କରିଛି ବୋଲି ଡ. ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷେ ଜିଲାପାଳ ଡ. ନୃପରାଜ ସାହୁଙ୍କୁ ପଚାରିବାରୁ ବେଆଇନ ନିଯୁକ୍ତି ସମ୍ପର୍କରେ ତାଙ୍କ ନିକଟକୁ ଅଭିଯୋଗ ଆସିଥିଲା। ସମ୍ପାଦକଙ୍କ ପୁଅ ଓ ଜ୍ୱାଇଁଙ୍କୁ ସେଠାରେ ବେଆଇନଭାବେ ନିଯୁକ୍ତି ଦିଆଯାଇଛି। ଅଭିଯୋଗକ୍ରମେ ଡିଆରସିଏସ୍‌ଙ୍କୁ ସ୍ପଷ୍ଟୀକରଣ ମଗାଯିବା ସହ ଆବଶ୍ୟକ ଫାଇଲ ଦାଖଲ କରିବାକୁ କୁହାଯାଇଛି। କାଗଜାତ ଦେଖିଲା ପରେ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

# Classified Everyday

**0674-2580101, 9692975378**



## REAL ESTATE

### SALE

2000 sqft. commercial for rent, near Ganesh Mandap, Jharapada, Mobile No.- 9937287807. D-3604

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




All types of physiotherapy and massage contact 9556924059 / 7656969134. D-3591

## AFFIDAVIT

By virtue of an affidavit sworn before Executive Magistrate, Basudevpur, Dtd.- 23.02.26, I, Abhaya Kumar Das, 42 years, S/o.- Sridhar Das, At- Mamadila, P.O.- Patanamishrapur, P.S.- Naikanidihi solemnly declare that as per my daughter birth certificate her name is Ananya Das but in Aadhaar card it is mentioned as Annya Das. Henceforth, she will named as Ananya Das for all purpose. D-3605

By virtue of an affidavit sworn before the Executive Magistrate, Badbil, dated 05.03.2026, I, Rama Munda, resident of At- Jhadagaon, P.O.- Bhadrasahi, P.S.- Barbil, Dist.- Keonjhar, Odisha-758035 declare that I have changed my name from “Mara Munda” to “Rama Munda”. Henceforth, I shall be known as “Rama Munda” for all purposes.
Rama Munda
D-3609

By virtue of an affidavit sworn before Executive Magistrate, Basudevpur, Dtd.- 27.02.26, I, Dipak Kumar Nayak, son of Kailash Chandra Nayak, At/P.O.- Padmapur, P.S.- Basudevpur solemnly declare that my minor son formerly named as Kanha Nayak in some documents. Henceforth, he will be named and known as Ayush Kumar Nayak for all purpose. D-3606

By virtue of an affidavit sworn before Notary Public, Bhubaneswar, dated- 05.03.2026, I, Manjula Tripathy, Address: Plot No. 778/1351//1879, Syamapur, P.O./ P.S.- Bharatpur, Bhubaneswar- 751003, Dist.- Khordha declare that I have changed my name from Manjula Panda to Manjula Tripathy. Henceforth, I shall be known as Manjula Tripathy for all purposes.
Manjula Tripathy
D-3607

I, Premalata Giri, W/o. Sameer Tamang, D/o. Bachu Giri, R/o. At- Bhuyanpada, P.O.- OMP Line, P.S./Dist.- Jharsuguda, Odisha, PIN- 768204 declare by this affidavit No.174, Dtd.- 26.02.2026 that now onwards I shall be known as Premlata Tamang for all future purposes. D-3608


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।

BHIM UPI

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LOST

ମୁଁ, ପଞ୍ଚାନନ ସ୍ୱାଇଁ, ପି- ଘନଶ୍ୟାମ ସ୍ୱାଇଁ, ଗ୍ରାମ- ଦିଘି, ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡା ଜଣାଉଅଛି କି ମୌଜା/ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା, ଥାନା ନଂ- ୮୭, ଖାତା ନଂ. ୪୩୦/୯୧୯, ପ୍ଲଟ୍ ନଂ. ୧୧୭୬/୧୩୫୭ ଏ୦.୦୪୦ଡି ଜମିକୁ ରେଜେଷ୍ଟ୍ରି କବଲା ନଂ. ୧୦୯୮୨୩୦୦୧୩୬ ତା.୩୦।୦୧।୨୦୨୩ରେ ରାକେଶ ଓରଫ ରାକେଶ ହୃଷୀକେଶ ଦାସଙ୍କ ଠାରୁ ଖର୍ଦ୍ଦି କରି ନିଜ ନାମ ଦରଜ କରାଇ ମାଲିକ ସ୍ୱତ୍ୱବାନ ଦଖଲକାର ଅଛି। ଦୁର୍ଭାଗ୍ୟବଶତଃ ଉକ୍ତ ଜମିର ଘରବାଡି କିସମ ପରିବର୍ତ୍ତନ କଲା ପରେ ତହସିଲଦାର ରାଜନଗର ଆମ୍ଭ ନାମରେ ପ୍ରଦାନ କରିଥିବା ଅସଲ ଖତିୟାନ ମୌଜା ରାଜନଗର, ଖାତା ନଂ. ୪୩୦/୯୧୯, ଆମ୍ଭ ବିକ୍ରେତା ରାକେଶ ଦାସଙ୍କ ନାମରେ ସଂପାଦିତ ହୋଇଥିବା ଅସଲ ରେଜେଷ୍ଟ୍ରି କବଲା ନଂ. ୯୬୦ ତା.୨୦।୦୬।୨୦୦୮ରିଖ ଓ ରାକେଶ ଦାସଙ୍କ ନାମରେ ଥିବା ଅସଲ ଖତିଆନ ଖାତା ନଂ. ୪୩୦/୫୪୭ ମୁଁ ତା.୧୭।୦୧।୨୦୨୬ରିଖ ଦିବା ୧୦ ଘଟିକା ସମୟରେ ମୋ ଗ୍ରାମରୁ ରାଜନଗର ଆସୁଥିଲା ବେଳେ ବାଟରେ ହଜିଗଲା। ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ତାହାକୁ ପାଇପାରୁ ନାହିଁ। ମୁଁ ଏ ବିଷୟ ରାଜନଗର ଥାନାରେ ଲିଖିତ ଭାବେ ଜଣାଇ ଅଛି ଯାହା ରାଜନଗର ଥାନା ଡାଏରୀ ନଂ. ୦୧୫ ତା.୨୬।୦୧।୨୦୨୬ରିଖରେ ଲିପିବଦ୍ଧ ହୋଇଅଛି। ମୁଁ ଉକ୍ତ ଦୁଇଗୋଟି ଅସଲ ଖତିଆନ ମାନ ଓ କବଲାକୁ କୌଣସି ବ୍ୟକ୍ତି ବିଶେଷ, ବ୍ୟାଙ୍କ, ଅର୍ଥ ଲଗାଣ ସଂସ୍ଥା ନିକଟରେ ବନ୍ଧକ ଦଲିଲ ଭାବେ ଦାଖଲ କରି ଋଣ ଆଣି ନାହିଁ। ଯଦି କେହି ଉକ୍ତ ଖତିଆନ ଓ କବଲାମାନଙ୍କୁ ବନ୍ଧକ ଦଲିଲ ଭାବେ ଗ୍ରହଣ କରି ଋଣ ପ୍ରଦାନ କରିଥାନ୍ତି ତେବେ ଉକ୍ତ ବିଷୟ ଭାରତୀୟ ଷ୍ଟେଟ ବ୍ୟାଙ୍କ, ରାଜନଗର ଶାଖା, ସା/ପୋ- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା ୭୫୪୨୨୫ଙ୍କୁ ଉକ୍ତ ନୋଟିସ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ ଯାହାଙ୍କ ଠାରୁ ମୁଁ ଖତିଆନ ଓ କବଲା ମାନର ସହିମୋହର ନକଲ ଦାଖଲ କରି ଋଣ ଆଣିବାକୁ ଚାହୁଁଅଛି। ଯଦି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ କୌଣସି ଆପତ୍ତି ନ ମିଳେ ତେବେ ଧରାଯିବ ଉକ୍ତ ଖତିଆନ ଓ କବଲାମାନଙ୍କୁ କେହି ବନ୍ଧକ ଦଲିଲ ଭାବେ ଗ୍ରହଣ କରି ନାହାନ୍ତି ବୋଲି ବିବେଚନା କରାଯିବ।
ପଞ୍ଚାନନ ସ୍ୱାଇଁ
ଧ-୭୬୯୫୬

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No. 432, Dtd.- 10.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୪୦/ ୨୦୨୩

ରାକେଶ କୁମାର ରାଉତରାୟ .......ବାଦୀ
ବନାମ
ଗୀତାଞ୍ଜଳୀ ପାଲ ଓ ଅନ୍ୟମାନେ ......ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍- ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ପ୍ରତିବାଦୀ: ଶ୍ରୀମତୀ ବାରିକ, ସ୍ୱାମୀ- ପୁରୁଷୋତ୍ତମ ବାରିକ, ଠିକଣା: ସା- ସୋନୁପାଟ, ଥା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା

ନୋଟିସ

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ

ସାବକ: ଖାତା ନମ୍ବର- ୨୬୯, ପ୍ଲଟ୍ ନମ୍ବର- ୯୯୧, ରକବା- ମୋଟ ଏ.୨.୫୭୦ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୨୩୬/୧୩୬, ପ୍ଲଟ୍ ନମ୍ବର- ୪୨୨୩/୮୦୬୦, ରକବା- ମୋଟ ଏ.୦.୦୫୨ଡି., ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୪୨୩, ପ୍ଲଟ୍ ନମ୍ବର- ୪୨୨୩, ରକବା- ମୋଟ ୦.୧୦୪ଡି, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୨

Letter No. 432, Dtd.-10.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୫୦୮/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଚୌଧୁରୀ ତିଳୋତମା ଦାସ ଓ ଅନ୍ୟମାନେ ....ବାଦୀ/ଦରଖାସ୍ତକାରୀ
ବନାମ
ବସୁନ୍ଧରା ଇଷ୍ଟେଟର୍ସ ଡେଭେଲୋପର୍ସ ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ. ୨. ଶତ୍ରୁଘନ ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ୩. ଜର୍ମାନୀ ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ୪. ରବୀନ୍ଦ୍ର ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ଉପରୋକ୍ତ ସମସ୍ତଙ୍କ ଠିକଣା: ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୩୩, ମୌଜା- ଭୂଆସୁଣୀ

ସାବକ: ଖାତା ନମ୍ବର- ୨୨୬, ପ୍ଲଟ୍ ନମ୍ବର- ୪୨୪, କିସମ- ପୁରାତନ ପତିତ, ରକବା- ମୋଟ ଏ୦.୪୪୫ ସ୍ଥରୁ ଏ୦.୦୫୯, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୨୨୬, ପ୍ଲଟ୍ ନମ୍ବର- ୪୨୨, କିସମ- ପୁରାତନ ପତିତ, ରକବା- ମୋଟ ଏ ୧.୦୧୫ ସ୍ଥରୁ ଏ ୦.୦୪୧ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୫୭୦, ପ୍ଲଟ୍ ନମ୍ବର- ୨୧୭୮, କିସମ- ପତିତ, ରକବା- ମୋଟ ଏ ୦.୩୫୦ ସ୍ଥରୁ ଏ ୦.୦୫୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୧୫୭୦, ପ୍ଲଟ୍ ନମ୍ବର- ୨୧୭୫, କିସମ- ପତିତ, ରକବା- ମୋଟ ଏ ୦.୬୫୧ ସ୍ଥରୁ ଏ ୦.୦୪୧ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୧

I. No. 130, dtd.- 21.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଡକ୍ଟର ଆଶୁତୋଷ ସାମଲ, ଓଡ଼ିଶା ପ୍ରଶାସନିକ ସେବା (ଏସ୍ଏଜି), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର ୧୯/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅବିନାଶ ପାଢ଼ୀ, ପି- ଅଶ୍ୱିନୀ କୁମାର ପାଢ଼ୀ .......ବାଦୀ/ଦରଖାସ୍ତକାରୀ
ବନାମ
ଅମରେଶ ସ୍ୱାଇଁ ଓ ଅନ୍ୟମାନେ .......ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ. ୨. ଅମରେଶ ସ୍ୱାଇଁ, ପିତା- ଡକ୍ଟର ଅରୁଣ କୁମାର ସ୍ୱାଇଁ, ପ୍ଲଟ୍ ନଂ. ଏନ୍- ୧ ୩୩- ଏ, ଆଇଆରସି ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୩।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୨, ମୌଜା- ଗୋଠପାଟଣା

ସାବକ: ଖାତା ନମ୍ବର- ୯୨, ପ୍ଲଟ୍ ନମ୍ବର- ୪୯୭, କିସମ- ଶାରଦ-୩, ରକବା- ମୋଟ ଏ ୦.୪୧୦ ରୁ ଏ ୦.୧୧୯, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୩୬୫, ପ୍ଲଟ୍ ନମ୍ବର- ୯୯୬, କିସମ- ଶାରଦ ଅଣ ଜଳସେଚିତ ତିନି, ରକବା- ମୋଟ ଏ ୦.୧୫୭ ରୁ ଏ ୦.୧୧୯, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୦

## ମନେ ପଡ଼ନ୍ତି

### ପୁଣ୍ୟ ୨୫ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ



**୰ ବିଦ୍ୟାଧର ସାହୁ**

ଧରାବତରଣ : ତା:୦୧.୦୯.୧୯୧୬
ସ୍ୱର୍ଗାରୋହଣ: ତା: ୧୮.୦୩.୨୦୦୧
ଚୈତ୍ର, କୃଷ୍ଣ, ନବମୀ
ସା: ଗୋପାଳପୁର, ଥାନା : ଆଳି, ଜିଲା:କେନ୍ଦ୍ରାପଡ଼ା

ଚାହୁଁ ଚାହୁଁ ଆପଣଙ୍କର ସ୍ୱର୍ଗବାସକୁ ୨୫ବର୍ଷ ବିତିଗଲା। ଆପଣଙ୍କ ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ମ, ନିଷ୍ଠା ଓ ମେଳାପିପଣ, ସମସ୍ତଙ୍କୁ ଆପଣା କରିବାର କଳା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ, ଶିକ୍ଷଣୀୟ ଏବଂ ପ୍ରେରଣାର ଉତ୍ସ ହୋଇଛି। ସ୍ୱର୍ଗରେ ଥାଇ ଆପଣ ଆମ୍ଭମାନଙ୍କୁ ସତ୍‌ପଥରେ ଆପଣେଇବା ପାଇଁ ଆଶୀର୍ବାଦ କରୁଛନ୍ତି। ମହାପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତିରେ ରଖନ୍ତୁ, ଏହା ହିଁ ଆଜି ଦିନରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ

D-3613

### ୧୧ ତମ ଶ୍ରାଦ୍ଧବାର୍ଷିକୀ



**୰ ଡଃ ନାରାୟଣ ଦାଶ**

ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ସ୍ତ୍ରୀ ବୀଣାପାଣି ଦାଶ ଓ ପରିବାର ବର୍ଗ

D-75865

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ସତ୍ୟନାରାୟଣ ମହାନ୍ତି**

ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା। ପ୍ଲଟ୍ ନଂ. ୭୮୨, ବସନ୍ତ ନିବାସ, ଜେଲରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୧୬.୦୩.୧୯୪୩ ତିରୋଧାନ: ୨୩.୦୩.୨୦୨୫

ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତି ଗଲାଣି କିନ୍ତୁ ଆପଣଙ୍କର ଅନୁପସ୍ଥିତି ରେ ସୃଷ୍ଟି ହୋଇଥିବା ବିରାଟ ଶୂନ୍ୟତା ସବୁବେଳେ ଅନୁଭବ ହେଉଛି, ଆପଣ ଯେଉଁଠି ଥାନ୍ତୁ ଆପଙ୍କର ଆଶୀର୍ବାଦ ଆମ ଉପରେ ସର୍ବଦା ଥାଉ ଏବଂ ଆପଣଙ୍କ ଆଦର୍ଶ ଆମର ପଥ ପ୍ରଦର୍ଶକ ହେଉ।

।। ଇତି ।।

ଆପଣଙ୍କର ଶୋକସନ୍ତପ୍ତ ପରିବାର
ପତ୍ନୀ-ମାହେଶ୍ୱରୀ, ସୂର୍ଯ୍ୟ-ଚପଳାରାଣୀ (ସାନଭାଇ/ ବୋହୂ), ଶୈଳେଶ, ଶୁଭେନ୍ଦୁ (ପୁତ୍ର), ସ୍ନେହା, ଶ୍ରଦ୍ଧା (ପୁତ୍ରବଧୂ), ସିପ୍ରା, ସୁରଜିତ (ଝିଅ/ ଜ୍ୱାଇଁ), ନନ୍ଦୁ, ରାୟା, ଅଂଶି, ସାଗର (ନାତି/ ନାତୁଣୀ)

D-3615


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ସଜବାଜ ହେଉଛନ୍ତି ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ସଜବାଜ ହେଉଛନ୍ତି। କେବଳ ସେତିକି ନୁହେଁ, ଏଥିଲାଗି ସେ ପୂରାଦମ୍‌ରେ ଲାଗିପଡିଛନ୍ତି। ହେଲେ କ'ଣ ପାଇଁ ଏଭଳି ସ୍ୱତନ୍ତ୍ର ସଜବାଜ ହେଉଛନ୍ତି ? କଥା କ'ଣ କି ଅନନ୍ୟା ଖୁବ୍ ଶୀଘ୍ର ଦର୍ଶକଙ୍କ ସାମନାକୁ ଡବଲ ରୋଲ୍‌ରେ ଆସିବେ। ଏହି ଫିଲ୍ମଟିର ପ୍ରଯୋଜନା ଜଣେ ନୂଆ ପ୍ରଯୋଜକ କରୁଛନ୍ତି। ହେଲେ ଏହାର ଷ୍ଟୋରି ଆଇଡିଆ କିଏ ଦେଇଛନ୍ତି ଜାଣନ୍ତି ? ଖୋଦ୍ ଅନନ୍ୟା। ତେବେ ଏ ବିଷୟରେ ସେ କହନ୍ତି, ''ଜଣେ ଗାଉଁଲୀ ଯୁବତୀ ସମାଜରେ କିଛି ଉନ୍ନତିମୂଳକ କାମ କରିବାକୁ ଆଗଭର ହୋଇଛି। ହେଲେ ଏହି ସମୟରେ ତାକୁ କେତେକ ବାଧାବିଘ୍ନର ସାମନା କରିବାକୁ ପଡିଛି। ଏଭଳି ସମୟ ଆସିଛି ସେ ଏକ ନୂଆ ରୂପରେ ନିଜର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିଛି। ଏଭଳି ଏକ ଭିନ୍ନ ଭିନ୍ନ ଦୁଇଟି ରୋଲ୍ ମୋତେ ତୁଲାଇବାକୁ ପଡିବ। ତେଣୁ ଏବେଠାରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି।'' ଅନନ୍ୟାଙ୍କର ବଲିଉଡ୍ କ୍ୟାରିୟର ୨୦୧୯ରୁ ଆରମ୍ଭ ହୋଇଥିଲା ଆଉ ତାଙ୍କର ପ୍ରଥମ ସିନେମାର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'।


ଅନନ୍ୟା


ସାନ୍ୟାକ

# ୧୫,୦୦୦ ଟଙ୍କାରୁ ଆରମ୍ଭ

ସାନ୍ୟା ମାଲହୋତ୍ରା ଅଭିନୟ କରିବା ପୂର୍ବରୁ ଡ୍ୟାନ୍ସ ସହ ଜଡିତ ଥିଲେ। ଯେତେବେଳେ ସେ ମୁମ୍ବାଇ ଆସିଲେ ତାଙ୍କର ଲକ୍ଷ୍ୟ ଥିଲା ଜଣେ ନାମୀ ଡ୍ୟାନ୍ସର ହେବା ଆଉ କୋରିଓଗ୍ରାଫି କରିବା। ପ୍ରଥମେ କିଛି ରୋଜଗାର କରିବାକୁ ସେ ଏକ ସ୍କୁଲରେ ଡ୍ୟାନ୍‌ସ ଟିଚର ଭାବରେ କାମ କରିଥିଲେ। ଆଉ ସେତେବେଳେ ତାଙ୍କର ପ୍ରଥମ ପାରିଶ୍ରମିକ କେତେ ଥିଲା ଜାଣନ୍ତି ? ମାତ୍ର ୧୫,୦୦୦ଟଙ୍କା। ଆଉ ଏହାକୁ ପାଇବା ପରେ ସେ ବେଶ୍ ଭାବପ୍ରବଣ ହୋଇପଡିଥିଲେ। ଏ ବିଷୟରେ ସାନ୍ୟା କହନ୍ତି, ''ଯେତେବେଳେ ମୋତେ ମୁମ୍ବାଇସ୍ଥିତ ଏକ ସ୍କୁଲରେ ଡ୍ୟାନ୍ସ ଟିଚର ଭାବରେ ଆପଏଣ୍ଟମେଣ୍ଟ ମିଳିଲା ସେତେବେଳେ ମୋ ଖୁସିର ସୀମା ନ ଥିଲା। ଆଉ ଯେତେବେଳେ ପ୍ରଥମ ସାଲାରି ପାଇଲି ସେତେବେଳେ ମୁଁ ଭାବପ୍ରବଣ ହୋଇପଡିଥିଲି। ମୋର ଦୁଇ ଆଖି ଛଳଛଳ ହୋଇଯାଇଥିଲା। ପାଖାପାଖି ଅଧ ଘଣ୍ଟାଏ ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି।'' ସାନ୍ୟାଙ୍କ ପ୍ରଥମ ସିନେମା 'ଦଙ୍ଗଲ' ସୁପରହିଟ୍ ହୋଇଥିଲା। ଏଥିରେ ବବିତା ପୋଘଟ ଭୂମିକା ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ପାଖାପାଖି ୧୦୦୦ ନବାଗତାଙ୍କ ମଧ୍ୟରୁ ସାନ୍ୟାଙ୍କୁ ଚୟନ କରାଯାଇଥିଲା।

## ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି, ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। କଥା କ'ଣ କିଛି ବର୍ଷର ନୀରବତା ପରେ ପରେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି ଅଂଶୁମାନ ସାମନ୍ତରାୟ। ନିକଟରେ ସେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ପୁଣି ଏଥିରେ ତାଙ୍କୁ ମିଳିଛି ଏକ ମନଲାଖି ଭୂମିକା।


ଅଂଶୁମାନ ସାମନ୍ତରାୟ

କାରଣ ଏହି ରୋଲ୍‌ରେ ଆକ୍ସନ ଭରିରହିଛି। ଏ ବିଷୟରେ ଅଂଶୁମାନ କହନ୍ତି, ''ଏହି ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଥିରେ ମୁଁ ମାଫିଆ ଡନ୍ ରୋଲ୍‌ରେ ଅଭିନୟ କରିବି ଯେଉଁଥିରେ ଆକ୍ସନ ଭରିରହିଛି। ଭୂମିକାଟିକୁ ସକ୍‌ସେସ କରିବାକୁ ଶତ ପ୍ରତିଶତ ଚେଷ୍ଟା କରିବି।'' ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ 'ଆଇଲାରେ ଓଡ଼ିଆ ପୁଅ'ରୁ ଅଂଶୁମାନ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ।

# ଜଙ୍ଗଲ ଜଲୁଛେ

'ଜଙ୍ଗଲ ଜଲୁଛେ'-ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାରଣା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ସଂଳାପ ରଚନା କରିଛନ୍ତି ଗୋରେଖ ନାଥ ସାହୁ ଏବଂ ନିବେଦିତା ନାୟକ। ବିଭିନ୍ନ ଭୂମିକାରେ ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧା ମହାରଣା ଏବଂ ମୁନା ମୋଦି ଅଭିନୟ କରିଛନ୍ତି।

ନୂଆ ସିନେମା

## ମୋନଷ୍ଟର : ଦ ଅଲ୍‌ଟିମେଟ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର : ଦ ଅଲ୍‌ଟିମେଟ'। ଖାସ୍ କଥା ହେଲା ଏହି


ଆଦିତ୍ୟ

ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆଦିତ୍ୟ। 'ଆଇ ଲଭ୍ ୟୁ-୨'ରୁ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଗୋପୀନାଥ ମୋସନ ପିକ୍ଚର୍ସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ବିଶେଷଭାବରେ ଏଥିରେ ଆକ୍ସନ ଭରି ରହିଛି। ଆଉ ଏକ ଖାସ୍ କଥା ହେଲା ଆଦିତ୍ୟଙ୍କ ଅଭିନୀତ ପ୍ରଥମ ସିନେମାର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସେ ମଧ୍ୟ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉକ୍ତ ବିଗ୍ ବଜେଟ ସିନେମାରେ ରୋବୋଟିକ୍ ଆର୍ମ ମେଶିନ୍ ବ୍ୟତୀତ ଆହୁରି ଅନେକ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଫିଲ୍ମଟିର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି ଆଦିତ୍ୟ। ପ୍ରଥମ ସିନେମାରେ ରୋମାଣ୍ଟିକ ଭୂମିକାରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ ଏବେ ନିଜର ଦ୍ୱିତୀୟ ସିନେମା ମଧ୍ୟ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ସେ ଆଶା ରଖିଛନ୍ତି। ଫିଲ୍ମଟି ଚଳିତ ବର୍ଷ ଦଶହରାରେ ରିଲିଜ ହେବାର ଯୋଜନା ରହିଛି ବୋଲି ଜଣାପଡିଛି।

# ଯଦି ମୃଣାଳ ରାଜି ହୋଇଥାଆନ୍ତେ...

ମୃଣାଳ ଠାକୁର କେବଳ ତେଲୁଗୁ ନୁହେଁ ବେଶ୍ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି।୨୦୧୪ରେ ସେ 'ହେଲୋ ନନ୍ଦନ' ନାମକ ଏକ ମରାଠୀ ଫିଲ୍ମରେ ଅଭିନୟ କରିଥିଲେ। ଏହାର ଚାରି ବର୍ଷ ପରେ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା। ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମାଟି ଥିଲା 'ଲଭ୍ ସୋନିଆ'। କିନ୍ତୁ ନିଜ ଆକ୍ଟିଂ କ୍ୟାରିୟର ମଧ୍ୟରେ ସେ ଗୋଟିଏ କଥାକୁ ପ୍ରାୟ ସବୁବେଳେ ମନେ ପକାନ୍ତି। ଏକଦା ତାଙ୍କୁ ଆମିର ଖାନ୍‌ଙ୍କ ଅଭିନୀତ 'ଥଗ୍‌ସ ଅଫ ହିନ୍ଦୁସ୍ତାନ'ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ। ''ଯଦି ମୁଁ 'ଥଗ୍‌ସ ଅଫ ହିନ୍ଦୁସ୍ତାନ' ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତି, ତେବେ ତାହା ମୋ କ୍ୟାରିୟରର ଆଉ ଏକ ହିଟ୍ ସିନେମା ଭାବରେ ପରିଗଣିତ ହୋଇଥାଆନ୍ତା। ହେଲେ କେତେକ କାରଣରୁ ମୁଁ ଏହି ଅଫରଟିକୁ ହାତଛଡା କରିଥିଲି। ଅବଶ୍ୟ ଏବେ ସେ କଥା ଭାବିଲା ବେଳକୁ ମନ ଦୁଃଖ ହେଉଛି। ପିଲାଦିନେ ତାଙ୍କର ଫଟୋଗ୍ରାଫି ଏକ ନିଶା ଥିଲା। ସେହି ସମୟରେ ସେ ବିଶେଷଭାବରେ ଛୁଟିଦିନଗୁଡ଼ିକରେ ଫଟୋ ଉଠାଇ ସେଗୁଡିକୁ ଏକ ସ୍ୱତନ୍ତ୍ର ଆଲବମ୍ କରି ସାଇତି ରଖୁଥିଲେ।


ମୃଣାଳ

ଛୋଟ ପରଦା

# ତୁ ଖରା ମୁଁ ଛାଇ

ଜୀ ସାର୍ଥକରେ ପ୍ରସାରିତ ତଥା ଅକ୍ଷୟ ପରିଜାଙ୍କ ପ୍ରଯୋଜିତ ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶତି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' (ସୋମବାରରୁ ଶନିବାର ରାତି ୮.୩୦)୧୦୦୦ତମ ଏପିସୋଡ୍‌ରେ ପହଞ୍ଚିଛି। ସାତ ବର୍ଷ ପରେ ମାନି (ସ୍ମୃତି)ର ମୃତ୍ୟୁ ଖବର ଅଭି (ରଞ୍ଜନ)କୁ ଭିତରୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ହେଲେ ମାନି ମରିନାହିଁ ବରଂ ନିଜ ପୁଅକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରୁଛି। କାହାଣୀରେ ମାଧବ'ର ପ୍ରବେଶ ସବୁକିଛି ଓଲଟପାଲଟ କରିଦେଉଛି। ଏହାପରେ କ'ଣ ଘଟୁଛି ତାହା ଧାରାବାହିକର ପରବର୍ତ୍ତୀ ଏପିସୋଡ୍ ଦେଖିଲେ ଜାଣିପାରିବେ। ''ଆମର ପ୍ରତିଟି ମେଗା ଧାରାବାହିକଗୁଡିକୁ ମିଳିଛି ଦର୍ଶକଙ୍କ ପ୍ରଚୁର ଭଲ ପାଇବା। 'ତୁ ଖରା ମୁଁ ଛାଇ'ର ସଫଳତା ଆମକୁ ଆହୁରି ଉତ୍ସାହିତ କରିଛି ବୋଲ କହନ୍ତି ଜୀ-ସାର୍ଥକର ଚିଫ୍ ଚାନେଲ ଅଫିସର ରାହୁଲ ରାଓ ।''


ରଞ୍ଜନ-ସ୍ମୃତି

# ନାମକରଣ ରହସ୍ୟ

ଟାଇଗର ଶ୍ରଫ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା। ଜ୍ୟାକି ଶ୍ରଫଙ୍କର ଏହି ସୁପୁତ୍ର ନିଜର ଆକ୍ସନ ଏବଂ ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ତାଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ଜୟ ହେମନ୍ତ ଶ୍ରଫ। ହେଲେ ପରବର୍ତ୍ତୀ ସମୟରେ ସେ ଟାଇଗର ନାମରେ ପରିଚିତ ହେଲେ। ଏହାପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ତାହା କ'ଣ ଜାଣିବେନି ? ପିଲାଦିନେ ସେ ଅନ୍ୟମାନଙ୍କୁ କାମୁଡିବାକୁ ଗୋଡାଉଥିଲେ। ପୁଅର ଏଭଳି ପ୍ରକୃତି ଦେଖି ଜ୍ୟାକି ତାକୁ 'ଟାଇଗର' ବୋଲି ଡାକିବା ଆରମ୍ଭ କଲେ। ବାସ୍, ତା'ପରେ ଏହି ନାମଟିକୁ ସମସ୍ତେ ଗ୍ରହଣ କରିନେଲେ। ଆଉ ସେହି ଦିନରୁ ସେ ଟାଇଗର ଶ୍ରଫ ଭାବରେ ପରିଚିତ। ଟାଇଗର ହେଉଛନ୍ତି ଫିଫ୍‌ଥ ଗ୍ରେଡ ଟାଇକୋଣ୍ଡୋ ବ୍ଲାକ୍ ବେଲ୍ଟ ହୋଲ୍‌ଡର। ସେ ଅଭିନୟ କରୁଥିବା ସିନେମାଗୁଡିକରେ ନିଜେ ହିଁ ଅଧିକାଂଶ ଷ୍ଟଣ୍ଟ କରିଥାଆନ୍ତି। ଏ କ୍ଷେତ୍ରରେ ସେ ବ୍ରୁସ୍ ଲି'ଙ୍କୁ ନିଜର ମଡେଲ ଭାବରେ ଗ୍ରହଣ କରିଛନ୍ତି। ଡ୍ୟାନ୍ସରେ ମଧ୍ୟ ସେ ପଛରେ ପଡିନାହାନ୍ତି। ମାଇକେଲ ଜ୍ୟାକ୍‌ସନଙ୍କ ଡ୍ୟାନ୍ସ ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥିଲା। ଟାଇଗର ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ ଥାଆନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ହିରୋପନ୍ତି'। ଯେତେବେଳେ ସେ 'ବାଗୀ' ଫିଲ୍ମରେ ଅଭିନୟ କଲେ ସେତେବେଳେ ତାଙ୍କର ନାୟିକା ସାଜିଥିଲେ ଶ୍ରଦ୍ଧା କପୁର। ସୂଚନାଯୋଗ୍ୟ ଦୁହେଁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ।


ଟାଇଗର




# ଆର୍‌ସିବି-ସନ୍‌ରାଇଜର୍ସ ଉଦ୍‌ଘାଟନୀ ମୁକାବିଲା

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ବୁଧବାର ଘୋଷିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ଚଳିତ



ମକାସ ୨୮ ତାରିଖରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ସମ୍ପ୍ରତି ଦେଖାଦେଇଥିବା ପଶ୍ଚିମ ଏସିଆ ବିବାଦ ପରିପ୍ରେକ୍ଷୀରେ ଖେଳାଳିଙ୍କ ଟ୍ରାଭେଲକୁ ନେଇ ଚିନ୍ତା ରହିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିଆଇ) ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ମ୍ୟାଚର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଉଦ୍‌ଘାଟନୀ ସମେତ ବେଙ୍ଗାଲୁରୁରେ ହେବାକୁ ଥିବା ସମସ୍ତ ମ୍ୟାଚ କର୍ନାଟକ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟିର କ୍ଲିୟରାନ୍ସ ଉପରେ ନିର୍ଭର କରିବ। ଆସନ୍ତା ୧୩ ତାରିଖରେ ଏକ୍ସପର୍ଟ କମିଟିର ସଦସ୍ୟମାନେ ଭେନ୍ୟୁ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଗତ ସିଜନରେ ହୋଇଥିବା ମାରାତ୍ମକ ଦଳାଚକଟା ସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଆରସିବିର ବିଜୟ ଉତ୍ସବ ପାଳନ ଅବସରରେ ଦଳାଚକଟାରେ ୧୧ ଲୋକଙ୍କ ଜୀବନ ଯାଇଥିଲା।

ତିନୋଟି ରାଜ୍ୟ ତାମିଲନାଡୁ, ଆସାମ ଓ ପଶ୍ଚିମବଙ୍ଗ ନିର୍ବାଚନ ତାରିଖ ଘୋଷଣା ପରେ ଆଇପିଏଲ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇବ। ନିର୍ବାଚନ ସମେତ ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସଂଘର୍ଷ ଜନିତ ସ୍ଥିତି ଉପରେ ମଧ୍ୟ ବିସିସିଆଇ କର୍ମକର୍ତ୍ତାଙ୍କ ନଜର ରହିବ। ଯୁଦ୍ଧଯୋଗୁ ଅନ୍ତର୍ଜାତୀୟ ଟ୍ରାଭେଲ ଗୁରୁତର ପ୍ରଭାବିତ ହୋଇଛି। ଏଥିପାଇଁ ଟି୨୦ କ୍ରିକେଟ ବିଶ୍ୱକପ ପାଖାପାଖି ସପ୍ତାହେ ହେଲା ସରି ଯାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିଛି ଖେଳାଳି ଏପର୍ଯ୍ୟନ୍ତ ସେମାନଙ୍କ ଘରେ ପହଞ୍ଚି ପାରିନାହାନ୍ତି। ତେଣୁ ସେମାନେ ଠିକ୍ ସମୟରେ ସେମାନଙ୍କ ଆଇପିଏଲ୍ ଦଳରେ ଯୋଗ ଦେଇ ପାରୁଛନ୍ତି କି ନାହିଁ ତାହା ଦେଖିବାର ଅଛି।

ଏହି ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ୫ଟି ଘରୋଇ ମ୍ୟାଚ ବେଙ୍ଗାଲୁରୁରେ ଏବଂ ୨ଟି ରାୟପୁରରେ ଖେଳିବ। ପଞ୍ଜାବ କିଙ୍ଗ୍ସ ଏହାର ୪ ଘରୋଇ ମ୍ୟାଚ ନ୍ୟୁ ଚଣ୍ଡିଗଡ଼ରେ ଏବଂ ୩ଟି ଧର୍ମଶାଳାରେ ଖେଳିବ। ସେହିପରି ରାଜସ୍ଥାନ ରୟାଲ୍ସ ୩ ଘରୋଇ ମ୍ୟାଚ ଗୁଆହାଟୀରେ ଏବଂ ୪ଟି ଜୟପୁରରେ ଖେଳିବ। ପ୍ରଥମ ୧୬ ଦିନ ମଧ୍ୟରେ ୪ଟି ଡବଲ ହେଡର ମ୍ୟାଚ ଖେଳାଯିବ। ଅପରାହ୍ନ ମ୍ୟାଚ ଗୁଡ଼ିକ ୩ଟା ୩୦ରେ ଏବଂ ସନ୍ଧ୍ୟା ମ୍ୟାଚ ୭ଟା ୩୦ରେ ଆରମ୍ଭ ହେବ। ବେଙ୍ଗାଲୁରୁ ଦଳ ୭ମ ଥରଲାଗି ଉଦ୍‌ଘାଟନୀ ମ୍ୟାଚ ଖେଳିବାକୁ ଯାଉଛି। ତେବେ ଡିଫେଣ୍ଡିଂ ଚାମ୍ପିୟନଭାବେ ଏହା ହେବ ଦଳପାଇଁ ପ୍ରଥମ ମ୍ୟାଚ।

### ଆଇପିଏଲ୍ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୨୮ | ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ | ବେଙ୍ଗାଲୁରୁ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୨୯ | ମୁମ୍ବାଇ ବନାମ କୋଲକାତା | ମୁମ୍ବାଇ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୩୦ | ରାଜସ୍ଥାନ ବନାମ ଚେନ୍ନାଇ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୩୧ | ପଞ୍ଜାବ ବନାମ ଗୁଜରାଟ | ନ୍ୟୁ ଚଣ୍ଡିଗଡ଼ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧ | ଲକ୍ଷ୍ନୌ ବନାମ ଦିଲ୍ଲୀ | ଲକ୍ଷ୍ନୌ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୨ | କୋଲକାତା ବନାମ ହାଇଦ୍ରାବାଦ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୩ | ଚେନ୍ନାଇ ବନାମ ପଞ୍ଜାବ | ଚେନ୍ନାଇ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୪ | ଦିଲ୍ଲୀ ବନାମ ମୁମ୍ବାଇ | ଦିଲ୍ଲୀ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୪ | ଗୁଜରାଟ ବନାମ ରାଜସ୍ଥାନ | ଅହମଦାବାଦ୍ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୫ | ହାଇଦ୍ରାବାଦ ବନାମ ଲକ୍ଷ୍ନୌ | ହାଇଦ୍ରାବାଦ୍ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୫ | ବେଙ୍ଗାଲୁରୁ ବନାମ ଚେନ୍ନାଇ | ବେଙ୍ଗାଲୁରୁ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୬ | କୋଲକାତା ବନାମ ପଞ୍ଜାବ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୭ | ରାଜସ୍ଥାନ ବନାମ ମୁମ୍ବାଇ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୮ | ଦିଲ୍ଲୀ ବନାମ ଗୁଜରାଟ | ଦିଲ୍ଲୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୯ | କୋଲକାତା ବନାମ ଲକ୍ଷ୍ନୌ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୦ | ରାଜସ୍ଥାନ ବନାମ ବେଙ୍ଗାଲୁରୁ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୧ | ପଞ୍ଜାବ ବନାମ ହାଇଦ୍ରାବାଦ | ନ୍ୟୁ ଚଣ୍ଡିଗଡ଼ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୧୧ | ଚେନ୍ନାଇ ବନାମ ଦିଲ୍ଲୀ | ଚେନ୍ନାଇ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୨ | ଲକ୍ଷ୍ନୌ ବନାମ ଗୁଜରାଟ | ଲକ୍ଷ୍ନୌ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୧୨ | ମୁମ୍ବାଇ ବନାମ ବେଙ୍ଗାଲୁରୁ | ମୁମ୍ବାଇ | ସନ୍ଧ୍ୟା ୭ଟା ୩୦ |

# ଟାଇଟଲ ବଜାୟ ରଖିଲା ସୁନ୍ଦରଗଡ଼



ଚାମ୍ପିୟନ ସୁନ୍ଦରଗଡ଼ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

## କଳାହାଣ୍ଡି କପ୍

କଟକ, ୧୧।୩ (କୁମାରଶ୍ରୀ)

କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ କଟକ-ଏ'କୁ ହରାଇ ଟାଇଟଲ ବଜାୟ ରଖିଛି। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ସୁନ୍ଦରଗଡ଼ ଦଳ କ୍ରମାଗତ ଦ୍ୱିତୀୟଥର ଲାଗି କଳାହାଣ୍ଡି କପ୍ ବିଜେତା ହୋଇଛି। ବିଜୟୀ ଦଳକୁ ଟ୍ରଫି ସହ ୫ ଲକ୍ଷ ଓ ରନରଅପ୍ ଦଳକୁ ଟ୍ରଫି ଓ ୩ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସୌମ୍ୟରଞ୍ଜନ ଲେଙ୍କା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ କଟକ-ଏ' ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଓପ୍‌ନର ରାଜେଶ ଧୂପର ୪ ଏବଂ ରାମଚନ୍ଦ୍ର ବେହେରା ୧୩ ରନ୍‌ରେ ପାଭିଲିୟନ ଫେରିଥିଲେ। ପରେ ସମ୍ବିତ୍ କୁମାର ବେଜା ଖାତା ଖୋଲିବା ପୂର୍ବରୁ କ୍ରିଜ୍ ଛାଡ଼ିଥିଲେ। ସାଇଦୀପ ମହାପାତ୍ର ୭୪, ଅନିଲ ପରିଡ଼ା ୪୩ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ୩୩ ରନ୍ ବଳରେ କଟକ-ଏ' ୯ ଉଇକେଟ ବିନିମୟରେ ୨୩୬ ରନ୍ କରିଥିଲା। ସୁନ୍ଦରଗଡ଼ ପକ୍ଷରୁ ଅଧିନାୟକ ଗୋବିନ୍ଦଙ୍କ ସମେତ କ୍ରୀଷ୍ଣା ପଲାଇ, ଅଭିଷେକ ସିଂହ ଏବଂ ସୌମ୍ୟରଞ୍ଜନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୩୭ ରନ୍ ବିଜୟଲକ୍ଷ୍ୟକୁ ସୁନ୍ଦରଗଡ଼ ୪୩ ଓଭରରେ ୮ ଉଇକେଟ ହରାଇ ହାସଲ କରିନେଇଥିଲା। ଓପ୍‌ନର ବିଭାଶ ସ' ୩୨ ବଲ୍‌ରୁ ୫୨ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ୱାଲଟର ଟପ୍ପୋ ୪୧, ଗୋବିନ୍ଦ ୨୯ ଓ ସୌଭାଗ୍ୟ ରାଉତ ୨୮ ରନ୍ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିବା ସୌମ୍ୟ ୧୯ ବଲ୍‌ରୁ ୨୩ ରନ୍ କରିଥିଲେ। ଦୁଇ ସ୍ପିନର ଶୁଭମ ନାୟକ ଏବଂ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ବିସିସିଆଇ ମ୍ୟାଚ୍ ରେଫରି ସଞ୍ଜୟ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ରେ ବୁଧବାର ଅତିଥିଭାବେ ଯୋଗ ଦେଇଥିବା ଅଲିମ୍ପିଆନ ଦ୍ୟୁତୀ ଚାନ୍ଦ କର୍ମକର୍ତ୍ତାଙ୍କ ଗହଣରେ।

**ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ**

# ଭାରତ ସେମିରେ

**ହାଇଦ୍ରାବାଦ, ୧୧।୩ :** ସ୍ଥାନୀୟ ଜିଏମ୍‌ସି ବାଲାଯୋଗୀ ହକି ଗ୍ରାଉଣ୍ଡରେ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ପୁଲ୍ 'ବି'ର ଏକ ମୁକାବିଲାରେ ନବନୀତ କୌରଙ୍କ ହ୍ୟାଟ୍ରିକ ସହାୟତାରେ ଭାରତ ୪-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଭାରତ କେବଳ ସେମିଫାଇନାଲରେ ପ୍ରବେଶ କରିନାହିଁ ଦଳ ସ୍କଟଲାଣ୍ଡ ଆଗରେ ପୁଲ୍ 'ବି' ଟପର ହୋଇଛି। ପୁନଶ୍ଚ ଏହି ବିଜୟ ଦ୍ୱାରା ପ୍ରତିଯୋଗିତାର ସର୍ବୋଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଦଳ ଇଂଲଣ୍ଡ ସହିତ ମୁକାବିଲାକୁ ଭାରତ ଏଡ଼ାଇ ପାରିଛି। ମାର୍ଚ୍ଚ ୧୩ରେ ଖେଳାଯିବାକୁଥିବା ସେମିଫାଇନାଲରେ ଦଳ ଇଟାଲୀକୁ ଭେଟିବ। ବୁଧବାର ମୁକାବିଲାରେ ନବନୀତ ୨୯ତମ, ୩୪ତମ ଓ ୫୫ତମ ମିନିଟ୍‌ରେ ତାଙ୍କ ଗୋଲ୍‌ଗୁଡ଼ିକ ସ୍କୋର କରିଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ସାକ୍ଷୀ ରାଣା ଖେଳର ୭ମ ମିନିଟରେ ଦେଇଥିଲେ। ୱେଲ୍ସ ପକ୍ଷରୁ ବେଟ୍‌ସାନ ଥୋମାସ ଖେଳର ୩୯ତମ ମିନିଟ୍‌ରେ ଦଳପକ୍ଷରୁ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ସୂଚନାଯୋଗ୍ୟ, ୮ଟି ଦଳକୁ ନେଇ ହେଉଥିବା ଏହି ଟୁର୍ନାମେଣ୍ଟରୁ ଶ୍ରେଷ୍ଠ ୩ଟି ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ବିଶ୍ୱକପ୍ ବିଜୟୀ ଭାରତକୁ ମିଳିଲା ୨୫ କୋଟି ପୁରସ୍କାର

ଦୁବାଇ, ୧୧।୩ (ପି.ଟି.)

ପୁରୁଷ ଟି୨୦ ବିଶ୍ୱକପ୍ ବିଜେତା ଭାବେ ଭାରତକୁ ପୁରସ୍କାରର ବଡ଼ଭାଗ ୨,୭୩୯,୪୨୩ ଆମେରିକୀୟ ଡଲାର (ପ୍ରାୟ ୨୫ କୋଟି ଟଙ୍କା) ପ୍ରଦାନ କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଘୋଷଣା କରାଯାଇଛି। ଭାରତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଟ୍ରଫି ହାସଲ କରିପାରିଛି। ୨୦୨୪ ମସିହାରେ ପ୍ରଚଳିତ ଆଇସିସି ପୁରସ୍କାର ରାଶିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିବା ଏହି ପୁରସ୍କାରରୁ ପ୍ରତିଫଳିତ ହେଉଛି। ଖେଳାଳିମାନଙ୍କ ଆର୍ଥିକ ପୁରସ୍କାର ବୃଦ୍ଧି ଏବଂ ବିଶ୍ୱରେ କ୍ରିକେଟ୍ ଖେଳର ପ୍ରସାରକୁ ଲକ୍ଷ୍ୟ ରଖି ଏହା କରାଯାଇଛି। ରନରଅପ୍ ନ୍ୟୁଜିଲାଣ୍ଡ ଜାତୀୟ କ୍ରିକେଟ ଦଳକୁ ୧,୪୨୨,୬୯୨ ଆମେରିକୀୟ ଡଲାର(ପ୍ରାୟ ୧୩ କୋଟି ଟଙ୍କା) ଏବଂ ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଯଥାକ୍ରମେ ୯.୨୪ କୋଟି ଏବଂ ୮.୯୬ କୋଟି ଟଙ୍କା ପାଇଛନ୍ତି। ଅନ୍ୟ ଫିନିଶରଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ୫୩୮,୨୬୯ ଡଲାର ଏବଂ ଶ୍ରୀଲଙ୍କା ୫୨୨.୬୯୨ ଡଲାର ପାଇଛି। ସେହିପରି ଜିମ୍ବାୱେ ଜାତୀୟ ଦଳକୁ ୪୯୧,୫୩୮ ଏବଂ ଶ୍ରୀଲଙ୍କାକୁ ୪୭୫,୬୯୨ ଡଲାର ମିଳିଛି। ସୁପର-୮ରୁ ବାଦ୍ ପଡ଼ିଥିବା ଆଫଗାନିସ୍ତାନ, ଅଷ୍ଟ୍ରେଲିଆ ଓ ୟୁଏସ୍ ପ୍ରତ୍ୟେକଙ୍କୁ ୩୦୯, ୮୦୮ ଡଲାର ଲେଖାଏ ମିଳିଛି। ଅନ୍ୟ ୪ଟି ଦଳ ଇଟାଲୀ, ନେଦରଲାଣ୍ଡ୍ସ, ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଓ ନେପାଳ ପ୍ରତ୍ୟେକେ ୨୫୬,୧୫୪ ଲେଖାଏ ଡଲାର ପାଇଛନ୍ତି ଏବଂ କାନାଡାକୁ ୨୨୫,୦୦୦ ଡଲାର ମିଳିଛି।

**ପଶ୍ଚିମ ଏସିଆ ବିବାଦ**

# ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସ୍ଥଗିତ

**ନୂଆଦିଲ୍ଲୀ, ୧୧।୩ (ପି.ଟି.):** ପଶ୍ଚିମ ଏସିଆ ବିବାଦ ଯୋଗୁ ଏପ୍ରିଲରେ ଅହମଦାବାଦ୍‌ରେ ହେବାକୁଥିବା ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯିବା ସଙ୍ଗେସଙ୍ଗେ ଏହାକୁ ମେ' ମାସକୁ ଘୁଞ୍ଚାଇ ଦିଆଯାଇଛି। ଏହି ମହାଦେଶୀୟ ଇଭେଣ୍ଟ ପ୍ରକୃତରେ ଏପ୍ରିଲ ୧ରୁ ୧୦ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ଥିଲା। ବର୍ତ୍ତମାନ ଏହାକୁ ମେ' ୧୨ରୁ ୧୭ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏସୀୟ ଭାରୋତ୍ତୋଳନ ମହାସଂଘ(ଏଡବ୍ଲ୍ୟୁଏଫ୍) କହିଛି, ସମସ୍ତ ପ୍ରତିନିଧିମଣ୍ଡଳୀ ଯେପରି ସୁରକ୍ଷିତ ସହ ପ୍ରତିଯୋଗିତାରେ ଭାଗ ନେଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ମଧ୍ୟପ୍ରାଚ୍ୟ ଓ ଉପସାଗର ଅଞ୍ଚଳର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ୨୦୨୬ ଏଡବ୍ଲ୍ୟୁଏଫ୍ ଏସିଆନ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌କୁ ଘୁଞ୍ଚାଇବାକୁ ପଡ଼ିଛି।

# ବ୍ୟାଟିଂରେ ଅଭିଷେକ-କିଶନ ପ୍ରଥମ-ଦ୍ୱିତୀୟ

ଦୁବାଇ, ୧୧।୩ (ପି.ଟି.)

ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଇଶାନ କିଶନ ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ବ୍ୟାଟର ର୍‍ୟାଙ୍କିଙ୍ଗ୍ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଅଭିଷେକ ଶର୍ମା ତାଙ୍କଠାରୁ ୪ ପଏଣ୍ଟ ବ୍ୟବଧାନରେ ରହି ପ୍ରଥମ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ଦ୍ରୁତ ଅର୍ଦ୍ଧଶତକ ପାଇଁ ଅଭିଷେକ ର୍‍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଟୁର୍ନାମେଣ୍ଟରେ ମୋଟ ୩୧୭ ରନ୍ ସଂଗ୍ରହ ପରେ ବାମହାତୀ ଇଶାନ କିଶନ ଦୁଇ ସ୍ଥାନ ଉନ୍ନତି ସହ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। କିଶନଙ୍କ ରେଟିଂ ପଏଣ୍ଟ ୮୭୧ ରହିଥିବା ବେଳେ ଅଭିଷେକଙ୍କ ପଏଣ୍ଟ ସଂଖ୍ୟା ୮୭୫ ରହିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟିମ୍ ଶିଫର୍ଟଙ୍କ ପଏଣ୍ଟ ସଂଖ୍ୟା ୪ ସ୍ଥାନ ଉପରକୁ ଉଠି ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଟି୨୦ ବିଶ୍ୱକପ୍‌ରେ କେତୋଟି ପ୍ରଭାବୀ ବ୍ୟାଟିଂ ଯୋଗୁ ଇଂଲଣ୍ଡର ଜାକବ ବେଥେଲ ୧୭ ସ୍ଥାନ ଉନ୍ନତି ସହ ୧୬ତମ ସ୍ଥାନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ। ଅନ୍ତର୍ଜାତୀୟ ଟି୨୦ ବୋଲିଂ ର୍‍ୟାଙ୍କିଙ୍ଗ୍ ତାଲିକାରେ କିନ୍ତୁ ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭାରତ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରଥମ ସ୍ଥାନ ହରାଇବାକୁ ପଡ଼ିଛି। ତାଙ୍କ ସ୍ଥାନ ଆଫଗାନିସ୍ତାନ ସ୍ପିନର ରଶିଦ୍ ଖାନ୍ ଦଖଲ କରିନେଇଛନ୍ତି। ଚକ୍ରବର୍ତ୍ତୀଙ୍କ ପଏଣ୍ଟ ସଂଖ୍ୟା ୭୪୦ ରହିଥିବା ବେଳେ ରଶିଦ୍‌ଙ୍କ ପଏଣ୍ଟ ସଂଖ୍ୟା ୭୫୩ରେ ପହଞ୍ଚିଛି। ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟରେ ସେ ତାଙ୍କ ଦଳ ପାଇଁ ଚମତ୍କାର ବୋଲିଂ କରିଥିଲେ। ଚକ୍ରବର୍ତ୍ତୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗତ ସପ୍ତାହରେ କୌଣସି ମ୍ୟାଚ୍ ନ ଖେଳି ମଧ୍ୟ ରଶିଦ୍ ନମ୍ବର-୧ ସ୍ଥାନ ଅକ୍ତିଆର କରିନେଇଛନ୍ତି। ଗତ ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ନିମନ୍ତେ ଅନ୍ୟ କେତେଜଣ ଖେଳାଳିଙ୍କ ମଧ୍ୟ ଉନ୍ନତି ଘଟିଛି।

ଅନ୍ତର୍ଜାତୀୟ ଟି୨୦ ଅଲ୍‌ରାଉଣ୍ଡର ଦୌଡ଼ରେ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ଓ ଭାରତ ତାରକା ହାର୍ଦ୍ଦିକ୍ ପାଣ୍ଡ୍ୟା ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍**



ଅଭିଷେକ ଶର୍ମା ଓ ଇଶନ କିଶନ।

# ଅଷ୍ଟ୍ରେଲିଆ ଛାଡ଼ିଲା ଇରାନ ମହିଳା ଫୁଟ୍‌ବଲ ଦଳ

ଗୋଲ୍ଡକୋଷ୍ଟ, ୧୧।୩ (ଏପି)

ଇରାନ ମହିଳା ଫୁଟ୍‌ବଲ ଦଳ ଏହାର ୭ ସଦସ୍ୟଙ୍କୁ ଅଷ୍ଟ୍ରେଲିଆରେ ଛାଡ଼ି ସ୍ୱଦେଶ ଅଭିମୁଖେ ଗସ୍ତ କରିଛି। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପୂର୍ବରୁ ଏସିଆନ୍ ମହିଳା ଫୁଟ୍‌ବଲ କପ୍ ଖେଳିବା ଲାଗି ଅଷ୍ଟ୍ରେଲିଆ ଯାଇଥିଲା। ଦଳ ସେଠାରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବାଦ୍‌ପଡ଼ିଛି। ଯୁଦ୍ଧ ପରିସ୍ଥିତି ଯୋଗୁ ୭ ଜଣ ଖେଳାଳି ନିଜ ଦେଶକୁ ନ ଯାଇ ଅଷ୍ଟ୍ରେଲିଆରେ ଶରଣ ଭିକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ମାନବିକତା ଭିଜା ଗ୍ରହଣ କରିଛନ୍ତି, ଯାହାଫଳରେ ସେମାନେ ସ୍ଥାନୀୟ ଭାବେ ଅଷ୍ଟ୍ରେଲିଆରେ ବସବାସ କରିପାରିବେ।

# ପ୍ରାପ୍ତି ପଦ୍ମଭା, କାର୍ତ୍ତିକେୟ ଚାମ୍ପିୟନ

ଭୁବନେଶ୍ୱର, ୧୧।୩ (ତପନ ସ୍ୱାଇଁ)

**ଏଆଇଟିଏ-ଓଟିଏ ସବ୍‌ଜୁନିୟର ଟେନିସ୍**

ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ୧୦ ବର୍ଷରୁ କମ୍ ସବ୍‌ଜୁନିୟର ଟେନିସ୍ ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ୪ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କର୍ନାଟକରୁ ୨୧ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାର ବାଳିକା ବର୍ଗରେ ଓଡ଼ିଶାର ପ୍ରାପ୍ତି ପଦ୍ମଭା ଏବଂ ବାଳକରେ ଆନ୍ଧ୍ରପ୍ରଦେଶର କାର୍ତ୍ତିକେୟ ପଗଦଲ ଚାମ୍ପିୟନ ହୋଇଛନ୍ତି। ବାଳିକା ବର୍ଗ ଫାଇନାଲରେ ପ୍ରାପ୍ତି ପଦ୍ମଭା ନିଜ ରାଜ୍ୟର ଅଭିକା ମହାପାତ୍ରଙ୍କୁ ୪-୧, ୪-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଅଲ୍ ଆନ୍ଧ୍ର ପ୍ରଦେଶ ଫାଇନାଲରେ କାର୍ତ୍ତିକେୟ ୪-୨, ୧-୪, ୪-୨ରେ ଆଶୁତୋଷ ବର୍ମାଙ୍କୁ ହରାଇ ଦେଇଛନ୍ତି। ଓଟିଏ ସମ୍ପାଦକ ସଞ୍ଜୀବ ପଣ୍ଡା, ମୁଖ୍ୟ କୋଚ୍ ବିନୋଦ ସେଠ୍ ଓ ଶିବଶଙ୍କର ପରିଡ଼ା ପ୍ରମୁଖ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଓ ରେଫରି ଶିବଶଙ୍କର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳନା ହୋଇଥିଲା।



ପୁରସ୍କାର ସହ ଚାମ୍ପିୟନ, ରନରଅପ୍ ପ୍ରତିଯୋଗୀ ଓ ଅତିଥିବୃନ୍ଦ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ